ଆକାଶପଥେ ଟାରଜନ୍



Digitized by PPRACHIN, SOA

ଟାରଜନ୍ ସିରିଜ

ଷଷ୍ଠ ଖଣ୍ଡ

ଆକାଶପଥେ ଟାର୍ଜନ୍

(ଡିଟେକ୍ଟିଭ ଉପନ୍ୟାସ)

ଅକ୍ଷୟ୍ କୁମାର

Digitized by PPRACHIN, SOA

ସାଥୀ ପ୍ରକାଶନ
ଓଡ଼ିଆ ବଜାର କଟକ-୧

ତୃତୀୟ ସଂସ୍କରଣ
୧୯୮୪

ରଙ୍ଗ ପ୍ରିଣ୍ଟର୍ସ,
କଟକ-୮

Digitized by PPRACHIN, SOA

—ଏକ—

ଇଣ୍ଡିଆନ୍ ଏୟାର ଲାଇନର୍ ବିରାଟ ବୋଇଂ ଜେଟ୍ ବିମାନଟା ରନ୍‌ୱେ ଉପରେ ସଶବ୍ଦେ ଦୌଡ଼ିଦୌଡ଼ି ଠିଆହୋଇଗଲାବେଳକୁ ରାତ୍ର ଠିକ୍ ଗୋଟାଏ ପଚିଶ ।

ବିମାନଘାଟିର କେତେ ଜଣ କର୍ମଚାରୀ ଏବଂ ଆଗନ୍ତୁକ ବିମାନଯାତ୍ରୀମାନଙ୍କୁ ପାଛୋଟିନେବାପାଇଁ ଆସିଥିବା ସେମାନଙ୍କର ବନ୍ଧୁ, ଆତ୍ମୀୟସ୍ୱଜନଙ୍କ ବ୍ୟତୀତ ବାହାରର ଲୋକ କେହି ନ ଥିଲେ । ସହରର କୋଳାହଳ ନିସ୍ତବ୍ଧ ହୋଇଯାଇ-ଥିଲା । ଖାଲି ବିଜୁଳିବତୀର ମ୍ଳାନ ଆଲୋକ ରାଜପଥକୁ ଆଲୋକିତ କରୁଥିଲା ।

ବିମାନ ଅଟକିବାମାତ୍ରେ ଜଣ ଜଣ କରି ଯାତ୍ରୀ ଓହ୍ଲାଇଆସିଲେ । ତଳେ ସେମାନଙ୍କର ବନ୍ଧୁ, ଆତ୍ମୀୟମାନଙ୍କର ଅଭିନନ୍ଦନ, ପ୍ରୀତିସମ୍ଭାଷଣରେ ମୁଖରିତ ହୋଇଉଠିଲା ସେହି ଅଂଶଟା କିଛି ସମୟ ପାଇଁ ।

ବାରିଷ୍ଟର ଆତ୍ମାରାମ ପଟେଲ ୱେଟିଂ ରୁମ୍‌ର ବାହାରକୁ ଆସି କାହାକୁ ଅପେକ୍ଷା କରୁଥିଲେ ଯେପରି । ପୂର୍ବରୁ 'ହୋଟେଲ ଏସିଆନା'ରେ ତାଙ୍କର ରୁମ୍ ରିଜର୍ଭ କରାଯାଇଥିଲା । ସେଦିନ ବିମାନଘାଟିରେ ପ୍ଲେନ୍ ସମୟକୁ ହୋଟେଲର ଏଜେଣ୍ଟ ଆସି ତାଙ୍କୁ ସାକ୍ଷାତ କରିବାର କଥା; ମାତ୍ର ସେ ଆସି ନ ଥିଲେ । ଏଥିପାଇଁ ମିଷ୍ଟର ପଟେଲ ହୋଟେଲ ପରିଚାଳକଙ୍କ ଦାୟିତ୍ୱହୀନତା ପ୍ରତି ଟିକିଏ ବିରକ୍ତ ହୋଇଉଠିଥିଲେ ।

Digitized by PPRACHIN, SOA

ଠିକ୍ ଏତିକିବେଳେ କଳା ରଙ୍ଗର କାରଟାଏ ଆସି ବ୍ରେକ୍ କଲା ସେଇଠି । କାର ଭିତରୁ ଜଣେ ଭଦ୍ରଲୋକ ବାହାରିଆସି ଅପେକ୍ଷମାଣ ମିଷ୍ଟର ପଟେଲଙ୍କୁ ବିନୀତ ଭାବରେ ପ୍ରଶ୍ନ କଲେ—"କ୍ଷମା କରିବେ, ମହାଶୟ ! ଯଦି କିଛି ମନେ ନ କରନ୍ତି, ତେବେ ମୁଁ ପଚାରିବି, ଆପଣ ମିଷ୍ଟର ପଟେଲ୍ ନୁହନ୍ତି କି ?

ମିଷ୍ଟର ପଟେଲ ଲୋକଟାର ବିନମ୍ରତାରେ ମୁଗ୍ଧ ହୋଇଯାଇଥିଲେ । ସେ ହସିହସି କହିଲେ, "ଆରେ ! ଏଥିରେ କ୍ଷମା କରିବାର କ'ଣ ଅଛି ? ମୁଁ ମିଷ୍ଟର ପଟେଲ, ଆତ୍ମାରାମ ପଟେଲ ।"

ଆଗନ୍ତୁକ ନିଜକୁ 'ହୋଟେଲ ଏସିଆନା'ର ସହକାରୀ ମ୍ୟାନେଜର ବୋଲି ପରିଚୟ ଦେଲେ ଏବଂ ବିଳମ୍ବ ହୋଇଯାଇଥିବାରୁ କ୍ଷମା ପ୍ରାର୍ଥନା କଲେ । ତା'ପରେ କାର୍‌ର ପଛସିଟ୍ ଦରଜା ଖୋଲିଦେଇ ବସିବାକୁ ଅନୁରୋଧ କଲେ ମିଷ୍ଟର ପଟେଲଙ୍କୁ ।

ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରିବାକୁ ଉଦ୍ୟତ ହେଉଛି, ଏହି ସମୟରେ ଶ୍ୱେତାଙ୍ଗିନୀ ତରୁଣୀ ଜଣେ ଅସ୍ତବ୍ୟସ୍ତ ଭାବରେ ଧାଇଁଆସି କାର୍‌ର ଦରଜା ପାଖରେ ମୁଣ୍ଡକୁ ସାମାନ୍ୟ ନୁଆଁଇ ମିଷ୍ଟର ପଟେଲଙ୍କୁ ଲକ୍ଷ୍ୟକରି କହିଲେ, "ମୁଁ ବର୍ତ୍ତମାନ ବଡ଼ ବିପଦରେ ପଡ଼ିଯାଇଛି, ମହାଶୟ ! ଆପଣଙ୍କଠାରୁ କିଛି ସାହାଯ୍ୟ ଆଶା କରିପାରେଁ ?"

ମିଷ୍ଟର ପଟେଲ ଦେଖିଲେ, ଆଗନ୍ତୁକା ସୁଶ୍ରୀସମ୍ପନ୍ନା । ତାଙ୍କର ଯେତେଦୂର ମନେପଡ଼ିଲା, ସେଇ ତରୁଣୀ ପ୍ଲେନ୍‌ରେ ତାଙ୍କର ସହଯାତ୍ରିଣୀ ଥିଲେ ବୋଲି ନିଃସନ୍ଦେହ ଭାବରେ ଅନୁମାନ କଲେ । ଅବଶ୍ୟ ବିପଦଟା ତାଙ୍କର କି ପ୍ରକାରର, ସେ ବିଷୟରେ ଚିନ୍ତା ନ କରି କହିଲେ, "ନିଶ୍ଚୟ, କହନ୍ତୁ, କହନ୍ତୁ ।"

"ମୋର ଜଣେ ବନ୍ଧୁ ପ୍ଲେନ୍ ଟାଇମ୍‌କୁ ଏଠାକୁ ଆସିବାର ଥିଲା । କିନ୍ତୁ ଦୁର୍ଭାଗ୍ୟର କଥା, ସେ ଆସିପାରିନି । ଆପାତତଃ ରାତିଟାର ଅବଶିଷ୍ଟ କେଇ ଘଣ୍ଟା କଟାଇଦେବାପାଇଁ ମୋତେ ଯଦି କୌଣସି ହୋଟେଲରେ ପହଞ୍ଚାଇଦେଇ ପାରନ୍ତେ....।"

Digitized by PPRACHIN, SOA

ତରୁଣୀଙ୍କର ଅନୁରୋଧ ମିଷ୍ଟର ପଟେଲଙ୍କ ଅପେକ୍ଷା ହୋଟେଲ ମ୍ୟାନେଜରଙ୍କର ବେଶି ଦରକାରରେ ଆସିଲା । ସେ ଖୁବ୍ ଆଗ୍ରହ ଦେଖାଇ କହିଲେ, "କିଛି ଚିନ୍ତା ନାହିଁ । ଆପଣମାନଙ୍କର ସେବାପାଇଁ ମୋ ହୋଟେଲ ସଦାସର୍ବଦା ଉନ୍ମୁକ୍ତ । ଆସନ୍ତୁ । ଇଚ୍ଛା ହେଲେ ଆପଣ କାଲି ସକାଳେ ଆପଣଙ୍କ ବନ୍ଧୁଙ୍କୁ ଫୋନ୍‌ରେ ଡାକି ସାକ୍ଷାତ କରିପାରନ୍ତି ।"

"ସେଇଟା ମୋର ଦ୍ୱିତୀୟ ଦୁର୍ଭାଗ୍ୟ । ତାଙ୍କ ଠିକଣା ଏବଂ ଫୋନ୍ ନମ୍ବର ମୁଁ ହଜାଇଦେଇଛି"—ଗୋଟାଏ ଗଭୀର ଦୀର୍ଘନିଃଶ୍ୱାସ ପକାଇ ତରୁଣୀ ଆସନରେ ବସିପଡ଼ିଲେ ।

କାର୍ ଦ୍ରୁତଗତିରେ ଆଗେଇ ଚାଲିଲା ହୋଟେଲ ଅଭିମୁଖରେ ।

ମିଷ୍ଟର ପଟେଲଙ୍କ ପାଇଁ ଗୋଟାଏ ଫାଷ୍ଟକ୍ଲାସ୍ ରୁମ୍ ଆଗରୁ ରିଜର୍ଭେସନ କରାଯାଇଥିଲା । ଖାଲି ଟିକିଏ ଅସୁବିଧା ହେଲା ଏଇ ନବାଗତା ବିଦେଶିନୀ ମହିଳାଙ୍କ ପାଇଁ । ହୋଟେଲ ଏସିଆନା ସହରର ଏକ ଖ୍ୟାତନାମା ହୋଟେଲ । ବିଦେଶୀ ପର୍ଯ୍ୟଟକ ଏବଂ ସମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କର ଭିଡ଼ ଏଇଠି । ତେଣୁପାଇଁ ସବୁ ସମୟରେ ଏଠାରେ ସ୍ଥାନ ସୁଲଭ ନୁହେଁ । ଯାହା ହେଉ, ଏସିଆନର ମ୍ୟାନେଜରଙ୍କ ଚେଷ୍ଟା ଏବଂ ଅନୁଗ୍ରହରୁ ଗୋଟାଏ ରୁମ୍ ମିଳିଗଲା । ସେଇଟା ଥିଲା ମିଷ୍ଟର ପଟେଲଙ୍କ ରୁମ୍‌ର ପାଖ ରୁମ୍ ।

ଏତେ ରାତିରେ ଆଉ କିଛି ଖାଇବାର ଆଗ୍ରହ ନ ଥିଲା ମିଷ୍ଟର ପଟେଲଙ୍କର । ଖାଲି କପେ କଫି ଖାଇ ସେ ବିଛଣା ଧରିଲେ । ବିଛଣା ଧରିବାର ଅଳ୍ପ ସମୟ ପରେ ପାଖ ରୁମ୍‌ର ଦରଜା ବନ୍ଦ ହେବାର ଶବ୍ଦ ଶୁଣିପାରିଥିଲେ ସେ । ସେତେବେଳକୁ ସମସ୍ତ ହୋଟେଲଟାରେ ନୀରବତାର ଅଖଣ୍ଡ ରାଜୁତି ଚାଲିଥିଲା । ପ୍ରତ୍ୟେକ କୋଠରିର ଅନ୍ତେବାସୀମାନେ ମଧୁର ନିଦ୍ରାରେ ମଗ୍ନ ଥିଲେ । ତଳ ମହଲାରେ କେବଳ ଦରୱାନ୍ ଛଡ଼ା ଆଉ କେହି ନ ଥିଲେ । ସେଇଠି ଗୋଟାଏ ଉଜ୍ଜ୍ୱଳ ବିଜୁଳିବତୀ ଜଳୁଥିଲା । ତା ଛଡ଼ା ହୋଟେଲ ବାହାରେ ଆଉ କେଉଁଠି ହେଲେ ଆଲୋକ ଜଳୁ ନ ଥିଲା । ଖୁବ୍ ଅଳ୍ପ ସମୟ ମଧ୍ୟରେ ମିଷ୍ଟର ପଟେଲଙ୍କ ଆଖିରେ ତନ୍ଦ୍ରା ଘୋଟିଆସିଲା ।

Digitized by PPRACHIN, SOA

ହଠାତ୍ ପାଖ ରୁମ୍‌ରେ କ'ଣ ଗୋଟାଏ ଓଜନଦାର ଜିନିଷ ପଡ଼ିବାର ଶବ୍ଦରେ ଘୁଉଁକନା ତନ୍ଦ୍ରା ଭାଙ୍ଗିଗଲା ତାଙ୍କର । ଶବ୍ଦଟା କେଉଁଠାରୁ ଆସିଲା ଏବଂ କି ଶବ୍ଦ, ତାହା ହଠାତ୍ ସ୍ଥିର କରିପାରିଲେ ନାହିଁ । ସେପର୍ଯ୍ୟନ୍ତ ତାଙ୍କ ରୁମ୍‌ର ବେଡ୍‌ଲାଇଟ୍‌ଟି ନିଷ୍ପ୍ରଭ ହୋଇ ଜଳୁଥିଲା । ସେଇ ଆଲୋକରେ ରୁମ୍‌ର ପ୍ରତିଟି ଜିନିଷ ପରିଷ୍କାର ସେ ଦେଖିପାରୁଥିଲେ । ଶୋଇବା ଆଗରୁ ଯେଉଁ ଜିନିଷ ଯେପରି ଥିଲା, ବର୍ତ୍ତମାନ ସୁଦ୍ଧା ସେହିପରି ଅଛି । କିଛି ହେଲେ ପଡ଼ିଯିବା ଭଳି ଜଣାଯାଉ ନାହିଁ । ତେବେ ଶବ୍ଦଟା ଆସିଲା କେଉଁଠୁ, ତାହା ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ବୋଧହେଲା । କିନ୍ତୁ ସେ ନିଶ୍ଚିତ ଜାଣିପାରିଲେ ନାହିଁ । ସେ ପର୍ଯ୍ୟନ୍ତ ଶବ୍ଦଟା ଗୁଞ୍ଜରଣ ସୃଷ୍ଟି କରୁଥିଲା ତାଙ୍କ କାନପାଖରେ ।

ସେତିକିବେଳେ ପୁଣି ଥରେ ସେ ସେଇ ଅସ୍ୱାଭାବିକ ଶବ୍ଦ ଶୁଣିବାକୁ ପାଇପାରିଲେ । ଶବ୍ଦଟା ପାଖ ରୁମ୍‌ରୁ ଆସୁଥିଲା, ଯେଉଁ ରୁମ୍‌ରେ କି ବିଦେଶିନୀ ତରୁଣୀ ଜଣକ ଥିଲେ । ଏଇମାତ୍ର ଅଳ୍ପ ସମୟ ହେବ ତରୁଣୀ ଜଣକ ସୁସ୍ଥ, ପ୍ରଫୁଲ୍ଲ ଅବସ୍ଥାରେ ଥିବାର ସେ ଲକ୍ଷ୍ୟ କରିଚନ୍ତି; ଅଥଚ ଏଇ ଟିକକ ଭିତରେ କ'ଣ ଏମିତି ହେଲା ? ଯାହାହେଉ, ଘଟଣାଟା ଟିକେ ଦେଖିଆସିବା ଉଚିତ । ବିଚରା ବିଦେଶିନୀ, ବିଶେଷତଃ ମହିଳା ଯେତେବେଳେ, ତାଙ୍କର କଥା ସ୍ୱତନ୍ତ୍ର ବିଚାର୍ଯ୍ୟ । ଏହା ଭାବି ସେ ବେଡ୍‌ରୁ ଓହ୍ଲାଇ ରୁମ୍‌ର ଦରଜା ଖୋଲିଲେ ।

ବାରଣ୍ଡାଟା ଥିଲା ସମ୍ପୂର୍ଣ୍ଣ ଅନ୍ଧକାର । ତାଙ୍କ ରୁମ୍‌ର ଦରଜାପାଖରୁ ମାତ୍ର କେଇ ପାହୁଣ୍ଡ ଗଲେ ସେ ତରୁଣୀଙ୍କ ରୁମ୍ । ମିଷ୍ଟର ପଟେଲ ସାମାନ୍ୟ ଇତସ୍ତତଃ ହୋଇ ଧୀରେ ଧୀରେ ଯାଇ ପାଖ ରୁମ୍ ଦରଜା ଆଗରେ ଠିଆହେଲେ । ଦରଜାଟା ଭିତରୁ ଦିଆଯାଇ ନ ଥିଲା । ତା'ର ଫାଙ୍କବାଟେ ଭିତରର ଉଜ୍ଜ୍ୱଳ ଆଲୋକ ଅଳ୍ପ ଅଳ୍ପ ଦିଶୁଥିଲା । ମାତ୍ର କିଛି ହେଲେ ଶବ୍ଦ ଶୁଣାଯାଉ ନ ଥିଲା ।

ମିଷ୍ଟର ପଟେଲ ବର୍ତ୍ତମାନ ଖୁବ୍ ମାନସିକ ଦ୍ୱନ୍ଦ୍ୱରେ ପଡ଼ିଗଲେ, ସେ କବାଟ ଖୋଲିବେ କି ନାହିଁ । ଶେଷକୁ କବାଟରେ କେତେଥର ଠକ୍ ଠକ୍ କଲେ । ମାତ୍ର ଭିତରୁ କିଛି ହେଲେ ପ୍ରତ୍ୟୁତ୍ତର ପାଇଲେ ନାହିଁ । ତାଙ୍କର ଉଦ୍‌ବେଗ ଆହୁରି ବଢ଼ିଗଲା । କ୍ରମଶଃ ସେ ଏପରି ମାନସିକ ଅବସ୍ଥାରେ ଆସି ପହଞ୍ଚିଗଲେ ଯେ, ତାଙ୍କୁ ବୋଧ ହେଲା ଯେପରି ସେ ଯଦି ଏ ତରୁଣୀଙ୍କ ବିଷୟରେ

Digitized by PPRACHIN, SOA

କୌଣସି ସିଦ୍ଧାନ୍ତ ନ ନେଇ ଫେରୁଛନ୍ତି, ତେବେ ଗଡର ଅବଶିଷ୍ଟ ଅଂଶଟି ତାଙ୍କର ଆଦୌ ଜଣା ହେବ ନାହିଁ । ଦ୍ଵିତୀୟତଃ ଦୈବାତ୍ ତରୁଣୀ ଜଣକ ଯଦି କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇପଡ଼ିଥାନ୍ତି, ତେବେ ତାଙ୍କୁ ଅନ୍ତତଃ ଟିକେ ସାହାଯ୍ୟ ସହାନୁଭୂତି ତ ଦେଖାଇବା କଥା । ଏଇସବୁ ଭାବି ସେ କବାଟଟା ଖୋଲିଦେବାକୁ ସିଦ୍ଧାନ୍ତ କଲେ ଏବଂ ଖୋଲିଦେଲେ ମଧ୍ୟ ।

ବେଡ଼ରୁମ୍ ଟାଏ । ଦରଜା ଖୋଲିଲା ମାତ୍ରେ ଶଙ୍ଖଶୁଭ୍ର ଶଯ୍ୟା ଉପରେ ଦୃଷ୍ଟି ବୁଲିଗଲା ତାଙ୍କର । ଶଯ୍ୟାଟା ଶୂନ୍ୟ ଥିଲା । ମିଷ୍ଟର ପଟେଲଙ୍କର ଛାତିଟା ଦମ୍ ଦମ୍ କରିଉଠିଲା । ସେ ଆତଙ୍କିତ ହୋଇ ଗୋଟାଏ ପାଦ ପକାଇଲେ ଭିତରକୁ । ତା ପରେ ଆଉ ଗୋଟାଏ । ଏଥର ସେ ରୁମ୍ ଭିତରଟାର ପ୍ରତ୍ୟେକ ଅଂଶ ଦେଖିପାରିଲେ । ପଲଙ୍କର ଅନ୍ୟପଟରେ ସୁଦୃଶ୍ୟ ଡ୍ରେସିଂ ଟେବୁଲଟିଏ । ତା' ଉପରେ ମହିଳାଙ୍କର ଆଟାଚି ବାକ୍ସଟି ରଖାଯାଇଥିଲା । ର୍‍ୟାକ୍ ରେ ତାଙ୍କର ପୋଷାକପତ୍ର ଝୁଲୁଥିଲା, ଯାହାକୁ ସେ ପିନ୍ଧି ମିଷ୍ଟର ପଟେଲଙ୍କ ସହିତ ବିମାନଘାଟିଠାରୁ ଆସିଥିଲେ । ରୁମ୍ ରେ ଏତିକି ଛଡ଼ା ଥିଲା କେତେଖଣ୍ଡ ସୋଫା । ସେଗୁଡ଼ିକ ଥିଲା ଶୂନ୍ୟ । ସମୁଦାୟ କୋଠରିଟାରେ କେହି ଲୋକ ନ ଥିଲେ ।

ସେହି କୋଠରିସଂଲଗ୍ନ ଆଉ ଗୋଟାଏ କୋଠରି ଥିଲା ବାଥ୍ ରୁମ୍ ଏବଂ ଡ୍ରେସିଂ ରୁମ । ଉଭୟ ରୁମ୍ ର ସଂଯୋଗକାରୀ ଦରଜାରେ ପରଦାଟିଏ ଝୁଲୁଥିଲା । ସେତେବେଳେ ସେ ପରଦାଟି ଅଧା ଖୋଲା ଥିଲା । ଆଉପଟ ରୁମ୍ ରେ ଯେଉଁ ଆଲୁଅ ଜଳୁଛି, ତାହା ସେହି ଅଧାଖୋଲା ପରଦା ବାଟେ ମିଷ୍ଟର ପଟେଲ ଲକ୍ଷ୍ୟ କରିଥିଲେ । ତରୁଣୀଟି ନିଶ୍ଚୟ ସେଠିମାନ ଭିତରେ ଅଛନ୍ତି । ଏଭଥା ଡରୁ ଡରୁ ସେ ଧୀରେ ଧୀରେ ଅଗ୍ରସର ହେଲେ ସେଇ ଆଡ଼କୁ । ପରଦା ପାଖରେ ତାଙ୍କର ପାଦ ଅଟକିଗଲା । ହଠାତ୍ ଭିତରକୁ ପଶିଯିବାଟା ଉଚିତ ମନେକଲେ ନାହିଁ ସେ । ପରଦାଠାରୁ ଟିକିଏ ଛଡ଼ାରେ ଠିଆହୋଇ ଲକ୍ଷ୍ୟ କରିବାରେ ଲାଗିଲେ, ଭିତରେ କେହି ଅଛନ୍ତି କି ନାହିଁ । ଠିକ୍ ସେତିକିବେଳେ ସେଇ ବାଥ୍ ରୁମ୍ ଭିତରୁ ଆଉ ଥରେ ଗଁ ଗଁ ଶବ୍ଦ ଶୁଣାଗଲା । ଯେପରି କେହି ଜଣେ ଅନ୍ୟ ଜଣଙ୍କର ଗଳା ଚିପି ମାରିଦେବାର ଉଦ୍ୟମ କରୁଛି । ଆଉ ଅନ୍ୟ ଜଣକ ବସ୍ତୁତଃ ଶ୍ୱାସରୁଦ୍ଧ ହୋଇ ଗଁ ଗଁ ହେଉଛି ।

Digitized by PPRACHIN, SOA

ଏ ପ୍ରକାର ଅସ୍ୱାଭାବିକ ପରିସ୍ଥିତିରେ ମିଷ୍ଟର ପଟେଲ ନିଜକୁ ସଂଯତ ରଖିପାରିବେ ନାହିଁ । ତାଙ୍କର ହୃତ୍‌ପିଣ୍ଡର ଗତି ବହୁଗୁଣରେ ଦ୍ରୁତ ହୋଇଉଠିଲା । ସେ ପରଦାଟା ଆଡ଼େଇଦେଇ ଝଡ଼ ପରି ଭିତରକୁ ପଶିଗଲେ ।

ଭିତରର କୋଠରୀଟି ଯେତେ ହେଲେ ମଧ୍ୟ ସୁନ୍ଦର ଥିଲା । ଉଜ୍ଜ୍ୱଳ ଆଲୋକରେ ତା'ର ପ୍ରତିଟି ଅଂଶ ଆଲୋକିତ ହୋଇଥିଲା । ସେଇ ତରୁଣୀଟି ଦୁଆର ଆଡ଼କୁ ପିଠି କରି ଗୋଟାଏ ଡ୍ରେସିଂ ଟେବୁଲ ସାମନାରେ ବସିଥିଲେ । ମିଷ୍ଟର ପଟେଲ ଘର ଭିତରେ ଦୃଷ୍ଟି ପକାଇ ଏପଟେ ଭଲକରି ଦେଖିଲେ— କେଉଁଠି କିଛି ଅସ୍ୱାଭାବିକ ପଦାର୍ଥ ସେ ଦେଖିବାକୁ ପାଉଛନ୍ତି କି ନାହିଁ । କିନ୍ତୁ ସେଠାରେ ସେପରି କିଛି ନ ଥିଲା । ସେ ଟେବୁଲ ଆଗରେ ବସିଥିବା ତରୁଣୀଙ୍କୁ ସେ ପର୍ଯ୍ୟନ୍ତ ଭଲକରି ଥରେ ସୁଦ୍ଧା ଚାହିଁନାହାନ୍ତି । ବର୍ତ୍ତମାନ ସେ ତାଙ୍କ ଉପରେ ଦୃଷ୍ଟି ପକାଇଲେ । ତରୁଣୀ ତାଙ୍କ ଆଡ଼କୁ ପିଠି କରି ବସିଥିଲେ । ମାତ୍ର ଟେବୁଲ ଅଇନାରେ ତାଙ୍କର ଅର୍ଦ୍ଧ ଆକୃତି ସ୍ପଷ୍ଟ ପ୍ରତିଫଳିତ ହେଉଥିଲା । ଅଇନା ଉପରେ ଦୃଷ୍ଟି ପଡ଼ିବାମାତ୍ରେ ମିଷ୍ଟର ପଟେଲ ହଠାତ୍ ସର୍ପାହତ ହେଲାପରି ଚମକିପଡ଼ିଲେ । ତାଙ୍କ ଆଖିରେ ସେ ଯାହା ଦେଖୁଛନ୍ତି, ତାହା ସତ କିମ୍ବା ମ୍ୟାଜିକ୍ ପ୍ରଥମେ ବିଶ୍ୱାସ କରିପାରିଲେ ନାହିଁ । ଅନ୍ଧକାରେ ସେ ତରୁଣୀଙ୍କର ଅର୍ଦ୍ଧ ଆକୃତି ଦେଖିପାରୁଥିଲେ; କିନ୍ତୁ ତାଙ୍କର ମୁଖମଣ୍ଡଳଟା ନ ଥିଲା । ସେ ସ୍ଥାନଟା ଥିଲା ଖୋଲପରି ଶୂନ୍ୟ । ଅଥଚ ମୁଣ୍ଡର ପଛପଟକୁ ଚୂନ ଚୂନ ଧୂସର କେଶଗୁଚ୍ଛକ ଖେଳେଇ ହୋଇ ପଡ଼ିଥିଲା ।

ମିଷ୍ଟର ପଟେଲ ଭଲଭାବରେ ସ୍ମରଣ କଲେ, ସେ ଏଇ ତରୁଣୀଟିର ସୁନ୍ଦର ମୁଖମଣ୍ଡଳ ନିଶ୍ଚୟ ଦେଖିଛନ୍ତି; ଅଥଚ ବର୍ତ୍ତମାନ ! ବର୍ତ୍ତମାନ ପୁଣି ଥରେ ଅଇନା ଉପରେ ଦିଶୁଥିବା ସେଇ ଭୟଙ୍କର ମୁହଁଟା ଅଡ଼େ ନଜର ପକାଇଲେ । ଖୋଲପାପରି ଦିଶୁଥିବା ଅଂଶଟା ତାଜା ରକ୍ତ ପରି ନାଲି ଦିଶୁଥିଲା । ଏସବୁ କି କାଣ୍ଡ, ତାହା ସେ ଚିନ୍ତା କରିପାରିଲେ ନାହିଁ । ସମସ୍ତ ଶରୀର ତାଙ୍କର ଘର୍ମାକ୍ତ ହୋଇଉଠିଲାଣି ଏସବୁ ଦେଖି । ପାଟି କରି କାହାରିକୁ ଡାକିବାର ଶକ୍ତି ବା ସାହସ ମଧ୍ୟ ନାହିଁ ତାଙ୍କର ।

Digitized by PPRACHIN, SOA

କୌଣସି ପ୍ରକାରେ ଏ ଭୀଷଣ ପରିସ୍ଥିତିର ମୁକ୍ତି ପାଇବାପାଇଁ ମିଷ୍ଟର ପଟେଲ୍ ବ୍ୟସ୍ତ ହୋଇପଡ଼ିଲେ । ସେ ସେଠାରୁ ପଳାଇଆସିବାପାଇଁ ତାଙ୍କର ପାଦ ଉଠାଉଛନ୍ତି, ଠିକ୍ ସେଇ ମୁହୂର୍ତ୍ତରେ ତରୁଣୀଟି ବସିଥିବା ରିଭଲ୍‌ଭିଂ ଚେୟାରଟି ତାଙ୍କର ଆଡ଼କୁ ବୁଲିଗଲା । ମିଷ୍ଟର ପଟେଲ ଅଇନା ଉପରେ ଯେଉଁ ବିକଳାଙ୍ଗ ଭୀଷଣ ମୁହଁ ଦେଖି ଥରହର ହୋଇଉଠିଥିଲେ, ସେହି ମୁଖମଣ୍ଡଳକୁ ଏଥର ପ୍ରକୃତ ରୂପରେ ସାମନାସାମନି ଦେଖିବାକୁ ପାଇଲେ ।

ଇସ୍ ! କି ଭୟଙ୍କର ଆଉ କୁତ୍ସିତ ସେ ଚେହେରା ମିଷ୍ଟର ପଟେଲ୍ ପଡ଼ୁ ପଡ଼ୁ ଦରଜାଟାକୁ ଧରିପକାଇ ସମ୍ଭାଳିଗଲେ ସେଇ ଭୟଙ୍କର ତରୁଣୀଟି ଆଡ଼କୁ ଚାହିଁବାକୁ ତାଙ୍କର ଆଦୌ ଇଚ୍ଛା ହେଉ ନ ଥିଲା । ମାତ୍ର ଆଖି ଦୁଇଟା ତାଙ୍କର ବାରମ୍ବାର ସେଇଆଡ଼କୁ ଆକର୍ଷିତ ହୋଇଯାଉଥିଲା ।

ପୁଣି ଥରେ ସେଇ ଭୟଙ୍କର ଗଁ ଗଁ ଶବ୍ଦ । ମିଷ୍ଟର ପଟେଲ ସ୍ପଷ୍ଟ ଜାଣି ପାରୁଥିଲେ, ଶବ୍ଦଟା ତରୁଣୀଟିର ସେଇ ଶୂନ୍ୟ ମୁଖମଣ୍ଡଳ ବାଟେ ବାହାରୁଛି ଏବଂ ସେ ଅନୁଭବ କରୁଥିଲେ, ଯେପରି ଶବ୍ଦଟା ତାଙ୍କର ହୃତପିଣ୍ଡ ଭିତରକୁ ଭେଦିଯାଉଛି । ସେ ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ଥରିବାକୁ ଲାଗିଲେ ଭୟରେ ।

ତରୁଣୀଟି ଗଁ ଗଁ କରିବା ସଙ୍ଗେ ସଙ୍ଗେ ଏଥର ଉଠିଆସିଲା ତାଙ୍କ ଆଡ଼କୁ ଧୀରେ ଧୀରେ । ତା'ପରେ ମିଷ୍ଟର ପଟେଲଙ୍କୁ ଲକ୍ଷ୍ୟ କରି ହାତ ବଢ଼ାଇଲା । ଭୟ ଆଉ ଘୃଣାରେ ମିଷ୍ଟର ପଟେଲ ଗୋଟାଏ ଅବ୍ୟକ୍ତ ଶବ୍ଦ କରିଉଠିଲେ । ଯେପରି ମନେ ହେଉଥିଲା ତାଙ୍କର ଚେତନାଶକ୍ତି କ୍ରମଶଃ ଲୁପ୍ତ ହେବାକୁ ବସିଛି ।

ଠିକ ମୁହୂର୍ତ୍ତରେ ସେ କୋଠରିର ବିଜୁଳି ଆଲୁଅଟା ଦପ୍ କରି ଲିଭିଗଲା । ତା ସଙ୍ଗେ ସଙ୍ଗେ ଶୁଣାଗଲା, ଗୋଟାଏ କିଛି ଭାରି ଜିନିଷ ଚଟାଣ ଉପରେ ଭୁସ୍ କରି ପଡ଼ିଲା । ଆଉ କିଛି ସୋର୍ ଶବ୍ଦ ନାହିଁ ।

* * * *

ହୋଟେଲ ଏସିଆନାର ବିରାଟ ଓ୍ୱାଲକ୍ଲକରେ ସାଢ଼େ ଦଶଟା ବାଜିବାର ସୂଚନା ଦେଲା । ବିସ୍ତୃତ ମହଲାର ସୋପାନ ଉପରେ ଜୋତାର ଠକ୍ ଠକ୍ ଆବାଜ

Digitized by PPRACHIN, SOA

ଶୁଣାଗଲା । ଶଟେସପ୍‌ସନଷ୍ଟ ଜଣେ ତାଙ୍କ କାଉଣ୍ଟରରେ ବସି ଢୁଲାଉଥିଲେ । ଜୋତାର ଠକ୍ ଠକ୍ ଶବ୍ଦରେ ସେ ଉଠି ସିଧାହୋଇ ବସିପଡ଼ିଲେ ।

ଠିକ୍ ସେତିକିବେଳେ ସିଡ଼ିର ସର୍ବଶେଷ ସୋପାନରେ ଯେ ପାଦ ଥୋଇଲେ, ସେ ମିଷ୍ଟର ପଟେଲ । ମିଷ୍ଟର ପଟେଲ ସିଧା କାଉଣ୍ଟର ପାଖକୁ ଯାଇ ଶଟେସପ୍‌-ସନଷ୍ଟଙ୍କୁ କହିଲେ, "ମୋର ଟିକେ ଜରୁରୀ କାମ ଯୋଗୁଁ ବାହାରକୁ ଯାଉଛି । ହୁଏତ କାଲି ସକାଳସୁଦ୍ଧା ଫେରିବ । ମ୍ୟାନେଜରଙ୍କୁ ଏ ଟଙ୍କା ଦୁଇଶ ଦେଇଦେବେ ମୋର ଭଡ଼ାବାବଦ ଅଡ୍‌ଭାନ୍ସ ।"

ଆଟାଚି ବ୍ୟାଗ୍‌ରୁ ଶହେଟଙ୍କିଆ ନୋଟ ଦୁଇଖଣ୍ଡ କାଢ଼ି ଶଟେସପ୍‌ସନଷ୍ଟଙ୍କ ଟେବୁଲ ଉପରେ ଥୋଇଦେଇ ସେ ସେଠାରୁ ଦ୍ରୁତ ବେଗରେ ଚାଲିଆସିଲେ ।

ବାହାରେ ଗୁର୍ଖା ଦରୱାନ୍ ଟହଲୁଥିଲା ।

ମିଷ୍ଟର ପଟେଲ ବାହାରକୁ ଓହ୍ଲାଇବାକ୍ଷଣି କଳା ରଙ୍ଗର ଗୋଟାଏ ଟ୍ୟାକ୍ସି ବ୍ରେକ୍ କଲା ତାଙ୍କ ପାଖରେ । ମିଷ୍ଟର ପଟେଲ ପଛ ସିଟ୍ ଦରଜା ଖୋଲି ତା ଭିତରେ ବସିଲାଣି ଟ୍ୟାକ୍ସିଟା ତୀବ୍ରବେଗରେ ଆଗେଇଗଲା ।

ରାଜପଥ ଥିଲା ନୀରବ ନିର୍ଜନ ।

—ଦୁଇ—

ସକାଳେ ହୋଟେଲର ବୟ ଚା ନେଇ ଯେତେବେଳେ ସେଇ ତରୁଣୀଙ୍କ ରୁମ୍ ଭିତରକୁ ପଶିଯାଇ ଚମକି ପଡ଼ିବା ସଙ୍ଗେ ସଙ୍ଗେ ଏତେ ଜୋରରେ ଚିତ୍କାର କରିଉଠିଲା ଯେ, ତା'ର ପାଟିରେ ସମଗ୍ର ଦ୍ୱିତୀୟ ମହଲାର ବୋର୍ଡରମାନେ ଧାଇଁଆସିଲେ । ବୟ ହାତରୁ କପ୍ ପ୍ଲେଟ୍‌ଗୁଡ଼ା ଖସିପଡ଼ି ଚୂନଚନା ହୋଇ-ଯାଇଥିଲା । ସେ ଗୋଟାପଣେ ବରଡ଼ାପତ୍ର ପରି ଥରୁଥିଲା ।

ଲୋକମାନଙ୍କର ପାଟିଗୋଳ ଶୁଣି ଏସିଆନାର ମ୍ୟାନେଜର ମଧ୍ୟ ଧାଇଁ-ଆସିଲେ । ଅଳ୍ପ ସମୟ ମଧ୍ୟରେ ଘଟଣାଟା ଆଉ ବୁଝିବାକୁ କିଛି ବାକି ରହିଲା

Digitized by PPRACHIN, SOA

ନାହିଁ ଯେ, ଗତ କାଲି ରାତିରୁ କେହି ଜଣେ ବାଥ୍‌ରୁମ୍‌ ଦରଜା ନିକଟରେ ମୃତ ଅବସ୍ଥାରେ ପଡ଼ିଛନ୍ତି । ମୃତ୍ୟୁର କାରଣ ପର୍ଯ୍ୟନ୍ତ ଅନୁସନ୍ଧାନ କରିବା ପାଇଁ କାହାରି ସାହସ ନ ଥିଲା । ମ୍ୟାନେଜର ସେ କୋଠରିଟିକୁ ବାହାରୁ ବନ୍ଦ କରିଦେଇ ଚାବି ଦେଇଦେଲେ; ଆଉ ସଙ୍ଗେ ସଙ୍ଗେ ପୋଲିସ୍‌ ହେଡ଼କ୍ୱାର୍ଟର୍ସକୁ ଫୋନ୍‌ କରି ଜଣାଇଦେଲେ ଘଟଣାଟି ।

ପ୍ରାୟ ପନ୍ଦର କୋଡ଼ିଏ ମିନିଟ୍‌ ମଧ୍ୟରେ ଇନ୍‌ସପେକ୍ଟର ପ୍ରଣବବାବୁ ଆଉ କେତେଜଣ ପୋଲିସ୍‌ ଆସି ହାଜର ହୋଇ ଗଲେ ଏସିଆନାରେ । ମ୍ୟାନେଜର ତାଙ୍କୁ ସଦର ଦରଜାରେ ଅପେକ୍ଷା କରିଥିଲେ, ପ୍ରଣବବାବୁଙ୍କୁ ଘଟଣାଟି ସଂକ୍ଷେପରେ କହୁ କହୁ ଉପରକୁ ନେଇଗଲେ । ହୋଟେଲର ଚତୁର୍ଦ୍ଦିଗରେ କଡ଼ା ପୋଲିସ ପହରା ବ୍ୟବସ୍ଥା ହୋଇଗଲା ସଙ୍ଗେ ସଙ୍ଗେ । ବାହାରୁ ଭିତରକୁ ଏବଂ ଭିତରୁ ବାହାରକୁ ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ ।

ଯେଉଁ ରୁମ୍‌ରେ ମୃତ ଦେହ ପଡ଼ିଥିଲା ସେଇ ରୁମ୍‌ଟା ଖୋଲି ଇନ୍‌ସପେକ୍ଟର ପ୍ରଣବବାବୁ ଭିତରକୁ ପଶିଲେ । ରୁମ୍‌ ଭିତରେ କୌଣସି ଜିନିଷ ଟିକିଏ ହେଲେ ଏପଟ ସେପଟ ହୋଇନାହିଁ । ରୁମ୍‌ର ଚାରିଆଡ଼କୁ ତୀକ୍ଷ୍ଣ ଭାବରେ ଲକ୍ଷ୍ୟ କରି ସେ ଯାଇ ପହଞ୍ଚିଲେ, ଯେଉଁଠି ଲାସଟା ପଡ଼ିଥିଲା ।

ବାଥ୍‌ରୁମ ଏବଂ ବେଡ଼୍‌ରୁମକୁ ସଂଯୁକ୍ତ କରୁଥିବା ଦରଜାର ଠିକ୍‌ମଝାମଝିରେ ନିର୍ଜୀବ ଦେହଟା ଲମ୍ବିପଡ଼ିଥିଲା । ତା'ର ମୁଣ୍ଡଟା ଥିଲା ବେଡ଼୍‌ରୁମ୍‌ ଆଡ଼କୁ ଆଉ ଗୋଡ଼ ଦୁଇଟା ଥିଲା ବାଥ୍‌ରୁମ୍‌ ଭିତରକୁ । ଦେହରେ କୌଣସି ପ୍ରକାର କ୍ଷତଚିହ୍ନ ବା ବିଷକ୍ରିୟାର ଲକ୍ଷଣ ଦେଖାଯାଉ ନ ଥିଲା । ମାତ୍ର ଆଖି ଦୁଇଟା ଅସମ୍ଭବ ପ୍ରକାର ବଡ଼ ହୋଇଯାଇଥିଲା । ଦାନ୍ତକୁ ଦାନ୍ତ ଚିପିହୋଇଯାଇଥିଲା ଖୁବ୍‌ ଜୋରରେ ।

ପ୍ରଣବବାବୁ ବାହାରକୁ ଆସି ରୁମ୍‌ରେ ଚାବି ଦେଲେ । ସେ ଖୁବ୍‌ ଚିନ୍ତିତ ହୋଇପଡ଼ିଥିଲେ । ମ୍ୟାନେଜରବାବୁ ସେ ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରି ରହିଥିଲେ । ମ୍ୟାନେଜରବାବୁ ଦୁଇଖଣ୍ଡି ଚେୟାର ମଗାଇଲେ । ଖଣ୍ଡିକରେ ପ୍ରଣବବାବୁଙ୍କୁ ବସାଇ ଅନ୍ୟ ଖଣ୍ଡି ନିଜେ ଅଧିକାର କଲେ ।

Digitized by PPRACHIN, SOA

ଇନ୍‌ସପେକ୍ଟର ପ୍ରଣବବାବୁ ଖଣ୍ଡିଏ ସିଗାରେଟ୍‌ରେ ନିଆଁ ଧରାଇ ମ୍ୟାନେଜରଙ୍କୁ ଲକ୍ଷ୍ୟ କରି ପଚାରିଲେ, "ଆଚ୍ଛା, ଏଇ ଭଦ୍ରବ୍ୟକ୍ତିଙ୍କର ନାମ କଣ କହିପାରିବେ ?"

"ନା, ସ ର୍ ତା ମୁଁ କହିପାରିବି ନାହିଁ ।"

"ଆଶ୍ଚର୍ଯ୍ୟ ! ଆପଣଙ୍କ ହୋଟେଲରେ ଏତେ ବଡ଼ କାଣ୍ଡଟାଏ ଘଟିଗଲାଣି, ଅଥଚ ଆପଣ ଏ ଲୋକଙ୍କର ନାମ ପର୍ଯ୍ୟନ୍ତ ଜାଣନ୍ତି ନାହିଁ ?" ବିସ୍ମିତ ଏବଂ ବିରକ୍ତ ହୋଇ ପ୍ରଣବବାବୁ କହିଲେ ।

"ଶୁଣନ୍ତୁ ମୋ କଥା । ଆମ ହୋଟେଲରେ ଅନେକ ବୋର୍ଡର ଅଛନ୍ତି । ଆମେ ସମସ୍ତଙ୍କର ନାମ ମନେ ରଖିପାରୁ ନାହିଁ । ରୁମ୍ ନମ୍ବର ନେଇ ଆମର କାମ । କେବଳ ଏଇ ରୁମ୍ କାଲି ଯାହାଙ୍କ ପାଇଁ ରିଜର୍ଭ କରାଯାଇଥିଲା, ସେ ଜଣେ ଭଦ୍ରବ୍ୟକ୍ତି ନୁହନ୍ତି, ଭଦ୍ରମହିଳା ।"

"କଣ କହିଲେ ? ଭଦ୍ରମହିଳା ! ଆଉ ଏ ମୃତବ୍ୟକ୍ତି ଯେ ଜଣେ ପୁରୁଷ ଲୋକ !"

"ସେଇଟା ଆଶ୍ଚର୍ଯ୍ୟ, ସାର୍ ! ମହିଳାଙ୍କୁ ମଧ୍ୟ ଦେଖୁନି । କିନ୍ତୁ ମୁଁ କାଲି ରାତି ଅଢ଼େଇଟା ବେଳେ ତାଙ୍କୁ ଏଠାରେ ଛାଡ଼ିଦେଇ ଯାଇଥିଲି ।"

ପ୍ରଣବବାବୁ କିଛିଏ ଚିନ୍ତା କରି କହିଲେ, "ତାଙ୍କର ନାମ ତାହାହେଲେ ଆପଣ ଜାଣିଥିବେ ?

"ହଁ ସାର୍ ! ତାଙ୍କ ନାଁ ମିସ୍ ଏଲିସା ।"

"ଆଚ୍ଛା, ସେ ପୁଣି କାଲି ରାତିରେ ଯାଇପାରିଥାନ୍ତି । ଆପଣ ସେ ଖବର ରଖିଥିଲେ ?"

"ସେ ଖବର ମୁଁ ରଖିଛି । କାଲି ରାତିରେ ଆମର ବୋର୍ଡରମାନଙ୍କ ମଧ୍ୟରୁ ଜଣେ କେବଳ ବାହାରକୁ ଯାଇଛନ୍ତି । ସେ ହେଉଛନ୍ତି ବାରିଷ୍ଟର ଆତ୍ମାରାମ ପଟେଲ୍ ।"

"ରାତି କେତେଟା ହେବ ?"

"ସାଢ଼େ ତିନଟା।"

Digitized by PPRACHIN, SOA

ପ୍ରଣବବାବୁ ଅଦ୍ଭୁତ ଚମକି ହୋଇପଡ଼ିଲେ । ସିଗାରେଟ୍‌ରେ ଖୁବ୍ ଜୋରରେ ଗୋଟାଏ ଟାଣ ମାରି ସେ ପଚାରିଲେ, "ଆଚ୍ଛା, ମିଷ୍ଟର ପଟେଲଙ୍କ ରୁମ୍‌ଟା ?"

ପାଖରୁମ୍‌ଟା ପ୍ରତି ଆଙ୍ଗୁଳି ଦେଖାଇ ମ୍ୟାନେଜର କହିଲେ, "ଏଇ ରୁମ୍‌ଟା; ତାଙ୍କ ପାଇଁ ଆଗରୁ ରିଜର୍ଭେସନ କରାଯାଇଥିଲା ।"

ଇନ୍‌ସପେକ୍ଟର ପ୍ରଣବବାବୁ ସେ ରୁମ୍‌ଟା ଥରେ ଦେଖିନେବାକୁ ଉଠିଗଲେ । ତାଙ୍କ ପଛେ ପଛେ ମ୍ୟାନେଜର ମଧ୍ୟ ।

ରୁମ୍ ଭିତରେ ବିଛଣା ପ୍ରସ୍ତୁତ ହୋଇ ରହିଥିଲା । ଚଦର ଉପରେ ପଡ଼ିଥିବା କେତୋଟି ଭାଙ୍ଗରୁ ତା ଉପରେ କେହି କିଛି ସମୟ ଶୋଇଥିବାର ସୂଚନା ମିଳୁଥିଲା । ଏହା ଛଡ଼ା ଆଉ କିଛି ହେଲେ ଜିନିଷ ନ ଥିଲା ଭିତରେ, ଏପରିକି ଯେ ଖାଲିଡବା ପର୍ଯ୍ୟନ୍ତ । ପ୍ରଣବବାବୁ ଏବଂ ଏସିଷ୍ଟାଣ୍ଟ ମ୍ୟାନେଜରଙ୍କର ଆଶ୍ଚର୍ଯ୍ୟର ସୀମା ନ ଥିଲା ଏଥିରେ ।

—"ତେବେ ମିସ୍ ଏଲିସା ଏବଂ ମିଷ୍ଟର ପଟେଲ ଦୁହେଁ ବର୍ତ୍ତମାନ ହୋଟେଲରେ ଅନୁପସ୍ଥିତ । ସେଥିମଧ୍ୟରୁ ଜଣେ କାଲି ରାତି ସାଢ଼େ ଦଶଟା-ବେଳେ ଯିବା ପ୍ରମାଣ । ମାତ୍ର ମିସ୍ ଏଲିସା ଅଜ୍ଞାତ ଏବଂ ନିରୁଦ୍ଦିଷ୍ଟ ଏଇଆ ତ ?"

"ହଁ, ସାର୍ ।" ମ୍ୟାନେଜର ମୁଣ୍ଡ ହଲାଇ ସମ୍ମତି ଜଣାଇଲେ ।

"ଆଚ୍ଛା, ଏମାନଙ୍କ ମଧ୍ୟରେ କିଛି ଯୋଗାଯୋଗ ଆଗରୁ ଥିଲା, ମାନେ, ଧରନ୍ତୁ, ଗୋପନ ପରାମର୍ଶ ବା ସାଙ୍ଗହୋଇ ଭ୍ରମଣ ଇତ୍ୟାଦି ?"

"ଯେତେଦୂର ସମ୍ଭବ, ନୁହେଁ । କାରଣ ଦୁହେଁ ଯାକ କାଲି ଆମ ହୋଟେଲକୁ ନୂଆ ଆସିଥିଲେ । ଅବଶ୍ୟ ମିଷ୍ଟର ପଟେଲଙ୍କ ପାଇଁ ପୂର୍ବରୁ ସିଟ୍ ରିଜର୍ଭ କରାଯାଇଥିଲା । କିନ୍ତୁ ମହିଳା ବଡ଼ ଆକସ୍ମିକ ଭାବରେ ଆମକୁ ପାଇଥିଲେ ।" ମ୍ୟାନେଜର ଏତିକି କହି ଚୁପ୍ ହେଲେ ।

ଇନ୍‌ସପେକ୍ଟର ପ୍ରଣବବାବୁ ଟିକିଏ ଚିନ୍ତା କରି କହିଲେ, "ଘଟଣାଟାର ଡିଟେଲ୍‌ସ୍ କହିଯା'ନ୍ତୁ ।"

Digitized by PPRACHIN, SOA

ମ୍ୟାନେଜର ଦୁଇ ତିନିଥର ଛେପ ଢୋକି କହିଲେ, "ଦୁଇ ଦିନ ତଳେ ମୁଁ ଆମର ଲଣ୍ଡନ ଶାଖାରୁ ମିଷ୍ଟର ପଟେଲଙ୍କ ପାଇଁ ଗୋଟାଏ ରୁମ୍ ରିଜର୍ଭେସନ ପାଇଁ ଚିଠି ପାଇଲି । ସେହି ଅନୁସାରେ ଆମର ଏଜେଣ୍ଟ୍‌କୁ ପ୍ଲେନ୍ ଟାଇମ୍‌କୁ ଏରୋଡ୍ରୋମକୁ ପଠାଇବାର କଥା । ମାତ୍ର ଆମର ଏଜେଣ୍ଟ ସେଦିନ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ମୁଁ ନିଜେ ମିଷ୍ଟର ପଟେଲଙ୍କୁ ସ୍ୱାଗତ ଜଣାଇ ଆଣିବା ପାଇଁ ଯାଇଥିଲି । ବିମାନ ଆସିବାର କିଛି ସମୟ ପରେ ମୁଁ ସେଠି ପହଞ୍ଚିଥିଲି । ତା'ପରେ ମିଷ୍ଟର ପଟେଲଙ୍କୁ ସାଙ୍ଗରେ ଧରି କାରରେ ବସି ଷ୍ଟାର୍ଟ କରିବାକୁ ଯାଉଛି, ଏତିକିବେଳେ ଜଣେ ତରୁଣୀ ଆମର ଗତିରୋଧ କରି କିଛି ସାହାଯ୍ୟ ଆଶା କଲେ । ସେ ସେହି ପ୍ଲେନ୍‌ରେ ଆସିଥିଲେ । ତାଙ୍କର ଜଣେ ବାନ୍ଧବୀ ଯେ କି ତାଙ୍କୁ ନେବାକୁ ଆସିବାର ଥିଲା, ଦୈବାତ୍ ଆସି ନ ଥିଲେ । ସେ ତାଙ୍କର ଠିକଣା ହଜାଇ ଦେଇଥିଲେ । ତେଣୁ ରାତିକ ପାଇଁ ମୋ ହୋଟେଲରେ ତାଙ୍କୁ ଆଶ୍ରୟ ଦେବାପାଇଁ ମୁଁ ରାଜି ହେଲି ଏବଂ ସାଥିରେ ଏମିଆନାକୁ ନେଇଆସିଲି । ମିଷ୍ଟର ପଟେଲଙ୍କ ପାଇଁ ନିର୍ଦ୍ଦିଷ୍ଟ ଥିବା ରୁମ୍ ପାଖରେ ଏ ରୁମ୍‌ଟା ଖାଲି ଥିଲା । ତେଣୁ ତାଙ୍କୁ ସେଇ ରୁମ୍‌ଟା ଦିଆଗଲା । କୌଣସି ବିଶେଷ ଦରକାରରେ ମିଷ୍ଟର ପଟେଲ କାଲି ରାତି ସାଢ଼େ ନଅଟାରେ ଚାଲିଯାଇଛନ୍ତି । ଗଲାବେଳକୁ ରିସେପ୍‌ସନିଷ୍ଟ ପାଖରେ ତାଙ୍କର ଖର୍ଚ୍ଚ ବାବଦକୁ ଦୁଇଶହ ଟଙ୍କା ଆଡ୍‌ଭାନ୍ସ ମଧ୍ୟ ଦେଇ-ଯାଇଛନ୍ତି । ଆଜି ନଅଟା ସୁଦ୍ଧା ତାଙ୍କର ଫେରିବାର କଥା; ମାତ୍ର ସେ ମହିଳା ଅର୍ଥାତ୍ ମିସ୍ ଏଲିସା ମଧ୍ୟ ଏହା ମଧ୍ୟରେ ଅଦୃଶ୍ୟ ।"

ପ୍ରଣବବାବୁ ଟିକିଏ ଚିନ୍ତିତ ହୋଇ କହିଲେ, "ଆପଣ ଆସନ୍ତୁ ମୋ ସଙ୍ଗେ ! ଦେଖିବା, ଲାସ୍‌ଟା କାହାର, ଆପଣ ଚିହ୍ନି ପାରୁଛନ୍ତି କି ନାହିଁ ।"

ଆଗେ ଆଗେ ପ୍ରଣବବାବୁ ଏବଂ ତାଙ୍କ ପଛେ ପଛେ ମ୍ୟାନେଜର ଚାଲିଲେ ଯେଉଁ ରୁମ୍‌ରେ ଲାସ୍‌ଟା ପଡ଼ିଥିଲା । ରୁମ୍ ଭିତରେ ଉଜ୍ଜ୍ୱଳ ଇଲେକଟ୍ରିକ୍ ଆଲୋକଗୁଡ଼ା ଜଳାଇ ରଖାଯାଇଥିଲା । ପ୍ରଣବବାବୁ ଦରଜା ଖୋଲି ମ୍ୟାନେଜରଙ୍କୁ ନେଇ ସିଧା ଲାସ୍ ପାଖରେ ଠିଆ କରାଇଦେଲେ ।

ମେନେଜର ଏପର୍ଯ୍ୟନ୍ତ ଲାସ୍‌ଟା ଭଲକରି ଦେଖି ନ ଥିଲେ । ସେ ଲାସ୍‌ର ଭୀଷଣ ଆକୃତିଟାକୁ ଦେଖି ପ୍ରଥମେ ଭୟରେ ଶିହରି ଉଠିଲେ । ତା'ପରେ ନିଜକୁ

Digitized by PPRACHIN, SOA

ସଂଯତ କରନେଇ ଲମ୍ବ ଉପରେ ଭଲ ଭାବରେ ଦୃଷ୍ଟି ବୁଲାଇଆଣି ଚକ୍କାର କରି-ଉଠିଲେ, ଏଇ ଆଜ୍ଞା ! ଏଇ ମିଷ୍ଟର ପଟେଲ !"

"କ'ଣ କହୁଲେ, ଏଇ ମିଷ୍ଟର ପଟେଲ ପ୍ରଣବବାବୁ ମଧ୍ୟ ବିସ୍ମୟରେ କହିପକାଇଲେ ।

"ହଁ, ସାର୍ ! କାଲ୍‌ ଲ ଭାବରେ ଏଇ ହେଉଛନ୍ତି ମିଷ୍ଟର ପଟେଲ ଆହା, ବଡ଼ ହତଭାଗ୍ୟ !"

ପ୍ରଣବବାବୁଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ମିଷ୍ଟର ପଟେଲ କାଲି ରାତିରୁ ଚାଲିଯାଇଛନ୍ତି; ଅଥଚ ସେ ବର୍ତ୍ତମାନ ମହିଳାଙ୍କ ରୁମ୍‌ରେ ମୃତ । ମହିଳା କେଉଁଆଡ଼େ ଯାଇନାହାନ୍ତି; ଅଥଚ ତାଙ୍କୁ ଦେଖିବାକୁ ମିଳୁନ । ଏ ରହସ୍ୟର ଆଉ ଅନ୍ତ କିଛି ତାଙ୍କ ମୁଣ୍ଡରେ ପଶିଲା ନାହିଁ । ସେ ମ୍ୟାନେଜରଙ୍କୁ ଧରି ସେଠାରୁ ଚାଲିଆସିଲେ । ସେ ରୁମ୍‌ ଟି ଭଲ ଭାବରେ ବନ୍ଦ କରାଯାଇ ପୋଲିସ ଜଗୁଆଳରେ ରହିଲା ।

ପ୍ରଣବବାବୁ ଏସିଆନାର ଅଫିସରୁ ସିଧା ଫୋନ୍‌ କଲେ ବିଖ୍ୟାତ ସି: ଆଇ: ଡି: ମିଷ୍ଟର ଚୌଧୁରୀଙ୍କ ନିକଟକୁ ।

ପ୍ରାୟ ଅଧଘଣ୍ଟାଏ ମଧ୍ୟରେ ମିଷ୍ଟର ଚୌଧୁରୀ ଆସି ପହଞ୍ଚିଗଲେ ହୋଟେଲ ଏସିଆନାରେ । ତାଙ୍କ ସହିତ ଦୁଇ ପ୍ରବୀଣ ସହକାରୀ ଅଜୟ ବାବୁ ଆଉ ଦୁର୍ଦ୍ଧାନ୍ତ ତାରକନ୍‌ । ତା'ଛଡ଼ା ଶିକାରୀ ଓ ଗୁଇନ୍ଦା କୁକୁର ଟାଇଗର ମଧ୍ୟ । ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲାଭଳି ପ୍ରକାଣ୍ଡ ହୃଷ୍ଟପୁଷ୍ଟ କୁକୁରଟା ପଛେ ପଛେ ଜିଭ ଲହ ଲହ କରି ଚାଲିଥାଏ ।

ଇନ୍‌ସପେକ୍ଟର ପ୍ରଣବବାବୁ ମିଷ୍ଟର ଚୌଧୁରୀଙ୍କୁ ଦେଖି ଅଭିବାଦନ ଜଣାଇଲେ । ମିଷ୍ଟର ଚୌଧୁରୀ ହସି ହସି କହିଲେ, "କହୋ ପ୍ରଣବ, ଘଟଣା କ'ଣ ? ତୁମେମାନେ କ'ଣ ସବୁଦିନେ ପିଲା ହୋଇ ରହିବ ? ବଡ଼ ବଡ଼ କେସ୍‌ରେ ମୁଣ୍ଡ ଖେଳେଇବ ନାହିଁ ? ଖାଲି ଏଇ ବୁଢ଼ାଟାକୁ ଟଣାଟଣି କରି ବ୍ୟସ୍ତ କରୁଥିବ ?"

Digitized by PPRACHIN, SOA

ପ୍ରଣବବାବୁ ଟିକଏ ଲଜ୍ଜିତ ହୋଇ କହିଲେ, 'କ୍ଷମା କରିବେ ସାର, ଆପଣଙ୍କୁ କଷ୍ଟ ଦେଉଛୁ । କେସଟା ଟିକେ କ୍ରିଟିକାଲ୍ ଜଣାପଡ଼ୁଚି ମୋତେ ।''

"ସତେ ! ଆଚ୍ଛା ଚାଲନ୍ତୁ ଦେଖି ଆସିବା ଉପରକୁ । ସେଇଠି ସବୁ ।'' ମିଷ୍ଟର ଚୌଧୁରୀ ଆଗକୁ ଯିବା ସଙ୍ଗେ ସଙ୍ଗେ ତାଙ୍କ ପଛେ ପଛେ ଅନ୍ୟମାନେ ବି ଯିବାରେ ଲାଗିଲେ ।

ଲସ୍ ପାଖରେ ଛିଡ଼ା ହୋଇ ମିଷ୍ଟର ଚୌଧୁରୀ ପ୍ରଣବବାବୁ ଏବଂ ହୋଟେଲ ମ୍ୟାନେଜରଙ୍କଠାରୁ ସବୁ ବିଷୟ ଟିକିନିଖି ଶୁଣିଲେ । ତା'ପରେ ବାଥ୍‌ରୁମ୍ ଭିତରକୁ ଭଲଭାବରେ ଲକ୍ଷ୍ୟ କରି କହିଲେ, "ଏଟା ଯେ ଗୋଟାଏ ମର୍ଡ଼ର, ସେଥିରେ ମୁଁ ନିଃସନ୍ଦେହ । ମିସ୍ ଏଲିସା ଘଟଣା ଘଟିବା ସମୟରେ ଦରଜା ଆଡ଼କୁ ମୁହଁ କରିଥିଲେ । ହତ୍ୟାକାରୀ ସେ ହେଉ ବା ନ ହେଉ, ସେତେବେଳେ ସେ ନିଶ୍ଚୟ ପ୍ରସାଧନରେ ବ୍ୟସ୍ତ ଥିଲା । ଏ କଥା ଡ୍ରେସିଂ ଟେବୁଲରୁ ପ୍ରମାଣ ମିଳୁଚି । ତା ଛଡ଼ା ମିଷ୍ଟର ପଟେଲଙ୍କୁ ହତ୍ୟା କଲା ସମୟରେ ହେଉ ବା ତା ପରେ ହେଉ, ଏ ରୁମ୍‌ର ଲାଇଟ୍ ଅଫ୍ କରିଦିଆଯାଇଚି । କାରଣ, ଏକଥା ନିଶ୍ଚିତ ଯେ ମିସ୍ ଏଲିସା ଅନ୍ଧକାରରେ ବସି କଦାପି ପ୍ରସାଧନ କରୁ ନ ଥିଲା । ଆଉ ଗୋଟିଏ ବିଷୟ ଲକ୍ଷ୍ୟ କର, ଲିଭିଂ ଚେମ୍ବାରର ଆଉଟଟା ଦରଜା ଆଡ଼କୁ ଅଛି । ଏଥିରେ କଣ ଜଣାଯାଉନି ଯେ, ତରୁଣୀଟି ହଠାତ୍ ଭୁଲିପଡ଼ି ଚାଲିଯାଇଚି ?''

ମିଷ୍ଟର ଚୌଧୁରୀଙ୍କର ଅନୁମାନଶକ୍ତି ସମସ୍ତଙ୍କୁ ସ୍ତମ୍ଭିତ କରିଥିଲା । କିଛି ସମୟ ନୀରବ ରହିଲା ପରେ ଲସ୍‌ଟାକୁ ତନ୍ନ ତନ୍ନ ଭାବରେ ପରୀକ୍ଷା କରିବାରେ ଲାଗିଲେ ମିଷ୍ଟର ଚୌଧୁରୀ । ଦେହରେ କେଉଁଠି ହେଲେ ଆଘାତର ଚିହ୍ନବର୍ଣ୍ଣ ନାହିଁ । ପୋଷାକ ପରିଧାନ ମୂଲ୍ୟବାନ । ପକେଟ ତଲାସ କରାଗଲା । ସେଥିରେ ମାତ୍ର ଖଣ୍ଡିଏ ଫଟୋ ଛଡ଼ା ଆଉ କିଛି ବାହାରିଲା ନାହିଁ । ଫଟୋ ଖଣ୍ଡିକ ଥିଲା ଜଣେ ତରୁଣୀର । ମ୍ୟାନେଜର ଫଟୋଖଣ୍ଡିକ ଦେଖିଲାକ୍ଷଣି ଚିତ୍କାର କରି କହିଲେ, "ଏ ସେଇ ତରୁଣୀ ଅଛନ୍ତି, ମିସ୍ ଏଲିସା, ଯାହାକୁ ଆମେ ଖୋଜୁଥିଲୁ ।''

Digitized by PPRACHIN, SOA

ମିଷ୍ଟର ଚୌଧୁରୀଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏ ଫଟୋ ପୁଣି ସେଇ ତରୁଣୀର ହୋଇପାରେ, ଯେ କି ବର୍ତ୍ତମାନ ତାଙ୍କର ସନ୍ଦେହର ପରିସର ଭିତରେ ' ଯାଇସାରିଛି, ସେ ଖଣ୍ଡିକ ଖଣ୍ଡିଏ କାଗଜରେ ଗୁଡ଼ାଇ ଯତ୍ନକରି ରଖିଲେ । ପର୍ସ୍ ର ପକେଟଭିତରୁ ଆଉ କିଛି ମିଳିଲା ନାହିଁ ।

ଡ୍ରେସିଂ ଟେବୁଲ ଉପରେ ପ୍ରତ୍ୟେକଟି ପ୍ରସାଧନସାମଗ୍ରୀ ପରୀକ୍ଷା କରିଗଲେ ମିଷ୍ଟର ଚୌଧୁରୀ । କେତେଟା ଜିନିଷ ପରୀକ୍ଷା କଲାପରେ ପାଉଡ଼ରଟା ଦୃଷ୍ଟି ଆକର୍ଷଣ କଲା ତାଙ୍କର । ସେଥିରେ କେତୋଟି ସ୍ୱର୍ଣ୍ଣାଭ କେଶ ସେ ପର୍ଯ୍ୟନ୍ତ ଲାଗିଥିଲା । ସାମାନ୍ୟ ହେଲେ ମଧ୍ୟ ତଦନ୍ତ କରିବାରେ ତାହା ଗୋଟିଏ ମୂଲ୍ୟବାନ ତଥ୍ୟ ହୋଇଲ. ଭାବି ମିଷ୍ଟର ଚୌଧୁରୀ ସେଇଟିକୁ କାଗଜରେ ଗୁଡ଼ାଇ ଯତ୍ନର ସହିତ ରଖିଲେ ।

ଲାସ୍ ଟା ଆଉ ପକାଇ ରଖିବାର ଆବଶ୍ୟକତା ନ ଥିଲା । ସେଇଟିକୁ ପୋଷ୍ଟମର୍ଟମ୍ କରିବାର ବ୍ୟବସ୍ଥା କରିବାକୁ ପ୍ରଣବବାବୁଙ୍କୁ କହି ମିଷ୍ଟର ଚୌଧୁରୀ ବାହାରକୁ ଚାଲିଆସିଲେ ।

ବାରଣ୍ଡାରେ ଆସନ ଗ୍ରହଣ କରି ସେ ମ୍ୟାନେଜରଙ୍କୁ ଲକ୍ଷ୍ୟ କରି କହିଲେ, "ଏଥର ମିଷ୍ଟର ପଟେଲଙ୍କ ରୁମ୍ ଟା ଦେଖିବା ।"

ମ୍ୟାନେଜର ତତ୍‌କ୍ଷଣାତ୍ ରୁମ୍ ଟା ଖୋଲିଦେଲେ । ମିଷ୍ଟର ଚୌଧୁରୀ ଦେଖିଲେ, ରୁମ୍ ଭିତରେ କେବଳ ବେଡ୍ ଟା ଛଡ଼ା ଆଉ କିଛି ନାହିଁ । ସେ ବିସ୍ମିତ ହୋଇ ପଚାରିଲେ, "ଆଚ୍ଛା, ମିଷ୍ଟର ପଟେଲଙ୍କର କ'ଣ କିଛି ଜିନିଷପତ୍ର ନ ଥିଲା ?"

ମ୍ୟାନେଜର ଟିକିଏ ଚିନ୍ତା କରି କହିଲେ, "ହଁ, ତାଙ୍କର ହାତରେ ଗୋଟିଏ ଆଟାଚି ବାକ୍ସ ଥିଲା, ମୁଁ ଏହା ନିଶ୍ଚିତ ଭାବରେ କହିପାରେ ।"

"ଆଉ ସେ ତରୁଣୀଙ୍କର ?"

"ତାଙ୍କର ଜିନିଷପତ୍ର କିଛି ନ ଥିଲା । କେବଳ ଗୋଟିଏ ଭ୍ୟାନିଟି ବ୍ୟାଗ୍ ତାଙ୍କ ହାତରେ ଥିଲା ବୋଧହୁଏ ।" ମ୍ୟାନେଜର ଉତ୍ତର ଦେଲେ ।

Digitized by PPRACHIN, SOA

ସେ ରୁମ୍ ଭିତରର ଚଟାଣଟାକୁ ଭଲରୂପେ ପରୀକ୍ଷା କରି ଦେଖିବାକୁ କହିଲେ ମିଷ୍ଟର ଚୌଧୁରୀ ଅଜୟବାବୁଙ୍କୁ । ତା'ପରେ ସେ ମ୍ୟାନେଜରଙ୍କୁ ଲକ୍ଷ୍ୟ କରି କହିଲେ, "ଚାଲନ୍ତୁ, ଆପଣଙ୍କର ରିସେପ୍‌ସନିଷ୍ଟଙ୍କୁ କେତୋଟା କଥା ପଚାରିବାକୁ ଅଛି ।"

ମ୍ୟାନେଜର ଆଗକୁ ଚାଲିଗଲେ; ତାଙ୍କ ପଛେ ପଛେ ତାରଜନ୍ ଏବଂ ଟାଇଗର ।

କାଉଣ୍ଟରରେ ରିସେପ୍‌ସନିଷ୍ଟ ଉପସ୍ଥିତ ଥିଲେ । ଆଗରେ ମିଷ୍ଟର ଚୌଧୁରୀ ଏବଂ ମ୍ୟାନେଜରଙ୍କୁ ଦେଖି ସେ ସସମ୍ଭ୍ରମେ ଉଠି ଠିଆହେଲେ । ମିଷ୍ଟର ଚୌଧୁରୀ ରିସେପ୍‌ସନିଷ୍ଟଙ୍କ ଉପରେ ଗୋଟାଏ ଗମ୍ଭୀର ଦୃଷ୍ଟି ନିକ୍ଷେପ କରି ପଚାରିଲେ, ଆପଣ ରିସେପ୍‌ସନିଷ୍ଟ ?"

"ଆଜ୍ଞା, ହଁ ।"

"କାଲି ରାତିରେ ଆପଣ ଉପସ୍ଥିତ ଥିଲେ ?"

"ହଁ ।"

"ମିଷ୍ଟର ପଟେଲଙ୍କୁ ଆପଣ ଚିହ୍ନନ୍ତି ?"

"ନା ।"

ତେବେ ମିଷ୍ଟର ପଟେଲ ଯେ କାଲି ରାତିରେ ଚାଲିଯାଇଛନ୍ତି, ଏ କଥା ଆପଣ ଜାଣିଲେ କିପରି ?"

ରିସେପ୍‌ସନିଷ୍ଟ ଏ ପ୍ରକାର ପ୍ରଶ୍ନରେ ଟିକିଏ ଘାବରେଇଯାଇ କହିଲେ, "କାଲି ରାତିରେ ମ୍ୟାନେଜରଙ୍କ ସାଙ୍ଗରେ ଜଣେ ପୁରୁଷ ଏବଂ ଜଣେ ବିଦେଶିନୀ ମହିଳା ଆସିଥିଲେ । ସେମାନଙ୍କର ନାମ ମୁଁ ରେକର୍ଡ କରିଥିଲି । ତରୁଣୀ ଜଣକ ମିସ୍ ଏଲ୍‌ସା, ପୁରୁଷ ଜଣକ ମିଷ୍ଟର ପଟେଲ, ଏଥିରେ ସନ୍ଦେହ ନାହିଁ । ସେତିକି-ବେଳେ ମୁଁ ତାଙ୍କୁ ଚିହ୍ନି ପାରିଥିଲି ।"

ମିଷ୍ଟର ଚୌଧୁରୀ ପୁଣି ପଚାରିଲେ, "ଆପଣ ବର୍ତ୍ତମାନ ମିଷ୍ଟର ପଟେଲଙ୍କୁ ଚିହ୍ନି ପାରିବେ ?"

Digitized by PPRACHIN, SOA

"ନିଶ୍ଚୟ, ସାର୍ ।"

"ଆଚ୍ଛା, କାଲି ରାତ୍ରରେ ସେ ଆପଣଙ୍କଠାରୁ ଚାବିଟି ନେଲାବେଳେ ଆପଣ ତାଙ୍କ ପ୍ରତି ଲକ୍ଷ୍ୟ ରଖିଥିଲେ ?"

"ହଁ, ସାର୍ ! ମୁଁ ନିଶ୍ଚିତ୍ ଭାବରେ କହିପାରେ ଯେ, ସେ ଥିଲେ ମିଷ୍ଟର୍ ପଟେଲ । ତାଙ୍କର କଳା ରଙ୍ଗର ଆଟାଚି କେସ୍‌ଟା ହାତରେ ଥିଲା । ସେଇ କେସ୍‌ଟାକୁ ଧରି ସେ ହୋଟେଲକୁ ଆସିଥିଲେ ଏବଂ ତା'ର ଭିତରୁ ଟଙ୍କା ବାହାର କରି ଦୁଇଶ ଟଙ୍କା ଆଡ୍‌ଭାନ୍‌ସ ମଧ୍ୟ ଦେଲେ ।"

ତା'ପରେ ପ୍ରଣବବାବୁଙ୍କୁ ଡାକି ସେ ଲାସ୍‌ଟାକୁ ଇନ୍‌ସପେକ୍ଟରଙ୍କ ଦ୍ୱାରା ସନାକ୍ତ କରାଇବାକୁ କହିଲେ । ପ୍ରଣବବାବୁ ଇନ୍‌ସପେକ୍ଟରଙ୍କୁ ନେଇ ଚାଲିଗଲେ ।

ମିଷ୍ଟର ଚୌଧୁରୀ ଦରୱାନ୍ ନିକଟକୁ ଯାଇ ତାକୁ କେତେକ ପ୍ରଶ୍ନ କଲେ । ମାତ୍ର ତା'ଠାରୁ ବିଶେଷ କିଛି ଜାଣିବାକୁ ମିଳିଲା ନାହିଁ । ସେ କେବଳ ଏତିକି କହିପାରିଲା ଯେ, କାଲି ରାତିରେ ଯେଉଁ ଭଦ୍ରଲୋକ ଆସିଥିଲେ, ସେ ସାଢ଼େ ନଅଟା ବେଳେ ବାହାରି ଯାଇଛନ୍ତି । ସେ ଦରଜାରେ ପହଞ୍ଚିବା ମାତ୍ରେ ଗୋଟିଏ କଳା ରଙ୍ଗର କାର୍ ବ୍ରେକ୍ କଲା ତାଙ୍କ ପାଖରେ । ସେଇଥିରେ ସେ ଚାଲିଗଲେ । କୌଣସି ସ୍ତ୍ରୀଲୋକ ରାତିରେ ବାହାରକୁ ଯାଇନାହାନ୍ତି ।

ଇତିମଧ୍ୟରେ ଇନ୍‌ସପେକ୍ଟର ଫେରିଆସିଥିଲେ । ପୂର୍ବ ଅପେକ୍ଷା ତାଙ୍କର ମୁଖମଣ୍ଡଳ ଗମ୍ଭୀର ଦେଖାଯାଉଥିଲା । ମିଷ୍ଟର ଚୌଧୁରୀ ତାଙ୍କୁ ଲକ୍ଷ୍ୟ କରି ପଚାରିଲେ, "କ'ଣ ଦେଖିଲେ ?"

"ମିଷ୍ଟର ପଟେଲଙ୍କୁ ସାର୍, ମୃତ ଅବସ୍ଥାରେ—" ଇନ୍‌ସପେକ୍ଟର ଚୁପ୍ ରହିଲେ ।

ରୁମ୍ ଦୁଇଟା ଭଲ କରି ଚାବି ଦେଇ ରଖିବାପାଇଁ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଲେ ମିଷ୍ଟର ଚୌଧୁରୀ ।

ଅଜୟବାବୁ ଫେରିଆସିଥିଲେ । ପ୍ରଣବବାବୁଙ୍କୁ କେତେଟା ଉପଦେଶ ଦେଇ ମିଷ୍ଟର ଚୌଧୁରୀ ନିଜର ଦଳବଳ ନେଇ ବାହାରିଗଲେ ।

Digitized by PPRACHIN, SOA

ମିଷ୍ଟର ଚୌଧୁରୀ ତାଙ୍କର ବାସଭବନରେ ବସିଥିଲେ । ଏଇ କକ୍ଷଟି ତାଙ୍କର ସବୁଠାରୁ ସୁରକ୍ଷିତ, ଗୋପନୀୟ ଏବଂ ସୁସଜ୍ଜିତ କକ୍ଷ । ନାନା କେସ୍‌ର ତଥ୍ୟ ସଂଗୃହୀତ ହୋଇ ଏଇ କକ୍ଷର ବିଭିନ୍ନ ଷ୍ଟିଲ୍ ଆଲମିରାରେ ରକ୍ଷିତ ଅଛି । ଆବଶ୍ୟକ ସମୟରେ ମିଷ୍ଟର ଚୌଧୁରୀ ତାଙ୍କର ସହକାରୀ ଅଜୟବାବୁ ଓ ତାରଜନ ସହିତ କୌଣସି କୌଣସି ଗୁରୁତର ଏବଂ ଗୋପନୀୟ ପରାମର୍ଶ କରନ୍ତି ।

ସେଦିନ ସେଠାରେ ମିଷ୍ଟର ଚୌଧୁରୀଙ୍କ ବ୍ୟତୀତ ଅଜୟବାବୁ ଏବଂ ତାରଜନ ମଧ୍ୟ ଉପସ୍ଥିତ ଥିଲେ ।

ମିଷ୍ଟର ଚୌଧୁରୀଙ୍କ ସାମନାରେ ଟେବୁଲ ଉପରେ ମିଷ୍ଟର ପଟେଲଙ୍କର ପୋଷ୍ଟମର୍ଟମ୍ ରିପୋର୍ଟଟି ପଡ଼ିଥିଲା । ତାରଜନ ଏବଂ ଅଜୟବାବୁ ମିଷ୍ଟର ଚୌଧୁରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲେ ।

ନୀରବତା ଭଙ୍ଗି ମିଷ୍ଟର ଚୌଧୁରୀ କହିଲେ, "ବୁଝିଲ ଅଜୟ, କେସ୍‌ଟା ଗୋଟାଏ ଅସାଧାରଣ ରହସ୍ୟ ଭିତରେ ଗତି କରୁଛି । ତୁମେ ଦୁହେଁ ଆରମ୍ଭରୁ ଖୁବ୍ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣକର । ନ ହେଲେ ଲକ୍ଷ୍ୟ ହାସଲ ହେବା ପୂର୍ବରୁ ତଡ଼େଇ ଜାଲ୍ କାଟିଦେଇ ଉଡ଼ିଯିବ ।"

ଅଜୟବାବୁ ଆଉ ତାରଜନ ଦୁହେଁ ନୀରବରେ ଗୁହିଁ ରହିଥିଲେ । ମିଷ୍ଟର ଚୌଧୁରୀ ପଚାରିଲେ, "ଆଚ୍ଛା ଅଜୟ, ତୁମେ ମିଷ୍ଟର ପଟେଲଙ୍କ ରୁମ୍‌ର ତଟାଣଟା ପରୀକ୍ଷା କରି କିଛି ପାଇଲ ?"

"ହଁ ସାର୍ ପରିଷ୍କାର ଯୋଡ଼ାଏ ପାଦଚିହ୍ନ । ତା'ର ଫଟୋ ଉଠାଇ ପ୍ରିଣ୍ଟ କରି ରଖିଛି ।" ଏହା କହିବା ସଙ୍ଗେ ସଙ୍ଗେ ସେ ପାଖ ଆଲମିରାରୁ କେତେଖଣ୍ଡି ଫଟୋ ଆଣି ରଖିଲେ ଟେବୁଲ ଉପରେ ।

ମିଷ୍ଟର ଚୌଧୁରୀ ସ୍ଥିର ଦୃଷ୍ଟିରେ ଫଟୋଗୁଡ଼ିକୁ ଦେଖି କହିଲେ, "ଏ ଫଟୋ ତ ଲେଡ଼ିଜ୍ ହାଇହିଲ୍ ଜୋତାର । ତେବେ ଏ ହାଇହିଲ ଅଧିକାରିଣୀ

Digitized by PPRACHIN, SOA

କିଛି ସାମାନ୍ୟ ନାରୀ ନୁହଁ । ଗୋଟାଏ ବଡ଼ ହୋଟେଲରେ ମିଷ୍ଟର ପଟେଲଙ୍କ ପରି ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ହତ୍ୟା କରି, ତାଙ୍କର କାଗଜପତ୍ର ଧରି, ପୁଣି ଚାକର ଛଦ୍ମବେଶରେ ଗାଏବ ହୋଇଯାଇଛି ଏଇ ତରୁଣୀ । ତୁମେ ଦୁହେଁ ଆଜିଠାରୁ ଲାଗିପଡ଼ ତା' ପଛରେ । ମୋର ଯେତେଦୂର ମନେହୁଏ, ସେ ଏଇ ସହର ଭିତରେହିଁ ଅଛି । ତା'ର ଗୋଟାଏ ଆଡ୍ଡା ବି ଅଛି । ମିଷ୍ଟର ପଟେଲଙ୍କ ଆଟାଚରେ କିଛି ମୂଲ୍ୟବାନ କାଗଜ ଥିଲା ନିଶ୍ଚୟ । ସେତକ ହାତ କରିବାପାଇଁ ସେ ଗୁଡ଼ାଏ ପରିଶ୍ରମ ଏବଂ କୌଶଳ କରିଛି ।"

"ମୋତେ କ'ଣ କରିବାକୁ ହେବ, କୁହନ୍ତୁ ସାର୍ !" ଅଜୟବାବୁ ଖୁବ୍ ଆଗ୍ରହର ସହିତ ପଚାରିଲେ ।

ମିଷ୍ଟର୍ ଚୌଧୁରୀ କହିଲେ, "ତୁମେ ବର୍ତ୍ତମାନ ହୋଟେଲ ଏସିଆନାକୁ ଯାଇ ବୁଝ ଯେ, ଲଣ୍ଡନରେ କେଉଁ ଠିକଣାରୁ ପଟେଲଙ୍କ ପାଇଁ ସିଟ୍ ରିଜର୍ଭ କରାଯାଇଥିଲା । ସେଠିକା ପୋଲିସ ସହିତ ଯୋଗାଯୋଗ ରଖି ମିଷ୍ଟର ପଟେଲଙ୍କ ସମ୍ପର୍କରେ ଡିଟେଲସ୍ ସଂଗ୍ରହ କର । ଆଉ ଗୋଟିଏ କାମ ହେଲା—ଏଇ ତରୁଣୀ ଯେପରି ବାହାରକୁ ଚାଲି ନ ଯାଏ । ତରୁଣୀର ଫଟୋଟିରୁ କିଛି ଗୁଡ଼ାଏ ପ୍ରିଣ୍ଟ ଉଠାଇନେଇ ଆମର ପ୍ରତ୍ୟେକ ସେଣ୍ଟରକୁ ଖଣ୍ଡେ ଖଣ୍ଡେ ପଠାଇଦିଅ । ମୁଁ ମଧ୍ୟ କମିଶନରଙ୍କ ସହିତ କଥାବାର୍ତ୍ତା କରି ଏ କାମ ଯେପରି ଖୁବ୍ କଡ଼ାକଡ଼ି ଭାବରେ ପାଳନ କରାଯାଏ, ତା'ର ବ୍ୟବସ୍ଥା କରିବି । ତା'ଛଡ଼ା ମିଷ୍ଟର ପଟେଲଙ୍କର ଖବର ମଧ୍ୟ ଟିକେ ଏ ସହରରେ ନେଉଥିବେ ।"

ଅଜୟବାବୁ ଜାଣନ୍ତି, ମିଷ୍ଟର ଚୌଧୁରୀଙ୍କ କଥା ଉପରେ ଆଉ କିଛି ଯୁକ୍ତି କଲେ ସେ ଭୟାନକ ଚିଡ଼ିଯାଆନ୍ତି । ତଥାପି ଆଗ୍ରହ ଦମନ କରି ନ ପାରି ସେ କହିଲେ, "ଆପଣ କଣ ମନେ କରୁଛନ୍ତି ଯେ, ମିଷ୍ଟର ପଟେଲ ଆଉ ଜୀବିତ ଅଛନ୍ତି ?

ମିଷ୍ଟର ଚୌଧୁରୀ ହସି ହସି କହିଲେ, "ମିଷ୍ଟର ପଟେଲ ଜୀବିତ ଥାଇ ନ ପାରନ୍ତି । କିନ୍ତୁ ତାଙ୍କ ବିଷୟରେ ଜୀବନ୍ତ ତଥ୍ୟଗୁଡ଼ିଏ ତୁମେ ସଂଗ୍ରହ କରିପାରିବ । ଆମର ସେଇଟା ବେଶି ଦରକାର । ଯାଅ, କାମରେ ଲଗିପଅ । ଯେତେ ଶୀଘ୍ର ପାର, ମୋତେ ଆସି ଖବର ଦିଅ ।"

Digitized by PPRACHIN, SOA

ଇନସ୍ପେକ୍ଟର ଉଠି ଚାଲିଗଲେ । ତା'ପରେ ମିଷ୍ଟର ଚୌଧୁରୀ ତାରଜନଙ୍କୁ ଲକ୍ଷ୍ୟ କରି କହିଲେ, "ମିଷ୍ଟର ତାରଜନ ! ଏ କେସ୍‌ର ମୁଖ୍ୟ ଦାୟିତ୍ୱ ତୁମ ଉପରେ ଦେବାକୁ ମୁଁ ସ୍ଥିର କରିଛି । ତୁମେ ଅବଶ୍ୟ ମୋ'ଠାରୁ ଆବଶ୍ୟକ ସମୟରେ ପରାମର୍ଶ ଏବଂ ଇନସ୍ପେକ୍ଟରଠାରୁ ସାହାଯ୍ୟ ପାଇବ । ତୁମର କାମ ହେଉଛି—ଆଜିଠାରୁ ଟାଇଗରକୁ ନେଇ ତୁମେ ଏ ସହରରେ ଏଇ ତରୁଣୀର ସନ୍ଧାନ ନେବ ଖୁବ୍ ସତର୍କତାର ସହିତ ଏବଂ ଛଦ୍ମ ବେଶରେ । ତୁମ ଦୁହିଁଙ୍କଠାରୁ ଖବର ପାଇବା ପରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କାମ ଆପେ ଆପେ ଖୋଲି ହୋଇଯିବ ।

ମିଷ୍ଟର ଚୌଧୁରୀ ତାରଜନଙ୍କୁ ଆଉ କିଛି କହିଥାଆନ୍ତେ କି କ'ଣ ଠିକ୍ ଏତିକିବେଳେ କଲିଂ ବେଲ ବାଜିଉଠିଲା । ଏ ସଙ୍କେତରୁ ମିଷ୍ଟର ଚୌଧୁରୀ ବୁଝିଲେ ଯେ, କେହି ଜଣେ ଆଗନ୍ତୁକ ତାଙ୍କ ବୈଠକଖାନାରେ ସାକ୍ଷାତପ୍ରାର୍ଥୀ । ଅଗତ୍ୟା ସେ ସେଠାରୁ ଉଠି ଚାଲିଆସିଲେ ।

ପ୍ରକୃତରେ ତଳ ମହଲରେ ତାଙ୍କୁ ଅପେକ୍ଷା କରିଥିଲେ ଜଣେ ଲୋଲଚର୍ମ ବୃଦ୍ଧ । ପୋଷାକପତ୍ରରୁ ସେ ଜଣେ ପାର୍ଶୀ ବୋଲି ଜାଣିହେଉଥିଲା । ମିଷ୍ଟର ଚୌଧୁରୀ ଅନୁମାନ କଲେ, ବୃଦ୍ଧଙ୍କ ବୟସ ନବେରୁ ଊଣା ହେବ ନାହିଁ । ଦେହର ପ୍ରତିଟି ଲୋମ ଏପରିକି ଆଖିପତାର ବାଳଗୁଡ଼ିକ ମଧ୍ୟ ପାଚି ଧଳା ହୋଇଯାଇଥିଲା । ଚେହେରାରୁ ତାଙ୍କର ଆଭିଜାତ୍ୟର ପରିଚୟ ମିଳୁଥିଲା । ବୟସର ଆଧିକ୍ୟ ଯୋଗୁ ବୃଦ୍ଧ ଥର ଥର ହେଉଥିଲେ ।

ମିଷ୍ଟର ଚୌଧୁରୀ ବୃଦ୍ଧଙ୍କୁ ନମସ୍କାର କରି ବସିବାକୁ ଅନୁରୋଧ କଲେ । ବୃଦ୍ଧ ଆସନ ଗ୍ରହଣ କରି କହିଲେ, "ମୁଁ ମିଷ୍ଟର ଚୌଧୁରୀଙ୍କ ସହିତ ଟିକେ ଦେଖା କରିବାକୁ ଚାହୁଁଛି । ଆପଣ ଦୟାକରି ମୋତେ ତାଙ୍କ ସହିତ ସାକ୍ଷାତର ଟିକିଏ ସୁବିଧା କରିଦିଅନ୍ତୁ ।"

ମିଷ୍ଟର ଚୌଧୁରୀ ହସକୁ ଚାପିରଖି କହିଲେ, "କହନ୍ତୁ, ଆପଣଙ୍କ ସାମନାରେ ମିଷ୍ଟର ଚୌଧୁରୀ । କହନ୍ତୁ, ଆପଣଙ୍କୁ କିଭଳି ସାହାଯ୍ୟ ମୁଁ କରିପାରେ ?"

ବୃଦ୍ଧ ଟିକିଏ ଖୁସି ହୋଇଗଲା ପରି ଜଣାଗଲେ । ତା'ପରେ ଘରର ଚତୁର୍ଦ୍ଦିଗକୁ ସତର୍କ ଭାବରେ ଦୃଷ୍ଟି ବୁଲାଇବାରେ ଲାଗିଲେ । ତାଙ୍କର ମନୋଭାବ

Digitized by PPRACHIN, SOA

ଲକ୍ଷ୍ୟ କରି ମିଷ୍ଟର ଚୌଧୁରୀ କହିଲେ, "ଏଠି ନିରାପଦ । ଆପଣ ନିର୍ଭୟରେ ସବୁ କିଛି ପ୍ରକାଶ କରିପାରନ୍ତି ।"

ବୃଦ୍ଧ ଟିକିଏ ଆଶ୍ୱସ୍ତି ହେଲେ । ତା'ପରେ ଛେପ ଢୋକି କହିଲେ, "ମୋ ନାମ ଶିବରାମ ପ୍ରସାଦ । ଏ ସହରର ପୁରାତନ ଏବଂ ପ୍ରସିଦ୍ଧ ଜୁଏଲର ମୁଁ । ମୋର ଅବଶ୍ୟ କୌଣସି ଜୁଏଲରୀ ଦୋକାନ ନାହିଁ । କିନ୍ତୁ ଜୁଏଲ, ଡାଏମଣ୍ଡ, ସୁନା ଆଉ ନାନାପ୍ରକାର ଦାମୀ ଦାମୀ ପଥରର ଏକ୍ସପୋର୍ଟ ଇମ୍ପୋର୍ଟ କାମ ମୋର ଫାର୍ମ କରେ । ପୃଥିବୀର ପ୍ରତ୍ୟେକ ବଡ଼ ବଡ଼ ଦେଶ ଏବଂ ସହରରେ ମୋର ଶାଖା ଫାର୍ମ ଅଛି । ମୋର ପୈତୃକ ଘର ଭାରତରେ । ତେଣୁ ମୁଁ ଭାରତରେ ରହି ବ୍ୟବସାୟର ଦେଖାଶୁଣା କରେ । ବୟସର ଆଧିକ୍ୟ ଯୋଗୁଁ ବାହାରକୁ ଯାଇ ଦେଖାରଖା କରିବାର ସାମର୍ଥ୍ୟ ହରାଇଛି । ତେଣୁ ସେ ସବୁ କାମ ମୋର ସାନଭାଇ ହରିରାମ ପ୍ରସାଦ କରୁଛି । ମୁଁ ଉଣେଶ ବର୍ଷ ବୟସରୁ ବିପତ୍ନୀକ ଏବଂ ନିଃସନ୍ତାନ ।

"ମୋର ସାନଭାଇ ହରିରାମ ପ୍ରସାଦ ବର୍ତ୍ତମାନ ଲଣ୍ଡନର ହ୍ୱାର୍କସ ସ୍ଥାନରେ ଅଛି । ସେଠି ଆମର ଫାର୍ମର ଅଫିସ ଅଛି । ହରିରାମ ବ୍ୟବସାୟରେ ଖୁବ୍ ପାରଙ୍ଗମ । ସେ ମଧ୍ୟ ବିପତ୍ନୀକ । କିନ୍ତୁ ତା'ର ଗୋଟିଏ ପୁଅ ଅଛି । ତାର ବର୍ତ୍ତମାନ ବୟସ କୋଡ଼ିଏ ବର୍ଷ । ଅବିବାହିତ । ଲଣ୍ଡନରେ ଉଚ୍ଚ ଶିକ୍ଷା ପାଇ ବର୍ତ୍ତମାନ ସେ ତା'ର କୌଣସି ବାନ୍ଧବୀ ସହିତ ଟ୍ୟୁର୍ ବୁଲିଯାଇଛି ବୁଲିବାପାଇଁ । ଖୁବ୍ ଶୀଘ୍ର ଅବଶ୍ୟ ସେ ଠିକ୍ ଫେରିଆସିବ ।

"ଶୁଣନ୍ତୁ ମୋ କଥା; ବର୍ତ୍ତମାନ ଆମର ଦରକାରୀ ବିଷୟବସ୍ତୁର ଆଲୋଚନା କରିବା । ବୟସର ଆଧିକ୍ୟ ଯୋଗୁ ଆମେ ଦୁଇ ଭାଇ ଗୋଟିଏ ଉଇଲ ସମ୍ପାଦନ କରିଥିଲୁଁ । ଆମର ଉକିଲ ଥିଲେ ବାରିଷ୍ଟର ଆତ୍ମାରାମ ପଟେଲ । ଉଇଲଟା ଏଇଠି ମୋର ଉପସ୍ଥିତିରେ ଲେଖା ହୋଇଥିଲା । ମୁଁ ସେଥିରେ ଦସ୍ତଖତ କରି ନ ଥିଲି । ହରିରାମର ସ୍ୱାକ୍ଷର ପାଇଁ ତା' ନିକଟକୁ ବାରିଷ୍ଟର ପଟେଲଙ୍କ ହାତରେ ପଠାଇଥିଲି । ମିଷ୍ଟର ପଟେଲ ଯଥାସମୟରେ ହରିରାମଠାରୁ ସେ ଉଇଲ୍ ସ୍ୱାକ୍ଷର କରାଇ ଆଣିଥିଲେ । ମାତ୍ର ଦୁର୍ଭାଗ୍ୟ ସେ ଉଇଲଖଣ୍ଡ ମୋର ହାତକୁ ପୁଣି ଫେରିଆସିବା ଆଗରୁ ମିଷ୍ଟର ପଟେଲଙ୍କର ହୋଟେଲ ଏସ୍ପ୍ଲାନାଡରେ ମୃତ୍ୟୁ ହୋଇଥିବା ଶୁଣିଲି ।

Digitized by PPRACHIN, SOA

ସେଠାରୁ ସବୁ ଶୁଣିଜାଣିଲି ଯେ, ତାଙ୍କ ମୃତ୍ୟୁର ତଦନ୍ତ ଚାର୍ଜ୍ ଆପଣ ନେଇଛନ୍ତି । ତା'ହେଲେ ତାଙ୍କ ସହିତ ଥିବା ଜିନିଷ ଓ କାଗଜପତ୍ର ଆପଣଙ୍କ ମାଲଖାନାରେ ନିଶ୍ଚୟ ଜମା ଥିବ । ସେହି ଦୃଷ୍ଟିରୁ ମୋର ଉକିଲଙ୍କି ତାଙ୍କ କାଗଜପତ୍ରରୁ ମୋତେ ଦେବାକୁ ଅନୁରୋଧ କରୁଛି । ମୁଁ ନିଶ୍ଚିତ ଭାବରେ କହିପାରେ ଯେ, ଉଇଲଟି ତାଙ୍କ ପାଖେ ପାଖେ ଥିଲା ।"

ମିଷ୍ଟର ଚୌଧୁରୀ କ୍ରମଶଃ ଗମ୍ଭୀର ହୋଇପଡୁଥିଲେ । ଗୋଟି ଗୋଟି ହୋଇ ରହସ୍ୟାବୃତ ସମସ୍ୟା ଠିଆ ହେଉଥିଲା ତାଙ୍କ ଆଗରେ । ସେ ଭାବୁଥିଲେ, ତେବେ କଣ ଏଇ ଉଇଲ ପାଇଁ ମିଷ୍ଟର ପଟେଲଙ୍କର ମୃତ୍ୟୁ ହେଲା ? ମିଷ୍ଟର ପଟେଲଙ୍କଠାରୁ ଯେ କାଗଜପତ୍ର କିଛି ମିଳିନାହିଁ, ତାଙ୍କର ଆଟାଚି ବାକ୍ସ ହରଣଚାଲ ହୋଇଯାଇଛି, ଏକଥା ଶୁଣିଲେ ବୃଦ୍ଧ ଶିବରାମ ପ୍ରସାଦ ହୁଏତ ଗୁରୁତର ମାନସିକ ଆଘାତ ପାଇପାରନ୍ତି, ଯାହା ଫଳରେ ତାଙ୍କ ପରବର୍ତ୍ତୀ ଘଟଣାର ବିବରଣୀ ପାଇବାରେ ଅସୁବିଧା ହୋଇପାରେ । ତେଣୁ ଆଗରୁ ତାଙ୍କଠାରୁ ସବୁ ବିଷୟ ଜାଣିନେବାକୁ ସ୍ଥିର କରି ସେ ପଚାରିଲେ, "ଆଚ୍ଛା, ସେ ଉଇଲଟା କାହା ନାଁରେ ସମ୍ପାଦନ କରାଯାଇଥିଲା ?"

ବୃଦ୍ଧ ଟିକିଏ ଅଟକିଯାଇ କହିଲେ, "ସେଟା ସମ୍ପାଦନ କରାଯାଇଛି ହରିରାମର ଏବଂ ମୋର ଏକମାତ୍ର ଉତ୍ତରାଧିକାରିଣୀ କୁମାରୀ ସୁଶୀଳା ପ୍ରସାଦ ନାଁରେ ।"

"କଣ ସମୁଦାୟ ଚଳନ୍ତି ଏବଂ ଅଚଳନ୍ତି ସମ୍ପତ୍ତି ?"

"ସବୁ ଫାର୍ମ, ଘର, ଗାଡ଼ି, ବ୍ୟାଙ୍କବାଲାନ୍ସ ଇତ୍ୟାଦି । ଆଉ ତ ଆମର ଏସବୁ ଭୋଗ କରିବାକୁ ଦ୍ୱିତୀୟ କେହି ନାହିଁ ।" ବୃଦ୍ଧ ଶାନ୍ତଭାବରେ ଉତ୍ତର ଦେଲେ ।

ବୃଦ୍ଧ ଶିବରାମ ପ୍ରସାଦଙ୍କର ସରଳ ବ୍ୟବହାର ଖୁବ୍ ଭଲ ଲାଗୁଥିଲା ମିଷ୍ଟର ଚୌଧୁରୀଙ୍କୁ । ସେ ପୁଣି ପଚାରିଲେ, "ଆଚ୍ଛା, ଆପଣଙ୍କର ସମୁଦାୟ ବାଲାନ୍ସ କେତେ ହେବ ।

Digitized by PPRACHIN, SOA

ଶିବରାମ ପ୍ରସାଦ ଟିକିଏ ଚିନ୍ତା କରି କହିଲେ, "ପ୍ରାୟ ଦଶ କୋଟି ହେବ ଆମର ସବୁ ମିଶି । ଏସବୁ ଆମର ଦୁଇ ଭାଇଙ୍କ ସ୍ୱୋପାର୍ଜିତ । ପୈତୃକ ସୂତ୍ରରୁ ଆମେ ଯାହା ପାଇଥିଲୁ, ଖୁବ୍ ସାମାନ୍ୟ ।"

ଟଙ୍କାର ବିରାଟ ପରିମାଣଟା ଶୁଣି ମିଷ୍ଟର ଚୌଧୁରୀ ବିସ୍ମିତ ହୋଇଗଲେ । ଶିବରାମ ପ୍ରସାଦଙ୍କୁ ଦେଖିଲେ, ସେ ଯେ ଏତେଗୁଡ଼ାଏ ଟଙ୍କାର ମାଲିକ, ଏକଥା ବିଶ୍ୱାସ କରିହୁଏନା । ଟିକିଏ ନୀରବ ରହି ସେ ପଚାରିଲେ, ଏଥିରେ ଆଉ କିଛି, ସର୍ତ୍ତ ନ ଥିଲା ତ ?"

ମିଷ୍ଟର ଚୌଧୁରୀଙ୍କର ଏ ପ୍ରଶ୍ନରେ ଟିକିଏ ଅପ୍ରସ୍ତୁତ ହୋଇଗଲେ ଶିବରାମ ପ୍ରସାଦ । ତାପରେ କହିଲେ, "ହଁ, ସର୍ତ୍ତ ଥିଲା । ସେଟା ହେଉଛି, ସୁଶୀଳା ତା'ର ବିବାହ ପରେ ସମ୍ପତ୍ତିର ମାଲିକାନା ପାଇବ । ତା ପୂର୍ବରୁ ସମସ୍ତ ସମ୍ପତ୍ତି ଆମ ଦୁହିଁଙ୍କ ବିଧାନରେ ବା ଆମର ଓକିଲ ମିଷ୍ଟର ପଟେଲଙ୍କ ତତ୍ତ୍ୱାବଧାନରେ ରହିବ । ଦୈବାତ୍ ଯଦି ବିବାହ ପୂର୍ବରୁ ସୁଶୀଳାର ମୃତ୍ୟୁ ହୁଏ, ତେବେ ଆମର ସମ୍ପର୍କୀୟ ଭଣଜା ମାଣିକ ପ୍ରସାଦ ସେ ସମ୍ପତ୍ତିର ମାଲିକ ହେବ ।"

ମିଷ୍ଟର ଚୌଧୁରୀ ଉଇଲଟାର ଜଟିଳତା ସମ୍ବନ୍ଧରେ ଚିନ୍ତା କରୁ କରୁ ପଚାରିଲେ, "ଏ ମାଣିକ ପ୍ରସାଦ ସତରେ ଆପଣଙ୍କର ସମ୍ପର୍କ କଣ ରକ୍ତର ?"

'ନା ନା', ସେ ମୋର ସମ୍ପର୍କୀୟ । ମୋର ପ୍ରକୃତ ରକ୍ତସମ୍ପର୍କୀୟ ଭଉଣୀ ନିଃସନ୍ତାନ ଅବସ୍ଥାରେ ମରିଯାଇଛି । ସେ ତା'ର ସପତ୍ନୀର ପୁଅ । ବର୍ତ୍ତମାନ ଲଣ୍ଡନରେ ଇଞ୍ଜିନିୟରିଂ ପଢ଼ୁଛି । ମୋ ଜାଣିବାରେ ସେ ଖୁବ୍ ଭଲ ପିଲା ।"

"ସେମାନଙ୍କର ଆର୍ଥିକ ସଙ୍ଗତି କିପରି ?"

"ସେତେ ସ୍ୱଚ୍ଛଳ ନୁହେଁ । କିନ୍ତୁ ପିଲାଟି ଶିକ୍ଷିତ । ସାମୟିକ ଭାବରେ ଆମର ସାହାଯ୍ୟ ନେବାକୁ ପଡ଼େ ତାକୁ । କହନ୍ତୁ ଏଥର, ମିଷ୍ଟର ପଟେଲଙ୍କ ନିକଟରେ ଥିବା ମୋର ଉଇଲଟା ପାଇବି କି ନାହିଁ ?

ମିଷ୍ଟର ଚୌଧୁରୀ ଦୀର୍ଘ ନିଃଶ୍ୱାସଟାଏ ଛାଡ଼ି କହିଲେ, "ମୁଁ ଖୁବ୍ ଦୁଃଖିତ, ଶିବରାମବାବୁ ! ମିଷ୍ଟର ପଟେଲଙ୍କ ରୁମ ଖାନତଲାସୀରୁ ଆମେ କୌଣସି କାଗଜପତ୍ର

Digitized by PPRACHIN, SOA

ପାଉନାହୁଁ, କେବଳ ଖଣ୍ଡିଏ ଫଟୋ ଛଡ଼ା । ତଥାପି ଆପଣ ଆମ ଉପରେ ଭରସା ରଖିପାରନ୍ତି । ଖୁବ୍ ଶୀଘ୍ର ଆପଣଙ୍କର ଉଇଲଟା ଫେରସ୍ତ ଆଣେଇବାକୁ ଆମେ ପ୍ରାଣପଣେ ଚେଷ୍ଟା କରୁଛୁଁ ।

ମିଷ୍ଟର ଚୌଧୁରୀଙ୍କ କଥା ଶୁଣି ବୃଦ୍ଧ ଶିବରାମ ପ୍ରସାଦଙ୍କ ଚେହେରା କଳା ପଡ଼ିଗଲା । ଯେପରି ହଠାତ୍ ତାଙ୍କୁ ତାଙ୍କର ସର୍ବନାଶର ସମ୍ବାଦ କିଏ ଦେଇଦେଲା କି କଣ । ମିଷ୍ଟର ଚୌଧୁରୀ ଦେଖିଲେ, ବୃଦ୍ଧଙ୍କ ସମ୍ବାଦଟା ଯେପରି ବାଧୁଛି, ଖୁବ୍ ଶୀଘ୍ର ତାଙ୍କର ଗୋଟାଏ ମାନସିକ ପରିବର୍ତ୍ତନ ଆଣି ନ ଦେଲେ ହାର୍ଟଫେଲ କରିବା ଅସମ୍ଭବ ନୁହେଁ । ସେ ସାନ୍ତ୍ୱନା ଦେବା ଢଙ୍ଗରେ କହିଲେ “ଏଥିରେ ଏତେ ବ୍ୟସ୍ତ ହେବାର କ’ଣ ଅଛି, ମିଷ୍ଟର ପ୍ରସାଦ ? ଆପଣ ସେ ଉଇଲର ଗୋଟାଏ ନାକଚ ନୋଟିସ ଦେଇ ଆଉ ଗୋଟିଏ ଉଇଲ କରାଇ-ନେଇପାରନ୍ତି । ତା’ପରେ ଆପଣ ତ ସେଥିରେ ସ୍ୱାକ୍ଷର କରିନାହାନ୍ତି !”

ଏଥିରେ ମିଷ୍ଟର ପ୍ରସାଦଙ୍କର ବ୍ୟସ୍ତତା ଆହୁରି ବଢ଼ିଗଲା । ସେ ଅସ୍ତବ୍ୟସ୍ତ ହୋଇ କହିଲେ, “ନା, ନା, ମୋର ଉଇଲଟା ଦରକାର, ଯେଉଁଟା ମିଷ୍ଟର ପଟେଲଙ୍କ ପାଖରେ ଥିଲା, କେବଳ ସେଇଟା । ତା’ର ବିନିମୟରେ ଲକ୍ଷ ଲକ୍ଷ ଟଙ୍କା ଦେବାକୁ ମୁଁ ଆନନ୍ଦରେ ପ୍ରସ୍ତୁତ ଅଛି ।”

ମିଷ୍ଟର ଚୌଧୁରୀ ଦେଖିଲେ, ଘଟଣା ସହଜ ନୁହେଁ । ସେ ଉଇଲ ପଛରେ କିଛି ଗୂଢ଼ ଏବଂ ମୂଲ୍ୟବାନ ରହସ୍ୟ ଲୁଚି ରହିଛି ନିଶ୍ଚୟ । ସେ ପୁଣି, ପଚାରିଲେ, “ଆପଣ ସେଇ ଉଇଲଟା ପାଇଁ ଏତେ ବ୍ୟାକୁଳ କାହିଁକି, କୁହନ୍ତୁ ? ସେ କାଗଜଟାର ଗୁରୁତ୍ୱ ଯଦି କିଛି ଥାଏ, ତେବେ ଆମର ଜାଣିବା ନିତାନ୍ତ ଦରକାର ।”

“ନା, ନା, କିଛି ଗୁରୁତ୍ୱ ନାହିଁ ସେଥିରେ । ତେବେ ସେ ଖଣ୍ଡିକ ନ ହେଲେ ମୋର ସର୍ବନାଶ ହୋଇଯିବ । ଯେ କୌଣସି ପ୍ରକାରେ ହେଉ, ଯେତେ ଅର୍ଥ ବିନିମୟରେ ହେଉ, ଆପଣ ସେ ଉଇଲ ଖଣ୍ଡିକ ଉଦ୍ଧାର କରନ୍ତୁ ।”

ବୃଦ୍ଧ ଶିବରାମ ପ୍ରସାଦ ଆଉ କିଛି ନ ଶୁଣି ଝଡ଼ ପରି ଉଠି ଯିବାକୁ ବାହାରିଲେ । ପାଦ ତାଙ୍କର ଟଳମଳ ଅବସ୍ଥାରେ । ଯେକୌଣସି ମୁହୂର୍ତ୍ତରେ ପଡ଼ିଯିବାର ଆଶଙ୍କା । ମିଷ୍ଟର ଚୌଧୁରୀ ତାଙ୍କ ପଛେ ପଛେ ଛୁଟିଆସିଲେ ।

Digitized by PPRACHIN, SOA

ଶିବରାମ ପ୍ରସାଦ ବାରଣ୍ଡା ପାଖରେ ପହଞ୍ଚିଲାକ୍ଷଣି ତାଙ୍କର ଡ୍ରାଇଭର ତାଙ୍କୁ ଧରି ଚାଲିବାରେ ସାହାଯ୍ୟ କଲା । ତାଙ୍କୁ ଗାଡ଼ିରେ ବସାଇ ସେ କାର୍ ଷ୍ଟାର୍ଟ କଲା । ମୂଲ୍ୟବାନ ଗାଡ଼ିଟା ଆଗକୁ ମାଡ଼ିଚାଲିଲା ।

ମିଷ୍ଟର ଚୌଧୁରୀ ବାରଣ୍ଡାରେ ଠିଆ ହୋଇ ଶିବରାମ ପ୍ରସାଦଙ୍କୁ ଯିବାକୁ ଲକ୍ଷ୍ୟ କରୁଥିଲେ । କେଡ଼େ ସରଳ ଲୋକଟି । ଅଥଚ ଗୋଟାଏ ଗୁରୁତର ବିଷୟ କଥା ଲୁଚାଇ ରଖିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି ।

ଚିନ୍ତାକ୍ରାନ୍ତ ଭାବରେ ସେ ଫେରିଆସିଲେ ବୈଠକଖାନାକୁ । ଗୋଟାଏ ସୋଫା ଉପରେ ଆଉଜିପଡ଼ି ଶୂନ୍ୟ ଦୃଷ୍ଟିରେ ଚାହିଁରହିଲେ ଘଡ଼ିରେ ଘୂରୁଥିବା ପଙ୍ଖା ଉପରକୁ । ତାଙ୍କ ମୁଣ୍ଡରେ ରହସ୍ୟ ଅନ୍ଧକାର ଭିତରେ ତିନୋଟି ଜିନିଷ ଖେଳିବୁଲୁଥିଲା—ଗୋଟିଏ ହତ୍ୟା, ଗୋଟିଏ ନିରୁଦ୍ଦିଷ୍ଟ ତରୁଣୀ, ଆଉ ଖଣ୍ଡିଏ ଗୁପ୍ତ ଉଇଲ୍ । ଯା'ପରେ ଆଉ କଣ ଅଛି, ଦେଖାଯାଉ । ଦୀର୍ଘ ନିଃଶ୍ୱାସ ପକାଇଲେ ମିଷ୍ଟର ଚୌଧୁରୀ ।

—ଚାରି—

ସୂର୍ଯ୍ୟ ଅସ୍ତ ହେବାକୁ ବେଶି ଡେରି ନ ଥିଲା ।

ସମୁଦ୍ରକୂଳରେ [illegible] ପାର୍କରେ ଦଳ ଦଳ ଯୁବକ ଯୁବତୀ ମହା ଉଲ୍ଲାସରେ ସାନ୍ଧ୍ୟ ଭ୍ରମଣ ସେବନ କରୁଥିଲେ । ବେଳେବେଳେ ସେମାନଙ୍କର ଉଚ୍ଛୃଙ୍ଖଳ ହାସ ମୁଖରିତ ହେଉଥିଲା । କେଉଁଠି ବା ସମୁଦ୍ର ବାଲି ଉପରେ ବା ପାର୍କର ସିମେଣ୍ଟକରା ବେଞ୍ଚ୍ ଉପରେ ଦୁଇ ଦୁଇ ଜଣ ବସି ମଧୁରାଳାପରେ ମଗ୍ନ ଥିଲେ । ବସନ୍ତ ସମୟ । ତେଣୁ ଗ୍ରୀଷ୍ମ ବା ଶୀତର ଭୟ ନ ଥିଲା ।

ସେଠି ଥିଲେ ସବୁ ଶ୍ରେଣୀର ଲୋକ । ଦୋକାନଦାର, ପଇଡଠାରୁ ଆରମ୍ଭ କରି ଚିନାବାଦାମ, ବାରମଜା ପର୍ଯ୍ୟନ୍ତ ସବୁ ଜିନିଷର ଫେରି ଚାଲିଥିଲା ସେଠି । ତା ସଙ୍ଗେ ସଙ୍ଗେ ଚୋର, ପକେଟମାରୁ ଆଉ ବଦମାସ, ଲଫଙ୍ଗାଙ୍କ ସଂଖ୍ୟା ମଧ୍ୟ ପୁରାପୁରି ଶୂନ୍ ନ ଥିଲା ।

Digitized by PPRACHIN, SOA

ହଠାତ୍ ଗୋଟାଏ କୋଳାହଳ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା । କୋଳାହଳର ମୁଖ୍ୟ କାରଣ ଥିଲା ଗୋଟାଏ କୁକୁର । ପ୍ରକାଣ୍ଡ ଆଲେସେସିଆନ କୁକୁରଟାଏ । ଘଟଣାଟା ଥିଲା ଏହା ଯେ, ସମୁଦ୍ର କୂଳରେ ଜଣେ ଆଙ୍ଗ୍ଲୋଇଣ୍ଡିଆନ ଯୁବକ ଓ ଜଣେ ଯୁବତୀ ବସି କଥାବାର୍ତ୍ତା ହେଉଥିଲେ । ଯୁବତୀଙ୍କର ଲେଡ଼ିଜ୍ ହ୍ୟାଟ୍‌ଟା ପାଖରେ ଥୁଆହୋଇଥିଲା । ଏ କୁକୁରକୁ ତାର ଭୃତ୍ୟ ବନ୍ଧିର ବୁଲାଇ ନେଉଥିଲା । କିନ୍ତୁ ଶିକୁଳିରୁ ଦୈବାତ୍ ଖସିଯାଇ ସେ ଇତସ୍ତତଃ ଭାବରେ ଧାଇଁ ବୁଲୁ ବୁଲୁ ମହିଳାଙ୍କର ହ୍ୟାଟ୍‌ଟାକୁ କାମୁଡ଼ି ନେଇ ପଳାଇଲା । ତା'ଠାରୁ ହ୍ୟାଟ୍‌ଟାକୁ ଉଦ୍ଧାର କରିବାପାଇଁ ସେ ଭୃତ୍ୟ, ମହିଳା ଏବଂ ଯୁବକ ତିନିଜଣଯାକ ପାଟିକରି ଧାଇଁଥାନ୍ତି । କୁକୁରଟା ହ୍ୟାଟ୍‌ଟାକୁ ପାଟିରେ ଧରି ଧାଉଁଥାଏ । ଏମାନଙ୍କ କୋଳାହଳ ଶୁଣି ଏବଂ ଦୌଡ଼ିବା ଦେଖି ଆଉ କେତେଜଣ ବି କୁକୁରଠାରୁ ଟୋପିଟା ଉଦ୍ଧାର କରି ଆଣିବାପାଇଁ ପଛେ ପଛେ ହୋ ହୋ ପାଟିକରି ଧାଇଁଥାନ୍ତି । କିନ୍ତୁ କୁକୁରକୁ ଧରିବା ତ ଦୂରର କଥା, ତା'ର ପାଖ ପର୍ଯ୍ୟନ୍ତ ମାଡ଼ିବାକୁ କେହି ସମର୍ଥ ହେଉ ନ ଥାନ୍ତି । ଏହିପରି ବେଶ ଗୋଟାଏ ଚକ୍କର ମାରି ଖୁବ୍ କୋଳାହଳ ସୃଷ୍ଟି କଲା ପରେ କୁକୁରଟା ଗୋଟାଏ ଜାଗାରେ ଅଟକି ଠିଆହେଲା । ଟୋପିଟା ବି ତଳେ ପକାଇଦେଲା । କୁକୁରର ରକ୍ଷକ ଧାଇଁଯାଇ ଟୋପିଟା ଝାଡ଼ିଝୁଡ଼ି ଉକ୍ତ ମହିଳାଙ୍କ ହାତରେ ଦେଲା, ଆଉ କୁକୁରର ଧୃଷ୍ଟତା ପାଇଁ କ୍ଷମା ମାଗିନେଲା ।

ଏହାପରେ ଘଟଣାଟା ବେଶ ଶାନ୍ତ ପଡ଼ିଗଲା । ଭୃତ୍ୟଟି କୁକୁରକୁ ଘୋଷାରି ଘୋଷାରି ନେଇ ଗୋଟାଏ ବାଲି ସ୍ତୂପ ନିକଟରେ ବସିଲା । ତାଙ୍କ ଆଡ଼କୁ କାହାର ଦୃଷ୍ଟି ନ ଥାଏ । ଯେ ଯାହାର ଆନନ୍ଦ ଆଳାପରେ ମଗ୍ନ । ଭୃତ୍ୟଟି ଚତୁର୍ଦ୍ଦିଗକୁ ସତର୍କ ଦୃଷ୍ଟି ପକାଇ ପକେଟରୁ କଣ ଗୋଟାଏ ବାହାର କରି କୁକୁରକୁ ତିନି ଚାରି ଥର ଭଲ କରି ଶୁଙ୍ଘାଇଦେଇ ଛାଡ଼ିଦେଲା ।

କୁକୁରଟା ଏଣେତେଣେ ଘୂରି ବୁଲିବାକୁ ଲାଗିଲା ଏଥର । କେତେବେଳେ ମାଟିକୁ, କେତେବେଳେ ବା ଉପରକୁ ଶୁଙ୍ଘି ଶୁଙ୍ଘି କିଛି ବାରିନେଉଥାଏ ମଝିରେ ମଝିରେ । ଭୃତ୍ୟଟି ବୁଲୁଥାଏ ତା ପଛେ ପଛେ । ଏହିପରି ବୁଲୁ ବୁଲୁ କୁକୁରଟା କ୍ରମେ ଲୋକଗହଳି ପାର ହୋଇ ନିର୍ଜନ ସମୁଦ୍ର ପ୍ରାନ୍ତରେ ଗତି କରିବାକୁ

Digitized by PPRACHIN, SOA

ଲଗିଲା । ଯଥାପି ତା'ର ଗତି ବନ୍ଦ ହେବାକୁ ନାହିଁ । ଚାକରଟିର ଅଗତ୍ୟା ତାକୁ ଅନୁସରଣ କରିବା ବ୍ୟତୀତ ଉପାୟ ନ ଥିଲା ।

ସେଇ ନିର୍ଜନ ଉପକୂଳରେ ଗୋଟାଏ ଝାଉଁବୁଦା ଉହାଡ଼ରେ ବସି କାହୁ ନିଭୃତ ଆଳାପରେ ମଗ୍ନ ଥିଲେ ଜଣେ ଗୋରା ଯୁବକ ଆଉ ଯୁବତୀ । ଦୁହେଁ ନିତାନ୍ତ ସ୍ୱାଭାବିକ ଅବସ୍ଥାରେ ନ ଥିଲେ । କୁକୁରଟା ସେଇଠି ଯାଇ ପହଞ୍ଚିଗଲା ଏବଂ ତା ପଛେ ପଛେ ଚାକରଟି ମଧ୍ୟ ।

ହଠାତ୍ ଗୋଟାଏ ଅସମ୍ଭାବିତ ଘଟଣା ଘଟିଗଲା । କୁକୁରଟି ଯୁବତୀଟିକୁ ଶୁଙ୍ଘି ଦେଇ ତା'ର ପାଖରେ ପଡ଼ିଥିବା ଭ୍ୟାନିଟି ବ୍ୟାଗ୍‌ଟାକୁ କାମୁଡ଼ିଧରି ପଳାଇ-ଆସିଲା । ଯୁବତୀଟି ଭୟରେ ଚିତ୍କାର କରିଉଠିବା ସଙ୍ଗେ ସଙ୍ଗେ ଉଠି ଠିଆହୋଇ-ପଡ଼ିଲା । ତା ସଙ୍ଗେ ସଙ୍ଗେ ଯୁବକଟି ମଧ୍ୟ । ଘଟଣା କଣ, ତାହା ପ୍ରଥମେ ଯୁବକଟି ହୃଦୟଙ୍ଗମ କରିପାରି ନ ଥିଲା । କିନ୍ତୁ ଜାଣିବାପାଇଁ ବେଶି ସମୟ ଲାଗିଲା ନାହିଁ ତାକୁ ।

ସେତେବେଳକୁ କୁକୁରଟା ଆସି ଭୃତ୍ୟ ନିକଟରେ ପହଞ୍ଚିସାରିଥିଲା । ସେତେବେଳ ପର୍ଯ୍ୟନ୍ତ ଭ୍ୟାନିଟ୍ ବ୍ୟାଗ୍‌ଟା ଥିଲା ତା'ର ପାଟିରେ । ଯୁବକ ଜଣକ କ୍ଷିପ୍ରଭାବରେ ଦୁଇଟା ଡିଆଁରେ ଆସି ଭୃତ୍ୟଟି ଆଗରେ ଠିଆହୋଇ ଦାନ୍ତ କଡ଼ମଡ କରି କହିଲେ, "ବଦମାସ୍ ! ସମ୍ଭାଳି ରଖିବାର କ୍ଷମତା ନାହିଁ ତ, କୁକୁରଟା ଆଣିଛୁ କାହିଁକି ? ତାକୁ ଚୋର ବିଦ୍ୟାରେ ବେଶ୍ ତାଲିମ୍ ଦେଇଛୁ ତ ?"

"ନାଇଁ ହଜୁର ! କ୍ଷମା କରିବେ ।"

"ଚୁପ୍, ବଦମାସ୍ !" ଯୁବକଟି କହିବା ସଙ୍ଗେ ସଙ୍ଗେ ଚଟାସ୍ କରି ଗୋଟାଏ ଚାପୁଡ଼ା କଷିଦେଲେ ଭୃତ୍ୟଟିର ଗାଲରେ ।

ସେ ଯୁବତୀଟି ଖିଲ୍‌ଖିଲ୍ ହୋଇ ହସିଉଠିଲା । ତା'ର ହସ ଅବଶ୍ୟ ଚାକରଟିର ଚାପୁଡ଼ା ଖାଇବା ଯୋଗୁ ନୁହେଁ, ତାର ପୋଷାକ ଦେଖି ।

ଚାକରଟିର ପୋଷାକ ଥିଲା ଖୁବ୍ ଦାମିକା ପେଣ୍ଟଲୁନ୍ ଆଉ ପଞ୍ଜାବୀ । କିନ୍ତୁ ବେଶ ଥିଲା ଚିରା । ଗୋଡ଼ରେ ଜୋତା ମଧ୍ୟ ତଦ୍ରୂପ । ଲୋକଟାର ମୁହଁରେ ଦାଢ଼ି,

Digitized by PPRACHIN, SOA

ଅଧରୁ ବେଶି ପାଚି ଥିଲା। ହୋଇପାରେ ଏଣୁକରି ମୁଣ୍ଡର କେଶ ବି ସେମିତି। ସେ ଯେ କୌଣସି ସମ୍ଭ୍ରାନ୍ତ ମୁସଲମାନ ପରିବାରର ଭୃତ୍ୟ, ଏହା ନିର୍ଭୁଲ ଭାବରେ ଅନୁମାନ କରିହେଉଥିଲା। ପୋଷାକପତ୍ର ଯେ ମୁସଲମାନ ଭୃତ୍ୟଙ୍କର ପରିତ୍ୟକ୍ତ ପରିଧାନ, ଏଥିରେ ଆଉ କିଛି ଭୁଲ ନ ଥିଲା।

"ଥାଓ, ଡାର୍ଲିଂ! ବିଚରା ନୋକରଟାକୁ ଛାଡ଼ିଦିଅ।"

ଯୁବତୀର ଅନୁରୋଧରେ ଯୁବକ କିଞ୍ଚିତ୍ କ୍ଷାନ୍ତ ହେଲେ। କୁକୁର ସେତେବେଳକୁ ଭୟାନକ ବ୍ୟାଘ୍ରଟା ଭଳି ଯୋଇଁଦେଉଥିଲା। ଯୁବକ ବେତଟାକୁ ଉଠାଇ ନେଇ ଆଉ କିଛି କରିବାକୁ ଉଦ୍ୟତ ହେବାକ୍ଷଣି କୁକୁରଟା ଗୋଟେ ଏ ଭୀଷଣ ଗର୍ଜନ କରି ତାର ଆଗ ଗୋଡ଼ ଦୁଇଟାକୁ ଯୁବକଙ୍କର ଛାତିରେ ଲଗାଇ ଆଁ କରି ଠିଆହୋଇଗଲା। ତା'ର ଭୟଙ୍କର ରୂପ ଦେଖି ଯୁବକ ଖୁବ୍ ଭୀତ ହୋଇ ପଛକୁ ହଟିଗଲେ। ଆଉ କିଛି ଅପ୍ରୀତିକର ଘଟଣା ହୁଏତ ଘଟିଯିବ, ଏହି ଭୟରେ ଯୁବତୀଟି କୁକୁରର ଶିକୁଳି ଭିଡ଼ି ଧରିଲା ଖୁବ୍ ଜୋରରେ।

ଜନତାକୁ ଖୁବ୍ ସାହସିକ ଦେଖାଇବାକୁ ଯାଇ ଯୁବକ ଜଣେ ଟିକେ ଛଡ଼ାରେ ଠିଆହୋଇ ଥିଲା। ଶ୍ରାବ୍ୟ ଅଶ୍ରାବ୍ୟ ଭାଷାରେ ଗାଳି ବର୍ଷଣ କରିବାରେ ଲାଗିଲେ ଯୁବକଟି ପୁଣି। ତରୁଣୀଟି ଖୁବ୍ ବ୍ୟସ୍ତ ହୋଇ ଯୁବକଙ୍କୁ ବାହୁରେ ଭିଡ଼ି ଭିଡ଼ି ଦୂରକୁ ନେଇଗଲା। କିଛି ସମୟ ପରେ ଦୁହେଁ ଅଦୃଶ୍ୟ ହୋଇଗଲେ ଦୂରରେ। ସେ ଭୃତ୍ୟଟି କିନ୍ତୁ ଖୁବ୍ ଚମତ୍କୃତ ହୋଇପଡ଼ିଲା ଏ ଘଟଣା ପରଠାରୁ। ତା'ର କିଛି ସ୍ମୃତି ଯେପରି ଫେରିଆସିଲା। କିଛି ସମୟ ଧୀର ସ୍ଥିର ଭାବରେ ସେମାନଙ୍କର ଗତି ପଥକୁ ଚାହିଁ ସେ ଫେରିଲା।

ଖଣ୍ଡେ ବାଟ ଆସିଲା ପରେ କିଛି ଦୂରରୁ ଗୋଟାଏ ଟ୍ୟାକ୍ସିର ହର୍ଣ୍ଣ ଶୁଣାଗଲା ତାକୁ। ତା ସଙ୍ଗେ ସଙ୍ଗେ ଆଲୁଅ ମଧ୍ୟ ଦେଖାଗଲା। ସେ ରାସ୍ତା କଡ଼କୁ ଆସି ଠିଆହେଲାମାତ୍ରେ ଟ୍ୟାକ୍ସି ଅଟକିଗଲା ତା ପାଖରେ। ଚାଳକ ଆସନରେ ଯେ, ବସିଥିଲେ, ସେ ଜଣେ ମୁସଲମାନ ଭଦ୍ରଲୋକ। ବୃଦ୍ଧଟି ଟ୍ୟାକ୍ସିର ଦରଜା ଖୋଲି ଭିତରେ ବସିଲା ମାତ୍ରେ ଚାଳକ ପୁଣି ଆଗକୁ ଛୁଟାଇଦେଲା।

Digitized by PPRACHIN, SOA

ଅନ୍ଧକାର ଖୁବ୍ ଜଲ୍ଦି ହୋଇଅସୁଥିବା ଅପେକ୍ଷା କଲେ ।

× × × ×

ମିଷ୍ଟର ଚୌଧୁରୀ ରୁମ୍ ଭିତରକୁ ପଶି ଆସୁ ଆସୁ ଭିତରେ ବସିଥିବା ଡାଇରେକ୍ଟରଙ୍କୁ ଲକ୍ଷ୍ୟ କରି କହିଲେ, "ତୁମର ଛଦ୍ମ ବେଶଟି ଯେତେ ନିଖୁଣ ହୋଇଥିଲା ନା, ସେଥିପାଇଁ ତୁମକୁ ମୁଁ ଧନ୍ୟବାଦ ନ ଦେଇ ରହିପାରୁ ନାହିଁ ।

"ଜାନ୍ତୁ ସାର୍ ; ସେ ତ ଖସିଗଲା । ମୁଁ ନିଶ୍ଚିତ ଭାବରେ କହିପାରେଁ ଯେ, ସେ ସେଇ ତରୁଣୀ; ଯାହାର ଫଟୋ ଆମେ ପାଇଥିଲେ ମିଷ୍ଟର ପଟେଲଙ୍କ ପକେଟରୁ ।"

"ମୁଁ ଜାଣେ, ସେପରି ସନ୍ଦେହ ମୁଁ ମଧ୍ୟ କରିଥିଲି । ତୁମ ପଛେ ପଛେ ମୁଁ ମଧ୍ୟ ଯାଇଥିଲି ଏବଂ ତରୁଣୀଟିକୁ କିଛି କିଛି ଲକ୍ଷ୍ୟ କରିଛି । ବମ୍ବେରେ ନିଃସନ୍ଦେହ ହେବାପାଇଁ ସର୍ଦ୍ଦାର ସିଂଙ୍କୁ ଲଗାଇଦେଇଛି । ଆଉ ଘଣ୍ଟାକ ଭିତରେ ଖବର ମିଳିଯିବ । ତା'ଛଡ଼ା ଅଜି ବଡ଼ ବାରଟା ସୁଦ୍ଧା ଅନ୍ୟସ୍ଥାନରୁ ମଧ୍ୟ କିଛି ମୂଲ୍ୟବାନ୍ ଖବର ମୁଁ ଆଶା କରୁଛି ।"

ମିଷ୍ଟର ଚୌଧୁରୀ ଗୋଟାଏ ଫାଇଲ ଦେଖିବାରେ ମନୋନିବେଶ କଲେ । ଡାଇରେକ୍ଟର ଦେହରେ ସେ ପର୍ଯ୍ୟନ୍ତ ବୃଦ୍ଧ ଗୁଜରର ପୋଷାକଟା ଥିଲା । ସେ ତାକୁ ପରିବର୍ତ୍ତନ କରିବାପାଇଁ ଅନ୍ୟ ରୁମ୍‌କୁ ଚାଲିଗଲା ।

ଠିକ୍‌ଏ ପରେ ମିଷ୍ଟର ଚୌଧୁରୀଙ୍କ ଟେବୁଲରେ ଖଞ୍ଜାଯାଇଥିବା ବଲ୍ ଗୁଡ଼ିକ ମଧ୍ୟରୁ ନୀଳ ରଙ୍ଗର ବଲ୍‌ବ୍‌ଟି ଦପ୍ ଦପ୍ କରି ଜଳିଉଠିଲା । ମିଷ୍ଟର ଚୌଧୁରୀ ଦ୍ୟୁତ ଭାବରେ ଟେବୁଲ ସଂଲଗ୍ନ ଗୋଟାଏ ବୋତାମ ଉପରେ ଚାପ ଦେଲେ । ତତ୍କ୍ଷଣାତ୍ ନାଲି ରଙ୍ଗର ବଲ୍‌ଟି ଲିଭିଗଲା । ତା ପରିବର୍ତ୍ତେ ନୀଳବର୍ଣ୍ଣର ଆଲୋକଟିଏ ଜଳିଉଠିଲା ।

ପ୍ରାୟ ମିନିଟିଏ ପରେ ସେ କୋଠରୀରେ ପ୍ରବେଶ କଲା ଜଣେ ହୃଷ୍ଟପୁଷ୍ଟ ଯୁବକ । ତାଙ୍କୁ ଦେଖିଲେ ଜଣାପଡ଼ୁଥିଲା, ଯେପରି ତା ଦୁଇ ବାହୁରେ ପ୍ରଚୁର

Digitized by PPRACHIN, SOA

ଶକ୍ତ ଖୁବ ହୋଇ ରହିଛି । ଯୁବକଟିର ଚଞ୍ଚଳ ଆଖି ତା'ର ବୁଦ୍ଧିମତ୍ତାର ପରିଚୟ ଦେଉଥିଲା ।

ଯୁବକଟି ଭିତରକୁ ପଶିଆସି ମିଷ୍ଟର ଚୌଧୁରୀଙ୍କୁ ଅଭିବାଦନ ଜଣାଇଲା । ମିଷ୍ଟର ଚୌଧୁରୀ ତାକୁ ବସିବାକୁ ଇଙ୍ଗିତ କଲେ । ତା ପରେ ଫାଇଲଟି ଯଥାସ୍ଥାନରେ ରଖିଦେଇ ଯୁବକକୁ ଲକ୍ଷ୍ୟ କରି ପଚାରିଲେ, "କଣ ଖବର ସର୍ଦ୍ଦାର ସିଂ ?"

ଯୁବକଟି ଖୁବ୍ ନମ୍ର ସ୍ୱରରେ ଉତ୍ତର ଦେଲା, "ଆପଣଙ୍କ ଆଦେଶ ମୁତାବକ ମୁଁ ସେ ଦୁହିଁଙ୍କର ପିଛା ନେଲି । ମେନ୍ ରୋଡ୍ ଉପରକୁ ଆସି ସେ ଦୁହେଁ ଗୋଟାଏ ଟ୍ୟାକ୍ସି ଧରିଲେ । ତାଙ୍କ ପଛେ ପଛେ ମୁଁ ବି ଟ୍ୟାକ୍ସି ଧରି ଫଲୋ କଲି । ସହର ପାରି ହେଲେ ସମୁଦ୍ର କୂଳରେ ଝାଉଁବଣ ଭିତରେ ସେଇ ଯେଉଁ ନାଲି ରଙ୍ଗର ବଙ୍ଗଳାଟା ଅଛି, ସେ ଦୁହେଁ ସେଇଠି ଓହ୍ଲାଇଲେ । ମୁଁ ଖଣ୍ଡେ ଦୂରରୁ ଭଲ ଭାବରେ ଲକ୍ଷ୍ୟ କରିଛି, ଦୁହେଁ ଯାକ ତା ଭିତରକୁ ଗଲେ ଆଉ ସଙ୍ଗେ ସଙ୍ଗେ ଭିତରେ ବତି ଜଳିଉଠିଲା । ଭଡ଼ା ଟ୍ୟାକ୍ସିରେ ସେମାନେ ଯାଇଥିଲେ । ସେମାନଙ୍କର ଟ୍ୟାକ୍ସି ଫେରିବାର କିଛିକ ପରେ ମୁଁ ବି ଫେରିଲି ।"

"ଆଃ, ଭୁଲଟାଏ କରିଦେଲ ! ସେମାନଙ୍କୁ ଛାଡ଼ି ଆସିବା ତୁମର ଆଦୌ ଠିକ୍ ହୋଇନି । ସେ ଦୁହିଁଙ୍କ ଉପରେ ଚବିଶ ଘଣ୍ଟା ନଜର ରହିବା ଦରକାର ।" ମିଷ୍ଟର ଚୌଧୁରୀ ଟିକଏ ବ୍ୟସ୍ତ ହୋଇ କହିଲେ ।

"ସେ ସବୁ ଠିକ୍ ଅଛି, ସାର୍ ! ମୁଁ ମହାବୀର ସିଂକୁ ସେଠି ଜଗାଇ ରଖିଆସିଛି । ଆପଣଙ୍କୁ ତୁରନ୍ତ ଖବରଟା ଦେବାର କଥା ଥିଲା କି ନା···।"

ମିଷ୍ଟର ଚୌଧୁରୀ ଖୁସି ହୋଇ କହିଲେ; "ସାବାସ୍ ! ଠିକ୍ କାମ କରିଛ । ଦରକାର ହେଲେ ତୁମ ଆଖଡ଼ାରୁ ଆଉ ଜଣେ ଦି'ଜଣଙ୍କୁ କାମରେ ଲଗାଇଦିଅ । କିନ୍ତୁ ସାବଧାନ, ସେମାନେ ଯେମିତି ହାତଛଡ଼ା ନ ହୁଅନ୍ତି । ସେଠିକୁ କେତେ-ବେଳେ କିଏ କିଏ ଯାଉଛନ୍ତି, ଲକ୍ଷ୍ୟ ରଖ । ଘଣ୍ଟାକୁ ଘଣ୍ଟା ମୋତେ ସେ ଖବର ଦିଅ । ବୁଝିଲ ! ହଁ, ଏଇ ନିଅ ତୁମର ଖର୍ଚ୍ଚ ପାଇଁ ।" ଏହା କହିବା ସଙ୍ଗେ

Digitized by PPRACHIN, SOA

ସଙ୍ଗେ ସେ ଟେବୁଲ ଡ୍ରୟାର ଭିତରୁ ଛାଡ଼ାଏ ନୋଟ ବାହାର କରି ସର୍ଦ୍ଦାର ସିଂ ହାତରେ ଦେଲେ । କହିଲେ, "ସେ ପାଞ୍ଚ ଶହ । ଯେତେବେଳେ ଯାହା ଦରକାର ପଡ଼ିବ, ନିର୍ଭୟରେ ଖର୍ଚ୍ଚ କରିଯିବ । ପୁଣି ଦରକାର ହେଲେ ମୋତେ କହିବ ।"

ଯୁବକଟି ଅଭିବାଦନ କରି ଦ୍ରୁତପଦରେ ଚାଲିଗଲା ।

କିଛି ସମୟ ପରେ ପୋଷାକପତ୍ର ସମ୍ପୂର୍ଣ୍ଣ ବଦଳାଇଦେଇ ତାରିଜନ ଆସି ପହଞ୍ଚିଗଲା ସେଠି । ସେ ଆସନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ମିଷ୍ଟର ଚୌଧୁରୀ କହିଲେ, "ସର୍ଦ୍ଦାର ସିଂ ବର୍ତ୍ତମାନ ଆସିଥିଲା ।"

ତାରିଜନ ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁ ରହିଲା ମିଷ୍ଟର ଚୌଧୁରୀଙ୍କ ଆଡ଼େ ।

"ସେଇ ତରୁଣୀର ସନ୍ଧାନ ମିଳିଚି । ମାନେ, ମିସ୍ ଏଲିସା କଥା ମୁଁ କହୁଚି । ତୁମର ଅନୁମାନ ଠିକ୍ । ସେମାନ ରହୁଚନ୍ତି କେଉଁଠି ଜାଣ ?"

ତାରିଜନ ନୂଆ କଥା କିଛି ଶୁଣିବା ଆଶାରେ ବ୍ୟଗ୍ରଭାବରେ ଚାହିଁଲା ମିଷ୍ଟର ଚୌଧୁରୀଙ୍କ ଆଡ଼େ ।

"ସହରର ବାହାରେ ସମୁଦ୍ର କୂଳରେ ଝାଉଁବଣ ଭିତରେ ଯେଉଁ ନାଲି କୋଠାଟା ନାହିଁ, ସେଇଠି ସେମାନେ ଛଦ୍ମପଦରେ ଅଛନ୍ତି ।"

"କିନ୍ତୁ ସାର୍ ! ସେଟା ସଇତାନର ଆଡ୍ଡା ବୋଲି ଲୋକେ କହନ୍ତି । ସେଠାକୁ ଦିନରେ ସୁଦ୍ଧା ଲୋକେ ଯାଆନ୍ତି ନାହିଁ । ତାରିଜନ୍ କହିଲା ।

ମିଷ୍ଟର ଚୌଧୁରୀ କହିଲେ, "ମୁଁ ବି ସେକଥା ଶୁଣିଚି । କିନ୍ତୁ ବଡ଼ ସଇତାନ୍ ଆସିଗଲେ ଶ୍ରେଷ୍ଠ ସଇତାନ ଗୁଡ଼ିଙ୍କ ପଳାଇବ । ଏ କ୍ଷେତ୍ରରେ ତାହାହିଁ ହୋଇଛି । ମୋର ବିଶ୍ୱାସ, ମିଷ୍ଟର ପଟେଲଙ୍କ ଆଟାଚି ଆଉ ଛୁରିଲ ଏ ପର୍ଯ୍ୟନ୍ତ ସେଇଠି ମହଜୁଦ ଅଛି । ସେ ସବୁ ହାତ ଛଡ଼ା ହେବା ଆଗରୁ ତାକୁ ଆମର ହାତ କରିବା ଦରକାର ।

Digitized by PPRACHIN, SOA

ତାରଜନ ମାଥାରେ ସମ୍ମତି ଜଣାଇଲା

"ଆଜି ସନ୍ଧ୍ୟାରେ ମୁଁ ଯାଇ ଅନ୍ତେ ଥରେ ପରିସ୍ଥିତି ଲକ୍ଷ୍ୟ କରି ଆସିବା ବୋଲି ଭାବୁଛି । ସେଠାରୁ ଫେରିଲେ କିଛି ଗୋଟାଏ ଯୋଜନା କରିବା । ଅନେକ ମଧ୍ୟ ଆସିଯାଇଥିବ ।"

'ଆପଣ ଏକୁଟିଆ ଯିବେ ? ମୁଁ ମଧ୍ୟ ଆପଣଙ୍କ ସାଙ୍ଗରେ ଯିବି । ଆପାତତଃ ଏ କେସଟାର ଦାୟିତ୍ୱ ମୋ ଉପରେ ଅଛି ଯେତେବେଳେ, ମୋର ଅନ୍ତତଃ ନଜର ଦେଖାଇବାକୁ କରିବାର କଥା ।"

ତାରଜନର କଥା ଶୁଣି ମିଷ୍ଟର ଚୌଧୁରୀ ହସି ହସି କହିଲେ, "ବେଶ୍ ! ତାହା ହେବ । ତେବେ ବେଳ ଥାଉ ଥାଉ ପ୍ରସ୍ତୁତ ହୁଅ । ଠିକ୍ ସନ୍ଧ୍ୟା ପରେ ଆମେ ଏଠୁ ବାହାରିଯିବା । ମୁଁ ମଧ୍ୟ ଇତିମଧ୍ୟରେ ଟିକେ ହେଡ୍‌କ୍ୱାର୍ଟର୍ସ ଆଡ଼୍ ବୁଲିଆସେ ।"

ତାରଜନ ଆସନ ତ୍ୟାଗ କରି ଉଠିଗଲା ।

ତା ପରେ ପରେ ମିଷ୍ଟର୍ ଚୌଧୁରୀ ମଧ୍ୟ ।

—ପାଞ୍ଚ—

ସହରଠାରୁ ଦୂରରେ, ସମୁଦ୍ର କୂଳରେ ଝାଉଁ ଜଙ୍ଗଲ ଭିତରେ ଥିବା ସେଇ ନାଲି ରଙ୍ଗର ନିର୍ଜନ କୋଠିଟା ପାଖରେ ମିଷ୍ଟର ଚୌଧୁରୀ ଆଉ ତାରଜନ ପହଞ୍ଚିଲାବେଳକୁ ରାତି ଆଠଟା । ଖଣ୍ଡେ ଦୂରରୁ ମୋଟର ସାଇକେଲ ଦୁଇଟା ରଖିଦେଇ ଅନ୍ଧାରରେ ଚାଲି ଚାଲି ଦୁହେଁ କୋଠିର ନିକଟତମ ଦୂରତ୍ୱକୁ ଚାଲି-ଆସିଲେ । ଭିତରର ସମ୍ବାଦ ଜାଣିବାପାଇଁ ସର୍ଦ୍ଦାର ସିଂର ସାକ୍ଷାତ ପ୍ରୟୋଜନ । ମିଷ୍ଟର ଚୌଧୁରୀଙ୍କର ଦୃଢ଼ ଧାରଣା ଥିଲା ଯେ, ସର୍ଦ୍ଦାର ସିଂ କୋଠି ଉପରେ ନଜର ରଖି ପାଖରେ କେଉଁଠି ନିଶ୍ଚୟ ଆତ୍ମଗୋପନ କରି ରହିଛି । ମାତ୍ର ଅନ୍ଧକାର ଯୋଗୁ ସେ ତାକୁ ଦେଖିପାରୁ ନ ଥିଲେ । ଟିକିଏ ଅପେକ୍ଷା କଲାପରେ ସେ ପାଟିରେ ସିଟି ମାରିଲା ପରି ଏକପ୍ରକାର ଶବ୍ଦ କଲେ, ଯେଉଁ ଶବ୍ଦଟା କ ଗୋଟାଏ ଝିଣ୍ଟିକାର ଚଟ ଚଟ୍ ଶବ୍ଦ ଛଡ଼ା ଅନ୍ୟ କିଛି ସନ୍ଦେହ କରିବାର ଅବକାଶ ନଥିଲା କାହାର ।

Digitized by PPRACHIN, SOA

ସେ ଦେଖି କିନ୍ତୁ ସର୍ଦ୍ଦାର ସିଂ ଠିକ୍ ଜାଣିପାରିଥିଲା । ସର୍ଦ୍ଦାର ସିଂ ନେକ୍ଟାଇ କୁଣ୍ଡି ଆଇଡ଼ାର ମୂଳକ । ପଞ୍ଜାବୀ ଖେଳୋଆଡ଼ । ଏହିଭଳି କେତେକ ଯୁବକଙ୍କୁ ମିଷ୍ଟର ଚୌଧୁରୀ ପାଖରେ ରଖିଥାନ୍ତି । ସାମୟିକ ପାରିଶ୍ରମିକ ଦେଇ ବେଳେ ବେଳେ ସେମାନଙ୍କ ଦ୍ୱାରା କିଛି କିଛି କାମ କରାଇନିଅନ୍ତି । ସର୍ଦ୍ଦାର ସିଂ ସେଇ-ମାନଙ୍କ ମଧ୍ୟରୁ ଜଣେ । ଖୁବ୍ ବିଶ୍ୱସ୍ତ ଏବଂ କର୍ମଠ ଗୁପ୍ତଚର ମିଷ୍ଟର ଚୌଧୁରୀଙ୍କର ।

ସର୍ଦ୍ଦାର ସିଂ ମିଷ୍ଟର ଚୌଧୁରୀଙ୍କ ପାଖକୁ ଆସି ତାଙ୍କ କାନ ପାଖରେ ଫିସ୍ ଫିସ୍ କଥା କହିଲା, "ଏପର୍ଯ୍ୟନ୍ତ ସେ ସାହେବ ଓ ମେମ୍ ସାହେବ ଦୁହେଁଯାକ ଭିତରେ ଅଛନ୍ତି । ଏଇ ଦେଖନ୍ତୁ, ଝରକା ଫାଙ୍କରେ ଲାଇଟ୍ ଦେଖାଯାଉଛି ଭିତରୁ ।"

ମିଷ୍ଟର ଚୌଧୁରୀ ବର୍ତ୍ତମାନ ପର୍ଯ୍ୟନ୍ତ ଲକ୍ଷ୍ୟ କରି ପାରି ନ ଥିଲେ ଭିତରେ ଲାଇଟ୍ ଜଳୁଛି ବୋଲି । ସର୍ଦ୍ଦାର ସିଂ କହିବା ପରେ ସେଇଟା ଲକ୍ଷ୍ୟ କରିପାରିଲେ । ତା'ପରେ ଗୁରୁଆଡ଼କୁ ସତର୍କ ଭାବରେ ଚାହିଁ କହିଲେ, "ତୁମେ ଏଇଠି ଥାଅ, ସର୍ଦ୍ଦାର । ଆମେ ଦୁହେଁ ଘରେ ଭିତରେ ପଶିବୁ । ଯଦି ଆମର ରାତି ବାରଟା ସୁଦ୍ଧା ଫେରିବାର ନ ଦେଖ, ତେବେ ପୋଲିସ ହେଡ୍‌କ୍ୱାର୍ଟରର ପ୍ରଣବବାବୁଙ୍କୁ ଖବର ଦେବ ।"

ସର୍ଦ୍ଦାର ସିଂ ସମ୍ମତି ଜଣାଇଲା ।

ସେଇ ନିସ୍ତବ୍ଧ ନୀରବତା ଆଉ ନିଝୁମ ଅନ୍ଧକାର ଭିତରେ ମିଷ୍ଟର ଚୌଧୁରୀ ଏବଂ ତାରଜନ ଦୁହେଁ ଅଦୃଶ୍ୟ ହୋଇଗଲେ ।

ମନୁଷ୍ୟ ଆଗମନର ସୂଚନା ପାଇ ପେଚା ଦି'ଟା ଝାଉଁ ଡାଳରୁ ଫଡ଼ଫଡ଼ ହୋଇ ଉଡ଼ିପଳାଇଲେ । ଦୂରରୁ ସମୁଦ୍ରର ଘୁ ଘୁ ଶବ୍ଦ ସାଙ୍ଗକୁ ଝାଉଁଗଛର ମର୍ମର ସାଁ ଶବ୍ଦ ଏକ ବିଚିତ୍ର ପ୍ରାକୃତିକ କୋଳାହଳ ସୃଷ୍ଟି କରୁଥିଲା ।

ମିଷ୍ଟର ଚୌଧୁରୀ ଆଉ ତାରଜନ ଦୁହେଁଯାକ କୋଠିର ସଦର ଦରଜାରେ ପହଞ୍ଚି ଦେଖିଲେ, ଖୁବ୍ ଦୃଢ଼ ଭାବରେ ବନ୍ଦ ଅଛି ଦ୍ୱାରଟା ଭିତର ପାଖରୁ । ସେଟା ଖୋଲିଦେଇ ଯାଇହେବ; କିନ୍ତୁ ଶବ୍ଦ ହେବାର ସମ୍ଭାବନା । ଅକାରଣ ନିଜର ଉପସ୍ଥିତି କାହାରିକୁ ଜଣାଇବାକୁ ସେ ଚାହୁଁ ନ ଥିଲେ ।

Digitized by PPRACHIN, SOA

କୋଠିର ପଛପଟକୁ ଥିଲା ପ୍ରକାଣ୍ଡ ଝାଉଁ ଗଛଟାଏ ତା'ର ଲମ୍ବ ଲମ୍ବ ଡାଳଗୁଡ଼ା ଲମ୍ବି ଯାଇଥିଲା କୋଠିର ଛାତ ଉପର ପର୍ଯ୍ୟନ୍ତ । ତାରଜନ ଅଣ୍ଟା ଗୁଡ଼ିପଟେ ଗୁଡ଼ାଇ ରଖିଥିବା ସରୁ ରେଶମର ଦଉଡ଼ି ପିଣ୍ଡୁଳାଟା ହାତରେ ଧରି ସେ ଝାଉଁଗଛ ଉପରକୁ ଉଠିଗଲା । ଗଛର [illegible] ଡାଳରେ ଦଉଡ଼ିର ଗୋଟାଏ ମୁଣ୍ଡ ବାନ୍ଧିଦେଇ ଗୁଡ଼ିଦେଲା ଦଉଡ଼ିର ଆର ମୁଣ୍ଡଟା ତଳକୁ । ଦଉଡ଼ିଟା ଠିକ୍ ଝୁଲିପଡ଼ିଲା କୋଠିର ଛାତ ଉପରେ । ଏଥର ଆଉ ଚିନ୍ତା ନାହିଁ । ତାରଜନ ସେଇ ଦଉଡ଼ିକୁ ଧରି କରି ମାଙ୍କଡ଼ ପରି ଝୁଲିପଡ଼ିଲା ତଳକୁ । ତା'ପରେ ଧୀରେ ଧୀରେ ତଳକୁ ଖସିଆସି ଠିଆହେଲା ଛାତ ଉପରେ । ମିଷ୍ଟର ଚୌଧୁରୀ ମଧ୍ୟ ସେହିପରି ଆସି ଛାତ ଉପରେ ପହଞ୍ଚିଗଲେ । ଏଥର ଆଉ ଚିନ୍ତା ନାହିଁ । ମିଷ୍ଟର ଚୌଧୁରୀ ଭାବିଲେ, ଏଣିକି ଉପରୁ ସିଡ଼ି ଦରଜା ଦେଇ ତଳକୁ ସୁରୁଖୁରୁରେ ଯାଇହେବ ।

କିନ୍ତୁ ତାଙ୍କର ସେ ଆଶା ଆଶାରେହିଁ ରହିଗଲା । ଯେତେବେଳେ ସେ ଦେଖିଲେ ଯେ, ସିଡ଼ିଘରର ଦରଜା ଭିତରପଟୁ ବନ୍ଦ ହୋଇଯାଇଛି, ସେ ହତାଶ ଏବଂ ଚିନ୍ତିତ ହୋଇପଡ଼ିଲେ । ଗୁଡ଼ାଏ ପରିଶ୍ରମ ବ୍ୟର୍ଥ ହେଲା । ତା ସଙ୍ଗେ ସଙ୍ଗେ ଅନେକ ମୂଲ୍ୟବାନ ତଥ୍ୟ ସଂଗ୍ରହରୁ ବଞ୍ଚିତ ହେବାକୁ ପଡ଼ୁଛି । ଏକଥା ଚିନ୍ତା କରି କପାଳରେ ତାଙ୍କର ଝାଳ ଜକେଇଉଠିଲା ।

ତାରଜନ କିନ୍ତୁ ହତାଶ ହୋଇ ନ ଥିଲା । ସେ ଯେକୌଣସି ଉପାୟରେ ଭିତରକୁ ଯିବାକୁ ବାଟ ଖୋଜୁଥିଲା । ତା ପାଇଁ ତା'ର କୌଣସି ଚିନ୍ତା ନ ଥିଲା । କାରଣ ଏଇ ଛାତ ଉପରୁ ତଳକୁ ଅନାୟାସରେ ସେ ଡେଇଁ ଚାଲିଯାଇପାରନ୍ତା । କିନ୍ତୁ ଅସୁବିଧା ସୃଷ୍ଟି ହୋଇଥିଲା ମିଷ୍ଟର ଚୌଧୁରୀଙ୍କୁ ନେଇ । ମିଷ୍ଟର ଚୌଧୁରୀ ତଳକୁ ଯିବାର କିଛି ଉପାୟ ନ ଥିଲା ।

ହଠାତ୍ ତାରଜନ ମୁଣ୍ଡରେ ଗୋଟାଏ ବୁଦ୍ଧି ଜୁଟିଗଲା । ସେ ଚୁପାଗଳିରେ କହିଲା, "ସାର୍ ! ମୁଁ ଏଇ ବାଡ଼ାକୁ ଧରି ଝୁଲିପଡ଼ୁଛି ତଳକୁ । ତଳେ ଠିଆହେଲା ପରେ ଆପଣ ମୋର ହାତରେ, ତା ପରେ କାନ୍ଧରେ ପାଦ ଦେଇ ତଳକୁ ଓହ୍ଲାଇପଡ଼ିବେ ।"

Digitized by PPRACHIN, SOA

କାମଟା ଦୁଃସାଧ୍ୟ ଥିଲା । ତାରକନାଥର ପ୍ରସ୍ତାବ ଶୁଣି ମିଷ୍ଟର ଚୌଧୁରୀ ଆଶାର ଆଲୋକ ଦେଖିପାରିଲେ । ବ୍ରାହ୍ମଣ ସେ ଯାହା କହୁଥିଲା, ତାହା ଅସାଧ୍ୟ ନ ଥିଲା ତା ପକ୍ଷରେ । ତାରକନାଥ ମିଷ୍ଟର ଚୌଧୁରୀଙ୍କ ନୀରବ ସମ୍ମତି ଲକ୍ଷ୍ୟ କରି ଖପ୍ କରି ଗଛର ବାଡ଼ାକୁ ଧରି ତାକୁ ଝୁଲିପଡ଼ିଲା ତା'ପରେ ବାଡ଼ରୁ ହାତ ଛାଡ଼ିଦେଲା । ମାତ୍ର ସହେଡ଼ ଉନଫୁଟ ତଳେ ଥିଲା ଚଟାଣଟା । ନିଃଶବ୍ଦରେ ପାଦ ତଳେ ଲାଗିଗଲା । ତା'ପରେ । ନିଜକୁ ଠିକଏ ସମ୍ଭାଳିନେଇ ସେ ତଳୁ ଗଛର କଡ଼ରେ ଠିଆ ହୋଇ ନିଜର ହାତ ଦୁଇଟାକୁ ଉପରକୁ ଟେକିଦେଲା । ମିଷ୍ଟର ଚୌଧୁରୀ ଧୀରେ ଧୀରେ ଗଛର ବାଡ଼ାକୁ ଧରି ତାରକନାଥର ପାପୁଲି ଉପରେ ପାଦଯୋଡ଼ିକ ରଖିଲେ । ତା ପରେ ସର୍କସ ଖେଳାଳି ପରି ତା'ର କାନ୍ଧରେ ପାଦ ରଖି ତଳକୁ ଓହ୍ଲାଇପଡ଼ିଲେ ।

ଭିତରଟା ଥିଲା କଟ୍ କଟ୍ ଅନ୍ଧକାର । କିନ୍ତୁ ଗୋଟାଏ କୋଠରି ଭିତରୁ ସାମାନ୍ୟ କଥାବାର୍ତ୍ତା, ଭୁଟ୍ ଖଟ୍ ଶବ୍ଦ ଶୁଣାଯାଉଥିଲା । ମିଷ୍ଟର ଚୌଧୁରୀ ଆଉ ତାରକନାଥ ଦୁହେଁ ସେଇ ଅନ୍ଧକାରରେ ସତର୍କ ଭାବରେ ଲକ୍ଷ୍ୟ କଲେ, ତାଙ୍କୁ କେହି ଅନୁସରଣ କରୁଛି କି ନାହିଁ । ମାତ୍ର ଦୁଇ ତିନି ମିନିଟ ମଧ୍ୟରେ ତାଙ୍କର ସେ ସନ୍ଦେହ ଦୂର ହୋଇଗଲା । ଦୁହେଁ ଯୋଉ କୋଠରି ଉତ୍ତୁ ଆଲୋକ ଦେଖାଯାଉଥିଲା ଏବଂ କଥାବାର୍ତ୍ତା ଶୁଭୁଥିଲା, ସେଇ ଆଡ଼କୁ ପାଦ ଚିପି ଚିପି ଚାଲିଲେ ।

ସେ କୋଠରି ବାହାରେ ନିବିଡ଼ ଅନ୍ଧକାର ଘେରି ରହିଥିଲା; କିନ୍ତୁ କୋଠରି ଭିତରେ ଗୋଟିଏ ଲଣ୍ଠନ ଜଳୁଥିଲା । ଲଣ୍ଠନର କ୍ଷୀଣ ଆଲୋକରେ ଅନ୍ଧକାର ସାମାନ୍ୟ ଭାବରେ ଘୁଞ୍ଚିଯାଇଥିଲା । କୋଠରି ଭିତରୁ । କବାଟର ଫାଙ୍କ ବାଟେ ମିଷ୍ଟର ଚୌଧୁରୀ ଆଉ ତାରକନାଥ ସ୍ପଷ୍ଟ ଦେଖିପାରୁଥିଲେ ଯେ, ଗୋଟାଏ ବଡ଼ ଟେବୁଲର ଦୁଇ ପାଖରେ ସେଇ ସାହେବ ଆଉ ମେମ୍ ସାହେବ ଦୁହେଁ ବସିଥିଲେ । ଟେବୁଲ ଉପରେ ଅର୍ଦ୍ଧଶୂନ୍ୟ ମଦ ବୋତଲଟା ବାକି ଅଧିକ ନିଃଶେଷିତ ହେବାପାଇଁ ଅପେକ୍ଷା କରି ରହିଥିଲା । ଦୁହେଁ ପ୍ରକୃତିସ୍ଥ ନ ଥିଲେ ଏବଂ ସେମାନଙ୍କ ମଧ୍ୟରେ ଆଳାପ ଅସଂଲଗ୍ନ ଏବଂ ଅଶ୍ଳୀଳ ଥିଲା । କଥାବାର୍ତ୍ତାରୁ ସେମାନେ କାହାର ବାଁ ଆକୁଳ ପ୍ରତୀକ୍ଷା କରୁଥିବା ଜଣାଯାଉଥିଲା ।

Digitized by PPRACHIN, SOA

କିଛି ସମୟ ସେମାନଙ୍କର କଥାବାର୍ତ୍ତା ଶୁଣିଲା ପରେ ଶ୍ୱେତାଙ୍ଗିନୀ ତରୁଣୀଟିର ସମ୍ବୋଧନରୁ ଶ୍ୱେତାଙ୍ଗ ପୁରୁଷଟି ମି: ଜ୍ୟାକ୍ ବୋଲି ସେ ଜାଣିପାରିଥିଲେ ।

ନାମଟା ଶୁଣିଲା ମାତ୍ରେ ମିଷ୍ଟର ଚୌଧୁରୀ ଟିକଏ ଚମକି ପଡ଼ିଥିଲେ । ଏଇ ନାମଟା ନେଇ ବହୁଦିନ ତଳେ ତାଙ୍କୁ ଗୁଡ଼ାଏ ଘାଣ୍ଟା ଚକଟ କରିବାକୁ ପଡ଼ିଥିଲା । ଖାଲି ଭାରତ ନୁହେଁ, ସାରା ପୃଥିବୀରେ ବି ଚହଳ ପକାଇଥିଲା ଏଇ ନାଁ ରେ । ମିଷ୍ଟର ଜ୍ୟାକ୍ ଜଣେ ମାରାତ୍ମକ କୂଟନୈତିକ ଦଲାଲ । ଯେତେକ ବଡ଼ ବଡ଼ ଦେଶର ଭିତରି ମାମଲା, ସବୁଥିରେ ତା'ର ହାତ ନଥିବ ନା ନଥିବ । ସେଥିପାଇଁ ତା ନାଁ ରେ ସବୁ ଦେଶରେ ୱାରେଣ୍ଟ ଅଛି । ମିଷ୍ଟର ଚୌଧୁରୀ ଟିକଏ ଖୁସି ହେଲେ ମନେ ମନେ । ଯାହା ହେଉ, ବାଘଟା ହାବୁଡ଼ରେ ପଡ଼ିଚ ଏଥର; ତାକୁ ଆଉ ଛାଡ଼ିବା କଥା ନୁହେଁ ।

ତରୁଣୀଟିର ପରିଚୟ ନେଇ ମିଷ୍ଟର ଚୌଧୁରୀ ଟିକଏ ଆଡ଼ୁଆରେ ପଡ଼ିଯାଇଥିଲେ । ମିଷ୍ଟର ଜ୍ୟାକ୍ ପରି ସଇତାନର ସହକର୍ମିଣୀ ଯେତେବେଳେ, ସେ ନିଶ୍ଚୟ ଖ୍ୟାତନାମ୍ନୀ ହୋଇଥିବ । ତାପରେ ମିଷ୍ଟର ପଟେଲଙ୍କ ପ୍ରାଣ ସହିତ ସର୍ବସ୍ୱ ଅପହରଣ କରି ଛଦ୍ମବେଶରେ ପଳାଇ ଆସିପାରିଛି ସେ । ସେ କିଛି ସାମାନ୍ୟ କଥା ନୁହେଁ ।

ଏତିକିବେଳେ ବାହାରେ ଗୋଟାଏ ଗାଡ଼ି ରହିବାର ଶବ୍ଦ ଶୁଣାଗଲା । ସେ ଶବ୍ଦ ଶୁଣି ମିଷ୍ଟର ଜ୍ୟାକ୍ ଟିକଏ ହସିଦେଇ କହିଲେ, "ସେମାନେ ଆସିଗଲେ ବୋଧହୁଏ । ତୁମେ ଟିକଏ ସାବଧାନ ଥିବ । କାରଣ ଆଲି ଇବ୍ରାହିମ୍ ବଡ଼ ମାରାତ୍ମକ ବଦମାସ ।

ଏହା କହିସାରି ମିଷ୍ଟର ଜ୍ୟାକ୍ ଲଣ୍ଠନଟା ଧରି ଉଠିଲେ । ସେ ଯେ ନିଶ୍ଚୟ ଦରଜାବାଟେ ବାହାରକୁ ଆସି ସଦର ଦରଜା ଖୋଲିବାକୁ ଯିବେ, ଏ କଥା ମିଷ୍ଟର ଚୌଧୁରୀ ଜାଣିଥିଲେ । ସେ ତାରକନକୁ ଟାଣିନେଇ ଟିକଏ ଛଡ଼ାରେ ଥିବା ଗୋଟାଏ ଖୁଣ୍ଟ ଉହାଡ଼ରେ ଲୁଚିଗଲେ ।

Digitized by PPRACHIN, SOA

ତାଙ୍କର ଅନୁମାନ ଭୁଲ ନ ଥିଲା । ଅଳ୍ପ କେତେକ ସେକେଣ୍ଡ ପରେ ମିଷ୍ଟର ଜ୍ୟାକ୍ ସେ କୋଠରି ଦରଜା ଖୋଲି ଲଣ୍ଠନ ନେଇ ବାହାରକୁ ଚାଲିଗଲେ, ପୁଣି ଫେରିଆସିଲେ । ଏଥର କିନ୍ତୁ ଏକୁଟିଆ ନୁହେଁ । ସାଙ୍ଗରେ ଥିଲେ ଆଉ ଜଣେ । ଦୁମ୍ ଦୁମ୍ ଚାଲିରୁ ମିଷ୍ଟର ଚୌଧୁରୀ ଅନୁମାନ କଲେ, ଏ ଚାଲି ଆଲି ଇବ୍ରାହିମ୍ ର ।

ଆଲି ଇବ୍ରାହିମ୍ ସହରର ଧୁରନ୍ଧର ଗୁଣ୍ଡା । ଏପରି କୌଣସି ଅସାମାଜିକ କାମ ନାହିଁ ଯାହା କରିବାକୁ ଇବ୍ରାହିମ ପଛୁଇପାରେ । ମଦ୍ୟ ହିଁ ତାର ପ୍ରଧାନ ଖାଦ୍ୟ । କିଛି ମୋଟା ପାରିଶ୍ରମିକ ପାଇଲେ ସମସ୍ତଙ୍କ ପାଇଁ ସେ ଅସାଧ୍ୟ ସାଧନ କରିପାରେ । ସହରରେ ଯେତେ ଗୁଣ୍ଡା, ବଦମାସ, ଚୋର, ହତ୍ୟାକାରୀ ଅଛନ୍ତି, ସେମାନଙ୍କର ଗୁରୁ ହେଉଛି ଏଇ ଆଲି ଇବ୍ରାହିମ୍ ଖାଁ । ଦରକାର ହେଲେ କୋର୍ଟ କଚେରୀରେ ଇବ୍ରାହିମ୍ ସେମାନଙ୍କ ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ ବି କରେ । ଏହି ଦୃଷ୍ଟିରୁ ସେହି ଶ୍ରେଣୀ ମଧ୍ୟରେ ତାର ସମ୍ମାନ ଖୁବ୍ ବେଶି । ସେମାନେ ତାକୁ ଆଲି ଖାଁ ବୋଲି ଡାକନ୍ତି । ସହରର ପ୍ରତ୍ୟେକ ଶ୍ରେଣୀର ଲୋକେ ତାକୁ ଭୟ କରନ୍ତି ।

ମିଷ୍ଟର ଚୌଧୁରୀଙ୍କ ସହିତ ଆଲି ଖାଁର ପରିଚୟ ଅନେକ ଦିନରୁ । ସେ କେବଳ ମିଷ୍ଟର ଚୌଧୁରୀଙ୍କୁ ଏକେଲା ଚିହ୍ନେନାହିଁ । କେତେଥର ତାଙ୍କ ହାତରେ ଧରାପଡ଼ି ବେଶ୍ ଶାସ୍ତି ପାଇଛି । ସେଥିପାଇଁ ତାଙ୍କ ଉପରେ ତା'ର ପ୍ରଚ୍ଛନ୍ନ କ୍ରୋଧ ଅଛି । ସମୟ ଓ ସୁଯୋଗ ପାଇଲେ ପ୍ରତିଶୋଧ ନେବାର ଦୃଢ଼ ପଣ ବି କରିଚି ।

ସେଇ ଅଲି ଖାଁକୁ ଏଠାରେ ଏମାନଙ୍କ ମେଳରେ ଦେଖି ମିଷ୍ଟର ଚୌଧୁରୀ ଭାବିଲେ, ଯାହା ହେଉ, ମଣିକାଞ୍ଚନ ସଂଯୋଗ ହୋଇଯାଇଛି । ଘଟଣାଟା ଗୁରୁତର ନିଶ୍ଚୟ । ଦେଖାଯାଉ କଣ ହେଉଚି ।

ମିଷ୍ଟର ଜ୍ୟାକ୍ ଆଉ ଆଲି ଖାଁ ଘର ଭିତରକୁ ପଶିଗଲାମାତ୍ରେ ଧଡ଼ାସ କରି ଦରଜାଟା ବନ୍ଦ ହୋଇଗଲା । ମିଷ୍ଟର ଚୌଧୁରୀ ଆଉ ତାରଜନ ଦୁହେଁଯାକ ପୁଣି ଦରଜାର ସେଇ ସ୍ଥାନରେ ଠିଆ ହୋଇଗଲେ, ଯେଉଁଠାରେ ଆଗରୁ ଠିଆହୋଇ ମିଷ୍ଟର ଜ୍ୟାକ୍ ଏବଂ ମିସ୍ ଏଲିସାଙ୍କ କଥାବାର୍ତ୍ତା ଶୁଣୁଥିଲେ ।

Digitized by PPRACHIN, SOA

ଦରଜାର ଫାଙ୍କ ବାଟେ ଭିତରର ଦୃଶ୍ୟ କିଛି କିଛି ଦେଖିହେଉଥିଲା; କିନ୍ତୁ କଥାବାର୍ତ୍ତା ସ୍ପଷ୍ଟ ଶୁଣାଯାଉଥିଲା ।

ଆଲି ଖାଁ ଆସନ ଗ୍ରହଣ କଲା ମାତ୍ରେ ଟେବୁଲ୍ ଉପରେ ରଖାଯାଇଥିବା ବୋତଲଟା ଉଠାଇନେଇ ସେଥିରେ ଥିବା ଅର୍ଦ୍ଧେକ ମଦ୍ୟ ଏକା ନିଃଶ୍ୱାସରେ ପିଇଦେଲା । ତା'ପରେ ଗଳା'ଟା ଥରେ ପରିଷ୍କାର କରିନେଇ କହିଲା, "କୁହନ୍ତୁ, କାହିଁକି ଏତେ ତନାଘନା ଡାକରା ପଡ଼ିଲା ମୋତେ ?"

ମିଷ୍ଟର ଜ୍ୟାକ୍ ଖୁସି ଖୁସି କହିଲେ, "ବସ ଟିକେ । ମଦ ଖାଅ, ଖୁସି ଗପ ହେବା ଟିକେ ।"

ଅଲ୍ଲି ଖାଁ ହୋ ହୋ ହସି ଘରଟା କମ୍ପାଇ ଦେଇ କହିଲା, 'ଆଜି ମଦ ନ ଖାଇବାକୁ ମୁଁ ଠିକ୍ କରିଛି । ଏ ମଦଗୁଡ଼ା ଆଜି ମୁଣ୍ଡକୁ ଗରମ କରି-ପାରୁନାହିଁ । ଖୁବ୍ କଡ଼ା ଖବର ଅଛି ?"

ମିଷ୍ଟର ଜ୍ୟାକ୍ ଉଠିଯାଇ ଦରଜା ଖୋଲି କଡ଼ା ମଦ ବୋତଲେ ଆଣି ଟେବୁଲ୍ ଉପରେ ଥୋଇଦେଲେ । ଅଲି ଖାଁ ବୋତଲଟା ଝିମ୍ପିନେଇ ଏକା ନିଃଶ୍ୱାସକେ ଶେଷ କରିଦେଇ ସଶବ୍ଦେ ଥୋଇଦେଲା ବୋତଲଟା ଟେବୁଲ ଉପରେ । ତା ପରେ ମିସ୍ କେଲିସା ପ୍ରତି ଥରେ ଏ ଅଶ୍ଳୀଳ ଦୃଷ୍ଟି ପକାଇ ମିଷ୍ଟର ଜ୍ୟାକ୍ ଅଡ଼କୁ ମୁହଁ ବୁଲାଇ କହିଲା, ଗୋଟେ ଖୁନ୍ କରି ଆସିଛି ଆଜି ମୁଁ । ଲୋକଟା ଠିକ୍ ମରି ନ ଥିବ ଯଦିଓ, ତେବେ ତାର ମରିବାକୁ ବେଶି ଡେରି ନ ଥିଲା ।"

ମିଷ୍ଟର ଜ୍ୟାକ୍‌ର କପାଳର ରେଖା କୁଞ୍ଚିତ ହୋଇଉଠିଲା । ସେ ତୀକ୍ଷ୍ଣ ଦୃଷ୍ଟି ଦେଇ ଅଲି ଖାଁଙ୍କୁ ଚାହିଁ ପଚାରିଲେ, "ପୋଲିସ ଜାଣେ ଏ କଥା ?"

"ଆରେ, ପୋଲିସ ତ ପୋଲିସ, ତା ବାପ ବି ଏ ଘଟଣାର ଖବର ପାଇବ ନାହିଁ । ସେ ଆଲି ଇବ୍ରାହିମ୍ ଖାଁ ଇମିତି ଭଙ୍ଗା କାମ କରେ ନାହିଁ । ତା କାମ ବିଲକୁଲ ସଫା ।" କହୁସାରି ହୋ ହୋ ହୋଇ ହସିଲେ ଘର କମ୍ପାଇଦେଲା ଆଲି ଖାଁ ।

Digitized by PPRACHIN, SOA

ତା କଥା ଶୁଣି ଭୟ ଏବଂ ଘୃଣାରେ ଶିହରି ଉଠିଲେ ମିସ୍ ଏଲିସା । ସେ ସେଠାରୁ ଉଠିଯାଉଥିଲେ । ଏତିକିବେଳେ ଆଲି ଖାଁ ତାଙ୍କର ହାତକୁ ଖପ୍ କରି ଧରି ନିଜ ଆଡ଼କୁ ଗୋଟାଏ ଝିଙ୍କ ଦେଇ କହିଲା, "ଆଉ ଟିକିଏ ବସ, ଝବଜାନ୍ ।"

ଆଲି ଇବ୍ରାହିମ୍ ର ଶକ୍ତି ନିକଟରେ ମିସ୍ ଏଲିସା ସାମାନ୍ୟ ମାତ୍ର । ସେ ସେଇ ଝିଙ୍କରେ ଝୁଲିପଡ଼ିଲେ ଆଲି ଖାଁର କୋଳ ଉପରେ । ତା ସଙ୍ଗେ ସଙ୍ଗେ ଯନ୍ତ୍ରଣାରେ 'ଆଃ' ବୋଲି ଚିତ୍କାର ବାହାରିପଡ଼ିଲା ତାଙ୍କ ପାଟିରୁ ।

ଏ ଘଟଣାରେ ମିଷ୍ଟର ଜ୍ୟାକ୍ ଖୁବ୍ କ୍ଷୁବ୍ଧ ହୋଇପଡ଼ିଲେ । ମାତ୍ର ରାଗକୁ ଚାପିନେଇ ସେ ଖୁବ୍ ଚଡ଼ା ଗଳାରେ କହିଲା, "ଆଲି ଖାଁ !"

ଜ୍ୟାକ୍ ର ସ୍ୱର ଶୁଣି ଆଲି ଖାଁ ଟିକିଏ ପ୍ରକୃତିସ୍ଥ ହୋଇ ଉଠିଲା । ଜ୍ୟାକ୍ ସେଥି ପରିସ୍ଥିତି ବୁଝି ଟିକିଏ ଶାନ୍ତ ଗଳାରେ କହିଲା, "ତୁମେ ତୁମର ଦାୟିତ୍ୱ ନ ବୁଝି ଏ ସବୁ କଣ କରୁଛ ?"

"ହଁ, ହଁ, କଣ ମୋ ଦାୟିତ୍ୱ କହନ୍ତୁ ଏଥର !" ଆଲି ଖାଁ ସଜାଡ଼ି ହୋଇ ବସିଲା ଜ୍ୟାକ ଆଡ଼କୁ ମୁହଁ କରି ।

"ତୁମେ ଗୋଟାଏ ଗୁରୁତ୍ୱପୂର୍ଣ୍ଣ କାମ କରିବ ଆଜି । ଗୋଟାଏ ଜିନିଷ ନେଇ ତୁମକୁ ଆଜି ଧ ଟନ ଯିବାକୁ ପଡ଼ିବ ।"

ଆଲି ଖାଁ ଉତ୍ଫୁଲ୍ଲ ହୋଇ କହିଲା "କଣ ଅଫିମ୍, ନା ସୁନା ?

"ନା, ନା, ସେ ସବୁ କିଛି ନୁହେଁ, ଗୋଟାଏ ଛୋଟ ଆଟାଚି ବାକ୍ସ । ସେଟାକୁ ତୁମେ ମୋ ଦେଇଥିବା ଠିକଣାରେ ପହଞ୍ଚାଇ ଦେବ । ତାପରେ ଏଠିକୁ ଆସିଲେ ଯାହା ହେବ ।"

"କଣ, ଆଜି ?" ଆଲି ଖାଁ ପଚାରିଲା ।

"ହଁ, ଆଜି । ଟ୍ରେନ୍ ଆସିବାକୁ ଆଉ ଘଣ୍ଟାଏ ଡେରି । ତୁମେ ଯାଇପାରିବ ନିଶ୍ଚୟ । ଏଇ ଧର ତୁମର ଖର୍ଚ୍ଚ ଏକ ହଜାର ।" କହିବା ସଙ୍ଗେ ସଙ୍ଗେ କୋଟ୍ ପକେଟରୁ ଗୋଟାଏ ତାଡ଼ା ନୋଟ ଫିଙ୍ଗିଦେଲା ଆଲି ଖାଁ ଆଡ଼କୁ ।

Digitized by PPRACHIN, SOA

ଆଲି ଖାଁ ନୋଟ୍ ତାଡ଼ାଟା ଖପ୍ କରି ଟାଣି ନେଇ କହିଲା, "ଦସ୍ତୁର ଖୁବ୍ କମ୍ ହୋଇଯାଉଛି ମିଷ୍ଟର ଜ୍ୟାକ୍ । ସେଦିନ ମିସ୍ କ୍ରି ଏସିଆକାରୁ ମୋଚନମୂର୍ତ୍ତି । କରି ଯେଉଁ ପଳାଇଆସିଲି । ସେଥିରେ କିଛି ମିଳିନି ଏଯାଏ ।"

ମିଷ୍ଟର ଜ୍ୟାକ୍ ଟିକିଏ ଚିନ୍ତା କରି ଆଉ ଗୋଟାଏ ତାଡ଼ା ପକେଟରୁ କାଢ଼ି ଫିଙ୍ଗିଦେଇ କହିଲା, "ଏଇ ହଜାରେ । ଇଏ ତୁମର ଚୁକ୍ତି ବାଦ୍ । ତା ଛଡ଼ା ଆମର ତ ଚୁକ୍ତି ଅଛି । କାମ ଶେଷରେ ତୁମର ଦଶ ହଜାର ।"

"ଠିକ୍ ଅଛି ! ଦିଅନ୍ତୁ ଜଲ୍ଦି !" ଟଙ୍କାଗୁଡ଼ାକ ପକେଟରେ ରଖୁ ରଖୁ କହିଲା ଆଲି ଖାଁ ।

ମିଷ୍ଟର ଚୌଧୁରୀ ଦେଖିଲେ, ଉଡ଼ାଜାହାଜ ନେଲା ଅଦୃଶ୍ୟ ହେଲା । ସେ ତାରଜନ ଦେହରେ ହାତ ମାରିଦେଇ ଇଙ୍ଗିତ କଲେ । ତାରଜନ ସେ ଇଙ୍ଗିତର ଅର୍ଥ ବୁଝିପାରି ତତ୍‌କ୍ଷଣାତ୍ ସେଠାରୁ ହଟିଗଲା । ହାତରେ ସମୟ ଥିଲା ଅଳ୍ପ । ଧରାପଡ଼ିଗଲେ ଆଉ ରକ୍ଷା ନାହିଁ ।

ଯେତେ ଶୀଘ୍ର ହୋଇପାରେ, ତାରଜନ ମିଷ୍ଟର ଚୌଧୁରୀଙ୍କୁ ନିଜ କାନ୍ଧ ଉପରେ ବସାଇ ଉପରକୁ ଉଠାଇଦେଲା । ମିଷ୍ଟର ଚୌଧୁରୀ କୋଠି ଛାତ ଉପରେ ପହଞ୍ଚି କଡ଼ାକୁ ଧରି ଝୁଲିପଡ଼ିଲେ । ତାଙ୍କର ଗୋଡ଼କୁ ଧରି ତାରଜନ ସର୍କସ୍ ଖେଳାଳି ପରି ଉପରକୁ ଉଠିଗଲା । ଦୁହେଁଯାକ ଛାତ ଉପରେ ପହଞ୍ଚି ଟିକିଏ ସ୍ୱସ୍ତିର ନିଃଶ୍ୱାସ ମାରିଲେ । ବିଶ୍ରାମ ନେଲାଭଳି ସମୟ ନ ଥିଲା ସେଠା ।

ଝାଉଁଗଛ ଡାଳରେ ଦଉଡ଼ିଟା ଝୁଲୁଥିଲା ସେ ପର୍ଯ୍ୟନ୍ତ । ମିଷ୍ଟର ଚୌଧୁରୀ ପ୍ରଥମେ ଦଉଡ଼ିଟା ଧରି ଉପରକୁ ଉଠିଯାଇ ଗଛଡାଳକୁ ଓହ୍ଲାଇପଡ଼ିଲେ । ତାଙ୍କ ପଛେ ପଛେ ତାରଜନ ମଧ୍ୟ । ଏ ଦୁହେଁ ତଳେ ଓହ୍ଲାଇବା ବେଳକୁ ଗୋଟାଏ ଗାଡ଼ି ଷ୍ଟାର୍ଟ ଦେଇ ଚାଲିଯିବାର ଶବ୍ଦ ଶୁଣାଗଲା । ମିଷ୍ଟର ଚୌଧୁରୀ ଅନୁମାନ କଲେ—ଆଲି ଖାଁ ଚାଲିଗଲା । ସେ ଆଗ ଅପେକ୍ଷା ଆହୁରି ଚଞ୍ଚଳ ହୋଇପଡ଼ିଲେ ।

ଏତିକିବେଳେ ସର୍ଦ୍ଦାର ସିଂ ଆସି ପହଞ୍ଚିଗଲା ସେଠି । ସେ ବି ବ୍ୟାକୁଳ ଭାବରେ ମିଷ୍ଟର ଚୌଧୁରୀ ଆଉ ତାରଜନଙ୍କର ପ୍ରତୀକ୍ଷା କରୁଥିଲା । ଏମାନଙ୍କର ବିଳମ୍ବ ଦେଖି ସେ ଖୁବ୍ ବ୍ୟସ୍ତ ହୋଇପଡ଼ିଥିଲା ।

Digitized by PPRACHIN, SOA

ମିଷ୍ଟର ଚୌଧୁରୀ ଆଉ ତାରଜନଙ୍କ ପକ୍ଷରେ ବର୍ତ୍ତମାନ ଘଡ଼ିସନ୍ଧି ମୁହୂର୍ତ୍ତ ଉପସ୍ଥିତ । ଇବ୍ରାହିମ ଖାଁକୁ ନିଶ୍ଚୟ ଅନୁସରଣ କରିବାକୁ ହେବ । କିନ୍ତୁ ସେ ମିଷ୍ଟର ଚୌଧୁରୀଙ୍କ କାମ ନୁହେଁ । କାରଣ ମିଷ୍ଟର ଚୌଧୁରୀଙ୍କୁ ସେ ସହଜରେ ଚିହ୍ନିନେବ । ତା'ଠାରୁ ଯେ କୌଣସି ପ୍ରକାରେ ହେଉ ଆଟାଚି ହାତ କରିବାକୁ ହେବ, ନଚେତ୍ ତା ଭିତରେ ଥିବା କାଗଜପତ୍ର ଦେଖିବାକୁ ହେବ । ଏହା ତାରଜନ୍ ବ୍ୟତୀତ ଅନ୍ୟପକ୍ଷରେ ଅସମ୍ଭବ । ଏଣେ ଅଜୟବାବୁଙ୍କୁ ଅପେକ୍ଷା କରି ରହିବାକୁ ହେବ । ପୁଣି ମିଷ୍ଟର ନ୍ୟାକ୍ ଓ ଏଲିସାଙ୍କ ଉପରେ ଦୃଷ୍ଟି ଦେବାକୁ ପଡ଼ିବ ।

ସେ ବ୍ୟଗ୍ର ସ୍ୱରରେ ସର୍ଦ୍ଦାରସିଂହଙ୍କୁ ପଚାରିଲେ, "ସର୍ଦ୍ଦାର, ତୁମେ ପାରିବ ?" ସର୍ଦ୍ଦାର ସିଂ ଆନନ୍ଦରେ ସମ୍ମତି ଜଣାଇଲା ।

ମିଷ୍ଟର ଚୌଧୁରୀ କହିଲେ, "ବେଶ୍ ! ତୁମେ ତାରଜନ୍ ସଙ୍ଗରେ ଯାଅ । ଏଠି ମହାବୀର ସିଂକୁ ଜଗାଇଦିଅ ।"

ହାତଘଣ୍ଟାକୁ ଚାହିଁ ମିଷ୍ଟର ଚୌଧୁରୀ ଚଞ୍ଚଳ ହୋଇଉଠିଲେ । ଆଉ ମାତ୍ର ସ୍କଲଶ ମିନିଟ ବାକି । ତାରଜନ୍ କାନ୍ଧରେ ହାତ ପକାଇ ସେ ଚୁପ୍ ଚୁପ୍ କରି ତାକୁ କେତେକ ଉପଦେଶ ଦେଇ ବିଦାୟ ଦେଲେ ।

ଯେଉଁଠାରେ ମୋଟର ସାଇକେଲ ଥିଲା, ସେଠାରେ ପହଞ୍ଚି ତାରଜନ୍ ଗୋଟାଏ ମୋଟର ସାଇକେଲରେ ବସିଲା । କ୍ୟାରିଅର ସିଟ୍‌ରେ ବସିଲା ସର୍ଦ୍ଦାର ସିଂ । ବିଜୁଳି ବେଗରେ ତାରଜନ୍ ମୋଟର ସାଇକେଲ ଛୁଟାଇଦେଲା ।

ମିଷ୍ଟର ଚୌଧୁରୀ କପାଳରେ ଜମି ଉଠିଥିବା ଝାଳଟୋପାକୁ ପୋଛି ପକାଇ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇଲେ ।

—o—

Digitized by PPRACHIN, SOA

ଦୁରନ୍ତ ଗତିରେ ଦୁଇ ଜଣ ଆରୋହୀଙ୍କୁ ବୋହି ଧାଉଁଥିଲା ମୋଟର ସାଇକେଲ୍‌ଟା । ଚାଳକ ଆସନରେ ତାରଜନ୍, ପଛରେ ସର୍ଦ୍ଦାର ସିଂ । ସ୍ପିଡ୍ ମିଟରର କଣ୍ଟା ନବେ, ଶହେ ଉପରେ ଏପଟ ସେପଟ ହେଉଥିଲା । ମୋଟର ସାଇକେଲର ହେଡ୍ ଲାଇଟ୍‌ର ଉଜ୍ଜ୍ୱଳ ଆଲୋକରେଖା କେନ୍ଦ୍ରିତ ହୋଇ ପଡୁଥିଲା ରାଜପଥ ଉପରେ । ରାଜପଥ ଥିଲା ନିର୍ଜନ ।

ତାରଜନ ଖୁବ୍ ବ୍ୟଗ୍ର ଏବଂ ଚଞ୍ଚଳ ଥିଲା । ତାକୁ ଯେକୌଣସି ପ୍ରକାରେ ହେଉ, ମେଲଟ୍ରେନ୍ ଧରିବାକୁ ହେବ; ନ ହେଲେ ଏତେ ପରିଶ୍ରମ ପଣ୍ଡ ହେବ । କିନ୍ତୁ ଦୁର୍ଭାଗ୍ୟ ! ଏ ଦୁହେଁ ଆସି ଷ୍ଟେସନରେ ପହଞ୍ଚିଲାବେଳକୁ ମେଲଟ୍ରେନ୍ ଧୀରେ ଧୀରେ ଷ୍ଟେସନ ପ୍ଲାଟଫର୍ମ ଛାଡ଼ି ଚାଲିଯାଉଛି । ଷ୍ଟେସନକୁ ଯାଇ ଗାଡ଼ି ଧରିବାର କୌଣସି ଉପାୟ ନାହିଁ ।

ହତାଶାରେ ତାରଜନର ଅନ୍ତର ହାହାକାର କରିଉଠିଲା । ସେ ଦେଖିଲା ସବୁ ପରିଶ୍ରମ ପଣ୍ଡ ହୋଇଯିବାକୁ ବସିଛି । ଆଲି ଖାଁ ଏଇ ଟ୍ରେନ୍‌ରେ ବେଶ୍ ନିଶ୍ଚିନ୍ତରେ ଚାଲିଯିବ, ସେହି ମୂଲ୍ୟବାନ ଦଲିଲଟା ସହିତ ଆଉ ଚ ଭେଣ୍ଡ୍‌ଟାକୁ ଧରି । ଶୁଖିଲା ମୁହଁରେ ଫେରିଯାଇ କି ଉତ୍ତର ଦେବ ସେ ମିଷ୍ଟର ଚୌଧୁରୀଙ୍କୁ ? ନା, ଏପରି ହେବାକୁ ସେ କଦାପି ଦେବ ନାହିଁ । ଦେହରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ସେ ଉଦ୍ୟମ କରିବ । ତେଣିକି ଫଳାଫଳ ଯାହା ହେଉ ।

ମନରେ ଏଇ ସିଦ୍ଧାନ୍ତ ଦୃଢ଼ କରି ସେ ସର୍ଦ୍ଦାର ସିଂକୁ ପଚାରିଲା, "ସର୍ଦ୍ଦାର ! ତୁମେ ସେଇ ପାହାଡ଼ ରାସ୍ତାଟା ଦେଖିଚ, ଯେଉଁ ପାହାଡ଼ଟାକୁ ଘୂରି ରେଲ ଲାଇନ ପଡ଼ିଚ ?

ସର୍ଦ୍ଦାର ଉତ୍ତର ଦେଲା, "ହଁ ।"

"ଦେଖ୍, ଶୁଣ, ଟ୍ରେନ୍ ସେଇ ଘୁରାଣିର ଆରମ୍ଭରେ ପହଞ୍ଚିବା ଆଗରୁ ଆମେ ସେଇଠି ପହଞ୍ଚିବା । ମୋତେ ତୁମେ ସେଇଠି ଛାଡ଼ିଦେଇ ମୋଟର ସାଇକେଲ ନେଇ ଘୁରାଣିର ଶେଷ ମୁଣ୍ଡରେ ଅପେକ୍ଷା କରିବ । ମୁଁ ସେଇଠି ଅପେକ୍ଷା କରିଚ ଏବଂ ଚଳନ୍ତା ଟ୍ରେନକୁ ଧରିବାର ଚେଷ୍ଟା କରିବ ।

Digitized by PPRACHIN, SOA

ସର୍ଦ୍ଦାର ସିଂ ଚମକିପଡ଼ି କହିଲା, "କଣ, ଚଳନ୍ତା ଟ୍ରେନ୍‌ରେ ଉଠିବେ ?"

"ହଁ, ତା'ଛଡ଼ା ଉପାୟ ନାହିଁ । ପାହାଡ଼ର ଘୂରିଣି ରାସ୍ତାରେ ଟ୍ରେନଟା ଧିମେଇ ଧିମେଇ ଯିବ ନିଶ୍ଚୟ । ତା'ପରେ ଗୁଡ଼ାଏ ରାସ୍ତା ଅତିକ୍ରମ କରିବାକୁ ତାକୁ କୋଡ଼ିଏ ମିନଟ୍ ପର୍ଯ୍ୟନ୍ତ ଲାଗିଯିବ । ସେଇ ସମୟ ଭିତରେ ମୁଁ କାମ ହାସଲ କରିନେବି । ତୁମେ ତ ଆର ମୁଣ୍ଡରେ ଅପେକ୍ଷା କରିଥିବ । ମୁଁ ସେଠିକି ଡେଇଁପଡ଼ିବି । ଏ ପଟରୁ ଟ୍ରେନ୍ ଧରି ହେବ । ଆଗ ଲେଭଲ କ୍ରସିଂ ଟପି ରାସ୍ତାଟା ପାହାଡ଼ର ବାଁ କଡ଼ ଦେଇ ସିଧା ଚାଲିଚି ଘୂରିଣିର ଶେଷ ମୁଣ୍ଡକୁ । ସେଠା ଟିକେ ବଙ୍କା ରାସ୍ତା ହେଲେ ବି ତା'ର ଦୂରତା ଖୁବ୍ କମ୍ । ବସ, ଆଉ ଚିନ୍ତା କରିବାର ସମୟ ନାହିଁ ।"

ବାହାରୁ ସଙ୍ଗେ ସଙ୍ଗେ ତାରଜନ୍‌ର ମୋଟର ସାଇକେଲ୍ ଗର୍ଜନ କରିଉଠିଲା । ସର୍ଦ୍ଦାର ସିଂ ବସିଲାମାତ୍ରେ ତାରଜନ ଛୁଟାଇଦେଲା ପୂର୍ଣ୍ଣ ପୂର୍ବ ଗତିରେ । ଦେଖିଲେ ମନେ ହେଉଥିଲା, ଯେପରି ଗୋଟାଏ ହାଲ୍‌କା ପିଣ୍ଡ ଭୂମି ସହିତ ସମାନ୍ତରାଳ ଭାବରେ ଗତି କରୁଚି ।

ପିଚୁ ରାସ୍ତା ଛାଡ଼ି ପାହାଡ଼ିଆ ବଙ୍କା ରାସ୍ତା ଧରିଲା ବେଳକୁ ତ ତାରଜନ ବହୁଦୂରରୁ ଟ୍ରେନର ହେଡ୍ ଲାଇଟ୍ ମିଞ୍ଜି ମିଞ୍ଜି ହେଉଥିବାର ଦେଖିପାରିଲା । ଟ୍ରେନ୍‌ଟା ସେତେବେଳକୁ ବହୁତ ଦୂରରେ ଥିଲେ ସୁଦ୍ଧା ଆସିବାକୁ ଅଧିକ ସମୟ ଲାଗିବ ନାହିଁ ଭାବି ସେ ମୋଟର ସାଇକେଲର ଗତି ଆହୁରି ବଢ଼ାଇଦେଲା । କ୍ରମେ ସ୍ପିଡ୍ ମିଟରର କଣ୍ଟା ଶହେ ଅତିକ୍ରମ କରିବାକୁ ଲାଗିଲା । ଟ୍ରେନ୍ ପାଖେଇ ଆସୁଚି । ତା ପୂର୍ବରୁ ଗୋଟାଏ ସୁବିଧା ସ୍ଥାନରେ ରହି ସୁଯୋଗରେ ଅପେକ୍ଷା କରିବାକୁ ହେବ ।

ତୀବ୍ର ଗତିରେ ଗଲାପରେ ବ୍ରେକ୍ ଦେଇ ମୋଟର ସାଇକେଲ ଅଟକାଇଲା ତାରଜନ । ଆଗରେ ରେଲଲାଇନ୍ । ମୋଡ଼ ରାସ୍ତାର ଆରମ୍ଭ । ସେଇଠି ସେ ଓହ୍ଲାଇପଡ଼ି ସର୍ଦ୍ଦାର ସିଂକୁ କହିଲା, "ସର୍ଦ୍ଦାର ତୁମେ ଏଇ ବାଁ ହାତ ସିଧା ଚାଲିଯାଅ ମୋଟର ସାଇକେଲ ନେଇ । ମୋତେ ଘୂରିଣିର ଶେଷ ମୁଣ୍ଡରେ ଟ୍ରେନ୍ ଯିବାର ଘଣ୍ଟାଏ ପର ପର୍ଯ୍ୟନ୍ତ ଅପେକ୍ଷା କରିବ । ଏଇ ସମୟ ମଧ୍ୟରେ ମୁଁ ଯଦି ନ ଫେରେ, ତେବେ ମିଃ ଚୌଧୁରୀଙ୍କୁ ଯାଇ ଖବର ଦେବ ।"

Digitized by PPRACHIN, SOA

ସର୍ଦ୍ଦାର ସିଂ ସମ୍ମତି ଜଣାଇ ମୋଟର ସାଇକେଲରେ ଷ୍ଟାର୍ଟ ଦେଇ ଆଗେଇଗଲା । ତାରକନାଥ ଖଣ୍ଡେ ବାଟ ଯାଇ ପାହାଡ଼ ଉପର ଗୋଟାଏ କାନ୍ଥି ଉପରକୁ ଉଠିଗଲା । କାନ୍ଥି ଉପରଟା କଣ୍ଟା ଗଛରେ ପୂର୍ଣ୍ଣ । କଣ୍ଟାକଟା ଲାଗି ଦେହ ତା'ର କ୍ଷତବିକ୍ଷତ ହେବାକୁ ଲାଗିଲା । ଏଣେ ଟ୍ରେନ୍‌ଟା ପାଖେଇ ଆସୁଥିଲା; ଅସ୍ପଷ୍ଟ ଭାବରେ ତାର ଶବ୍ଦ ଶୁଣାଯାଉଥିଲା ଦୂରରୁ । ଆଲୋକ ବି କ୍ରମଶଃ ପରିଷ୍କାର ଦେଖାଯାଉଥିଲା ।

ଖଣ୍ଡେ ବାଟ ଗଲା ପରେ ତାରକନାଥ ଟିକେ ଭଲ ସ୍ଥାନଟିଏ ପାଇଲା । ସେଇଁଠି କି ପାହାଡ଼ କାନ୍ଥିର ସବୁଠାରୁ ନିକଟତମ ସ୍ଥାନ ଦେଇ ରେଲ୍ ଲାଇନ୍ ଯାଇଥିଲା । ସ୍ଥାନଟା ଥିଲା ଅପେକ୍ଷାକୃତ ଜଙ୍ଗଲିଆ । ଯାହାହେଉ, ତାରକନାଥ ସେଇଠି ଗୋଟାଏ କ୍ଷୁଧାର୍ତ୍ତ ବାଘ ପରି ଜଗିବସିଲା ।

ଟ୍ରେନ୍‌ଟା ପାଖେଇ ଆସିଥିଲା । ତା'ର ଉଜ୍ଜ୍ୱଳ ଆଲୋକ ବିଚ୍ଛୁରିତ ହୋଇ ପଡ଼ୁଥିଲା ଲାଇନ ଉପରେ । ତାରକନାଥ ନିଜକୁ ଥରେ ଭଲ ଭାବରେ ପ୍ରସ୍ତୁତ କରିନେଲା । ଠିକ୍ ଏତିକିବେଳେ ଭୁସ୍ ଭୁସ୍ ଶବ୍ଦ କରି ଟ୍ରେନ୍ ଚାଲିଲା ଆଗରେ । କମ୍ପାର୍ଟମେଣ୍ଟ୍‌ର ଅଭ୍ୟନ୍ତରରେ ଗାଡ଼ିର ଉଭୟ ପଟ ଆଲୋକିତ ହୋଇଉଠିଥିଲା । ଭିତରେ ଅଧିକାଂଶ ଯାତ୍ରୀ ଶୋଇଥିଲେ ବା ଢୁଳାଉଥିଲେ ।

ଟ୍ରେନ୍‌ଟା ଅତିକ୍ରମ କରିଯିବାକୁ କେତେଟା ସେକେଣ୍ଡ ମାତ୍ର ଲାଗିବ । ଆଉ ଅପେକ୍ଷା କରିବାର ସମୟ ନାହିଁ । ତାରକନାଥ ସେଇ କାନ୍ଥି ଉପରୁ ଡେଇଁ ପଡ଼ିଲା ଟ୍ରେନର ଛାତ ଉପରକୁ । ଟ୍ରେନର ଗତି ସେଇ ପାହାଡ଼ିଆ ରାସ୍ତା ଯୋଗୁ ଟିକିଏ ଢିମେଇ ଯାଇଥିଲା । କୋଇଲା ଧୂଆଁ ମିଶା ନିଆଁ ଫୁଲିଙ୍ଗୁଡ଼ା ଅଜାଡ଼ି ହୋଇପଡ଼ୁଥିଲା ତାରକନାଥ ଉପରେ । ମାତ୍ର ତାରକନାଥ୍‌ର ଲକ୍ଷ୍ୟ ନ ଥିଲା ସେଆଡ଼କୁ । ସେ ଟ୍ରେନ୍‌ର ଛାତ ଉପରେ ହାମୁଡ଼ି ହାମୁଡ଼ି କମ୍ପାର୍ଟମେଣ୍ଟ୍‌ର ହ୍ୟାଣ୍ଡେଲକୁ ଧରି ଅଳ୍ପ ସମୟ ମଧ୍ୟରେ ଓହ୍ଲାଇଗଲା ତଳକୁ ।

ଟ୍ରେନ୍‌ରେ ଥିବା ଯାତ୍ରୀମାନଙ୍କ ଦୃଷ୍ଟିରୁ ନିଜକୁ ବଞ୍ଚାଇ ରଖି ବଖରା ଛାଡ଼ି ଛାଡ଼ି ସେ ଶେଷ ଆଡ଼କୁ ଗଲା । ତା ସଙ୍ଗେ ସଙ୍ଗେ ପ୍ରତିଟି କମ୍ପାର୍ଟମେଣ୍ଟ୍‌କୁ ଲକ୍ଷ୍ୟ କରୁଥିଲା, ତା'ର ଈପ୍ସିତ ବ୍ୟକ୍ତିଟି ସେଠାରେ ଅଛି କି ନାହିଁ । ମାତ୍ର ତାକୁ

Digitized by PPRACHIN, SOA

ସବୁଠାରେ ହତାଶ ହେବାକୁ ପଡ଼ୁଥିଲା । ତଥାପି ସେ ନିରାଶ ହୋଇ ନ ଥିଲା । କାରଣ ସେପର୍ଯ୍ୟନ୍ତ ଆହୁର କେତେଟା କମ୍ପାର୍ଟମେଣ୍ଟ ଥିଲା ଶେଷଆଡ଼କୁ ।

ସେଇଟା ଥିଲା ଗୋଟାଏ ପ୍ରଥମ ଶ୍ରେଣୀ କମ୍ପାର୍ଟମେଣ୍ଟ, ଯେଉଁଠି ତାରକନ ଖପ କରି ଅଟକିଗଲା । ସେ କମ୍ପାର୍ଟମେଣ୍ଟ ବାହାରୁ ଭିତରଟାକୁ କାଚ ଝରକା ଦେଇ ବେଶ୍ ପରିଷ୍କାର ଦେଖିପାରୁଥିଲା । ଭିତରେ ଗୋଟାଏ ଗଦି ଉପରେ ନିଶ୍ଚିନ୍ତରେ ଶୋଇଯାଇଛି ଅଲି ଖାଁ । ତାର ମୁଣ୍ଡ ପାଖକୁ ରଖାଯାଇଛି ଆଟାଚି କେସ୍‌ଟା । ସେ ଦୃଶ୍ୟ ଦେଖିଲାମାତ୍ରେ ତାରକନର ଅନ୍ତର ଆନନ୍ଦରେ ଉତ୍ଫୁଲ୍ଲ ହୋଇଉଠିଲା । ଧୀରେ ଧୀରେ ସେ ଦରଜା ପାଖକୁ ଯାଇ ଟିକିଏ ଠିଆ ହେଲା । ତା ପରେ ଖୁଟ୍ କରି ଖୋଲିଗଲା ଦରଜାଟା । ସତର୍କ ଭାବରେ ପାଦ ଚାପି ସେ ଭିତରକୁ ପଶି ପୁଣି ଦରଜାଟା ବନ୍ଦ କରିଦେଲା ।

ଏତେ ଘଟଣା ଘଟିଗଲେ ବି ଆଲି ଖାଁ ତାର ବିନ୍ଦୁ ବିସର୍ଗ ସୁଦ୍ଧା ଜାଣିପାରିଲା ନାହିଁ । ସେ ଥିଲା ନିଶାରେ ବିଭୋର । ତା ପଛରେ ଯେ କାଳାନ୍ତକ ତାରକନ ଲାଗିଛି, ଏ କଥା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରନ୍ତା କାହିଁକି ?

ତାରକନ ଅଲି ଖାଁ ଉପରେ ସତର୍କ ଦୃଷ୍ଟି ରଖି ଧୀରେ ଧୀରେ ତା ପାଖକୁ ଆଗେଇଗଲା । ତା'ଠାରୁ ଅନ୍ତତଃ ଦୁଇ ପାହୁଣ୍ଡ ଦୂରରେ ଠିଆ ହୋଇ ସେ ପକେଟରୁ ଗୋଟାଏ ଛୋଟିଆ ବଲ୍ ବାହାର କରି ତାକୁ ଆଲି ଖାଁ ଆଡ଼କୁ ଦେଖାଇ ସେଥିରେ ଚାପ ଦେବାକୁ ଲାଗିଲା । ଚାପ ଦେଲା ମାତ୍ରେ ସେଥିରୁ ଈଷତ୍ ନୀଳ ବର୍ଣ୍ଣର ଗ୍ୟାସ ବାହାରି ବିସ୍ତୃତ ହୋଇଗଲା ଅଲି ଖାଁର ମୁହଁ ଉପରେ । ଧୀରେ ଧୀରେ ମୁହଁଟା ତା'ର ନୀଳବର୍ଣ୍ଣ ହୋଇଆସିଲା ।

ଏଇଟା ସୁଯୋଗ ସମୟ ଦେଖି ତାରକନ୍ ବଲ୍‌ଟା ପକେଟରେ ରଖି ଖୁବ୍ ଚଞ୍ଚଳ ହୋଇଉଠିଲା । ସେ ଅଲି ଖାଁର ପାଖ ଗଦିଟାରେ ବସିପଡ଼ି ଆଟାଚି କେସ୍‌ଟା ଟାଣିଆଣିଲା । କେସ୍‌ଟାରେ ଚାବି ପଡ଼ିଥିଲା । ତାରକନ୍ ପକେଟରୁ ଲେନ୍ଥାଏ କାଠି କାଢ଼ି ସେଥିରେ ଗୋଟାକ ପରେ ଗୋଟାଏ ଲଗାଇ ଖୋଲିବାକୁ ଚେଷ୍ଟା କଲା । କେତେଥର ଚେଷ୍ଟା କଲା ପରେ ଆଟାଚି କେସ୍‌ଟା ଖୋଲିଗଲା ।

Digitized by PPRACHIN, SOA

ତାରଜନ୍ ତା ଭିତର ଖୋଳାଖୋଳି କରି ଗୋଟାଏ କାଗଜପୁଡ଼ା ଉଠାଇ ଧରିଲା । ସେଟାକୁ ଦେଖିଲାକ୍ଷଣି ଆନନ୍ଦରେ ହସ ଫୁଟି ଉଠିଲା ତା ଓଠରେ । ସେଇ ପୁଡ଼ାଟିକୁ ପକେଟରେ ରଖି ସେ ଆଟାଚିରେ ଚାବି ଦେଇ ରଖିଦେଲା ସେଇଠି, ଯେଉଁଠି ତାହା ଆଗରୁ ଥିଲା ।

ତାରଜନ ଉଠି ଠିଆ ହେଲା । ତତ୍‌କ୍ଷଣ ଭାବରେ ଥରେ ଚାହିଁଲା ଆଲି ଖିଁକୁ, ତା'ର ମୁହଁ ଉପରୁ ନୀଳବର୍ଣ୍ଣର ପ୍ରଲେପ କ୍ରମେ ଶୁଖିଆସୁଥିଲା । ତାରଜନ୍ ଏଥର ଆତୁର ଚଞ୍ଚଳ ହୋଇଉଠିଲା । ଯେତେ ଶୀଘ୍ର ପାରେ ସେ ଦରଜା ବାଟେ ଓହ୍ଲାଇଆସିଲା ଫୁଟ୍‌ବୋର୍ଡ ଉପରକୁ । ତା ପରେ ଦରଜାଟିକୁ ଭଲକରି ବନ୍ଦ କରିଦେଲା ।

ଟ୍ରେନ୍ ଘନ ଘନ ସିଟି ଦେଇ ଧୁମେଇ ଧୁମେଇ ଆଗେଇ ଯାଉଥିଲା । ମୋଡ଼ ଘଣ୍ଟା ଶେଷ ହେବାକୁ ବେଶି ଡେରି ନାହିଁ । କମ୍ପାର୍ଟମେଣ୍ଟର ଆଲୋକରେ ପାହାଡ଼ କାନ୍ଥି ଉପରର ଜଙ୍ଗଲ ପରିଷ୍କାର ଦେଖାଯାଉଛି । ମେଲଟ୍ରେନ୍‌ର ଇଞ୍ଜିନ୍‌ଟା ମୋଡ଼ ପାରି ହୋଇଗଲାଣି । ଗାଡ଼ିର ଗତି ବଢ଼ୁଛି । ଆଉ ବିଳମ୍ବ କରିବା ଉଚିତ ନୁହେଁ ଭାବି ତାରଜନ୍ ଝାମ୍ପ୍ କରି କୁଦି ପଡ଼ିଲା କାନ୍ଥ ଉପରକୁ । ଏତେ ବଡ଼ ଯେଉଁ କାଣ୍ଡଟା ଘଟିଗଲା, ତାହାର ବିନ୍ଦୁ ବିସର୍ଗ କେହି ଜାଣିପାରିଲେ ନାହିଁ । ଟ୍ରେନ୍‌ଟା ଘୁ ଘୁ ଗର୍ଜନ କରି ତାକୁ ଅତିକ୍ରମ କରି ଚାଲିଗଲା । ତାର ପଛରେ ଜଳୁଥିବା ନାଲି ଆଲୁଅଟା କ୍ରମେ କ୍ରମେ ଅସ୍ପଷ୍ଟ ହୋଇ ଅଦୃଶ୍ୟ ହୋଇଗଲା । ବଜସ୍ୱ ଝାଙ୍ଗଲରେ ତାରଜନ୍ ସ୍ୱସ୍ତିର ନିଃଶ୍ୱାସ ମାରିଲା ଟିକେ ।

ସର୍ଦ୍ଦାର ସିଂ ହୁଏତ ତାକୁ ଅପେକ୍ଷା କରିଥିବ । ତା'ର ବିଳମ୍ବ ଦେଖି ସେ ବ୍ୟସ୍ତ ହୋଇପଡ଼ୁଥିବ ନିଶ୍ଚୟ । ଅବିଳମ୍ବେ ତା ପାଖରେ ପହଞ୍ଚିବାକୁ ତାରଜନ୍ ଶୀଘ୍ର ଶୀଘ୍ର ପାଦ ପକାଇଲା । ତା ଛଡ଼ା ପାହାଡ଼ଟା ଘୋର ଜଙ୍ଗଲପୂର୍ଣ୍ଣ ଥିବାରୁ ସେଠାରେ ବାଘଭାଲୁଙ୍କର ଭୟ ଥିଲା ଖୁବ୍ ବେଶି ।

ତାରଜନ୍ ପନ୍ଦର କୋଡ଼ିଏ ପାହୁଣ୍ଡ ମାତ୍ର ଅଗ୍ରସର ହୋଇଛି କି ନାହିଁ ତାକୁ ବାଟଟା ବଡ଼ ଅସ୍ୱସ୍ତିକର ବୋଧ ହେଲା । ତାକୁ ଜଣାଗଲା ଯେମିତି ତା'ର ପାଖେ ପାଖେ କିଏ ଗୋଟାଏ ଚାଲୁଛି । ମୋଡ଼ଟା ଆହୁରି ଖଣ୍ଡେ ଦୂର ଅଛି । ଡାକିଲେ ବି ଶୁଣାଯିବ କି ନା ସନ୍ଦେହ ।

Digitized by PPRACHIN, SOA

ମନରେ ଦମ୍ଭଧରି ତାରଜନ୍ ଏଥର ଦ୍ୱିଗୁଣ ବେଗରେ ଗଛ ଚଢ଼ିବାକୁ ଲାଗିଲା । କିନ୍ତୁ ହଠାତ୍ ଗୋଟାଏ ଭୀଷଣ ଗର୍ଜନ ସଙ୍ଗେ ସଙ୍ଗେ ତାର ଗଛରୋଧ କରି ଏକ ମସ୍ତବଡ଼ ଭାଲୁ । ଭାଲୁଟା କାଳପୁରୁଷ ପରି ତା ଆଗରେ ଠିଆ ହୋଇଗଲା । ପଛ ଦୁଇ ଗୋଡ଼ରେ ଠିଆ ହୋଇ ଆଗ ଦୁଇ ଗୋଡ଼କୁ ତାରଜନ୍ ଆଡ଼କୁ ବିସ୍ତାର କରି ସେ ଦୁଲି ଦୁଲି ହୋଇ ଧାଇଁଆସୁଥିଲା ।

ତାରଜନ୍ ଦେଖିଲା, ମୁହୂର୍ତ୍ତକ ମଧ୍ୟରେ ଭାଲୁଟା ତାକୁ ଚିରି ଫାଳ ଫାଳ କରିଦେବ । ମହାବଳ ବାଘ ହାତରୁ ବରଂ ରକ୍ଷା ଅଛି, କିନ୍ତୁ ଭାଲୁ ନିକଟରୁ ରକ୍ଷା ନାହିଁ । ପକେଟରେ ରିଭଲଭର୍ ଅବଶ୍ୟ ଅଛି । କିନ୍ତୁ ତାକୁ ବାହାର କରିବା ପର୍ଯ୍ୟନ୍ତ ସମୟ ନାହିଁ । ଭାଲୁଟା ହାତ ପାହାନ୍ତାରେ ଆସି ପହଞ୍ଚିଲାଣି । ସେ ବିଜୁଳି ବେଗରେ ପ୍ରଚଣ୍ଡ ଗୋଟାଏ ମୁଥ ମାରିଲା ଭାଲୁର ନାକଦଣ୍ଡାରେ । ସେଇ ସ୍ଥାନଟାହିଁ ଭାଲୁର ଦୁର୍ବଳ ସ୍ଥାନ । ପ୍ରକୃତରେ ପ୍ରଚଣ୍ଡ ମୁଥଟିର ଆଘାତରେ ଭାଲୁଟା ଘୁରି ପାଞ୍ଚ ପାହୁଣ୍ଡ ଦୂରରେ ଛିଟିକି ହୋଇ ପଡ଼ିଲା । ମାତ୍ର ପରମୁହୂର୍ତ୍ତରେ ଆହୁରି ପ୍ରବଳ ଭାବରେ ମାଡ଼ିଆସିଲା । ତାରଜନ୍ ଦେଖିଲା, ଏଥର ଆଉ ରକ୍ଷା ନାହିଁ । ନିଜକୁ ପ୍ରସ୍ତୁତ କରୁ କରୁ ଭାଲୁ ତାକୁ ଦୁଇ ବାହୁରେ ଜାବୁଡ଼ି ଧରିଲା । ତାରଜନ୍ ପିଠିରେ ଭାଲୁ ନଖର ସାମାନ୍ୟ ଆଘାତ ଅନୁଭବ କରିପାରିଲା । ଭାଲୁ ହାତରୁ ମୁକୁଳିବାକୁ ଚେଷ୍ଟା କଲେ ନିଶ୍ଚୟ କ୍ଷତବିକ୍ଷତ ହେବାକୁ ପଡ଼ିବ । ତେଣୁ ତାକୁ କାବୁ କରି ଦେବାପାଇଁ ସେ ଦୁଇ ହାତରେ ତାର ଗଳାକୁ ଚିପି ଧରିଲା ।

ଏଇଟା ଥିଲା ଚରମ ଉପାୟ । ଭାଲୁର ଶ୍ୱାସନଳି ବନ୍ଦ ହେବା ସଙ୍ଗେ ସଙ୍ଗେ ସେ ମୁକ୍ତ ପାଇବାକୁ ଖୁବ୍ ଚେଷ୍ଟା କଲା । ପ୍ରବଳ ଗର୍ଜନ କରି ବାଡ଼େଇ ପିଟି ହୋଇ ପାଖ ଜଙ୍ଗଲଟାକୁ କମ୍ପାଇ ଦେଲା । କିନ୍ତୁ ଶେଷ ପର୍ଯ୍ୟନ୍ତ ତାରଜନ୍ ତାକୁ ମୁକ୍ତ ଦେଲା ନାହିଁ । ଧୀରେ ଧୀରେ ବିରାଟ ଭାଲୁଟର ଦେହ ନିସ୍ତେଜ ହୋଇଆସିଲା । ସେ ଗୋଟାଏ ଜଡ଼ପିଣ୍ଡ ପରି ପଡ଼ିଗଲା ।

ତାରଜନ୍ ଦେଖିଲା, ତାର ରାସ୍ତାରୁ ପ୍ରତିବନ୍ଧକ ଟିକକ ଯାହାଥିଲା ହଟି ଯାଇଛି । କପାଳରୁ ଝାଳ ପୋଛି ସେ ଆଗକୁ ଚାହିଁଲା । ଦୂରରେ ସିଗନାଲର ନାଲି ନେଳି ଆଲୁଅ ଚକ୍ ଚକ କରୁଥିଲା । ଜଙ୍ଗଲ ଭିତର ଦେଇ ଗଲେ ବାଟରେ

Digitized by PPRACHIN, SOA

କାଳେ ଆଉରି କିଛି ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ ଏହି ଆଶଙ୍କାରେ ସେ ଜଙ୍ଗଲ ରାସ୍ତା ପରିତ୍ୟାଗ କରି ରେଲ ଲାଇନ୍ ଉପରକୁ କୁଦି ପଡ଼ିଲା । ତା ପରେ ଲାଇନ ଉପରେ ଦେଇ ଧାଇଁବାକୁ ଲାଗିଲା ।

ସର୍ଦ୍ଦାର ସିଂ ନିର୍ଦ୍ଦିଷ୍ଟ ସ୍ଥାନରେ ତାକୁ ଅପେକ୍ଷା କରିଥିଲା । ସମ୍ଭାବିତ ସମସ୍ତ ସୀମା ଅତିକ୍ରମ କରିବାକୁ ଆଉ ଅଳ୍ପ ବାକି ଥିବାରୁ ସେ ଖୁବ୍ ଉଦବିଗ୍ନ ହୋଇପଡ଼ିଥିଲା । ବର୍ତ୍ତମାନ ତାରଜନ୍‌କୁ ଦେଖି ତା'ର ଆନନ୍ଦର ସୀମା ରହିଲା ନାହିଁ ।

ତାରଜନ୍ ସଂକ୍ଷେପରେ ଘଟିଥିବା ବିପଦ କଥା ତାକୁ କହିବା ସଙ୍ଗେ ସଙ୍ଗେ ମୋଟର ସାଇକେଲରେ ଷ୍ଟାର୍ଟ ହେଲା । ସକାଳ ହେବା ଆଗରୁ ଯାଇ ସହରରେ ପହଞ୍ଚିବା ଦରକାର, ନ ହେଲେ ଘଟଣାର ଗୋପନୀୟତା ରହିବ ନାହିଁ ।

ଏକ ଦୁରନ୍ତ ଗତିରେ ଦୁଇ ଜଣ ଆରୋହୀ ନେଇ ଶକ୍ତିଶାଳୀ ମୋଟର ସାଇକେଲଟା ଛୁଟିବାକୁ ଲାଗିଲା ଅନ୍ଧାର ଚିରି ।

ପଛରେ ପଡ଼ିରହିଲା ପାହାଡ଼ ।

—ସାତ—

କ୍ଳାନ୍ତ ଏବଂ ରକ୍ତାକ୍ତ ହୋଇ ତାରଜନ୍ ମିଷ୍ଟର ଚୌଧୁରୀଙ୍କ ବାସଭବନରେ ପହଞ୍ଚିଲାବେଳକୁ ରାତି ସାଢ଼େ ଚାରିଟା । ତାରଜନର ଆସିବା ବାରି ଟାଇଗର ଭୁକି ଘର କମ୍ପାଇଦେଲା । ସେଥିରେ ସମସ୍ତଙ୍କର ନିଦ ଭାଙ୍ଗିଗଲା । ସର୍ବପ୍ରଥମେ ମିଷ୍ଟର ଚୌଧୁରୀ ଉଠିଆସି ତାରଜନକୁ ଏପରି ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ ତାକୁ ସଙ୍ଗେ ସଙ୍ଗେ ଭିତରକୁ ନେଇଯାଇ ଚିକିତ୍ସାରେ ଲାଗିପଡ଼ିଲେ । କ୍ଷତ ଥିଲା ଖୁବ୍ ସାମାନ୍ୟ; ସେହି ତୁଳନାରେ ସାମାନ୍ୟ ରକ୍ତସ୍ରାବ ମଧ୍ୟ ହୋଇଥିଲା ।

ଘର ଭିତରେ ଟିକେ ହୈଚୈ ଶୁଣି ଅଜୟବାବୁ ମଧ୍ୟ ଉଠିଆସିଲେ । ସେ ରାତି ବାରଟା ପରେ ତାଙ୍କୁ ଦିଆଯାଇଥିବା ସମସ୍ତ ତଥ୍ୟ ସଂଗ୍ରହ କରି

Digitized by PPRACHIN, SOA

ଫେରିଆସିଥିଲେ । ଟିକିଏ ସୁସ୍ଥ ବୋଧ ହେବା ପରେ ତାରକନ୍ ଗୋଟି ଗୋଟି କରି ସମସ୍ତ ଘଟଣା ବର୍ଣ୍ଣନା କରି ସମସ୍ତଙ୍କୁ ବିସ୍ମିତ କରିଦେଲା । ମିଷ୍ଟର ଚୌଧୁରୀ ତାରକନର ଦୁଃସାହସ କଥା ଶୁଣି ତାକୁ କୁଣ୍ଢାଇପକାଇଲେ ।

ତାରକନଠାରୁ କାଗଜପୁଡ଼ାଟି ନେଇ ମିଷ୍ଟର ଚୌଧୁରୀ ଖୋଲି ଦେଖିବା ସଙ୍ଗେ ସଙ୍ଗେ ଆନନ୍ଦରେ ଚତ୍କାର କରି କହିଲେ, "ଆରେ ! ଏଇ ତ ସେଇ ଅନର୍ଥ !"

କିନିଷ କଣ ବୋଲି ଅଜୟବାବୁ ଆଉ ତାରକନ୍ ଝୁଙ୍କି ପଡ଼ିଲେ କାଗଜଟା ଉପରେ । ଦେଖିଲେ ଗୋଟାଏ ଉଇଲ; ତା ସହିତ ଗୁନ୍ଥା ହୋଇଛି ଖଣ୍ଡିଏ ଛୋଟ କାଗଜରେ ଗୋଟିଏ ନକ୍ସା ।

ମିଷ୍ଟର ଚୌଧୁରୀ କହିଲେ, "ଇଏ ସାମାନ୍ୟ କିନିଷ ନୁହେଁ; ତାରକନ୍ ଜାଣି ନାଗମୁଣ୍ଡରୁ ମଣି ଛଡ଼ାଇଆଣିଚ । ଏଇ ଖଣ୍ଡିକ ଯୋଗେ କି ତୁମୁଳ କାଣ୍ଡ ଘଟିବାର ସମ୍ଭାବନା ଅଛି, ଦେଖ । ମୁଁ ତ ଜାଣୁଚ, ଆମକୁ ଖୁବ୍ ଶୀଘ୍ର ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଇଯିବାକୁ ପଡ଼ିବ । ତୁମେ ଦୁହେଁ ସବୁବେଳେ ସତର୍କ ଏବଂ ପ୍ରସ୍ତୁତ ରୁହ ।"

କିଛି ସମୟ ନୀରବତାରେ କଟିଗଲା । ମିଷ୍ଟର ଚୌଧୁରୀଙ୍କର ଦୃଷ୍ଟି ନିବଦ୍ଧ ଥିଲା ସେଇ ନକ୍ସା ଉପରେ । ସେ ଯେପରି ତନ୍ମୟ ହୋଇ ତା'ର ସଙ୍କେତଗୁଡ଼ିକ ବିଶ୍ଳେଷଣ କରିବାକୁ ଉଦ୍ୟମ କରୁଥିଲେ, ତାରକନ୍ ଏବଂ ଅଜୟବାବୁ ଦୁହେଁ ତାଙ୍କର କାର୍ଯ୍ୟପ୍ରଣାଳୀ ଲକ୍ଷ୍ୟ କରୁଥିଲେ ।

ହଠାତ୍ ମିଷ୍ଟର ଚୌଧୁରୀଙ୍କର ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା । ସେ ପାଟି କରିଉଠିଲେ, "ମିଳିଯାଇଚ ଏଥର; ସବୁ ସନ୍ଦେହର ସୁନ୍ଦର ସନ୍ଧାନ ମିଳିଯାଇଚ ।"

ତାରକନ୍ ଏବଂ ଅଜୟବାବୁ ବ୍ୟସ୍ତ ହୋଇଉଠିଲେ ଘଟଣାଟା କଣ ଜାଣିବାପାଇଁ ।

ମିଷ୍ଟର ଚୌଧୁରୀ କହିଲେ, "ଏଇ ଦେଖ, ଏଇଟା ଗୋଟାଏ ଗୁପ୍ତ ସ୍ଥାନର ନକ୍ସା । ହୁଏତ କୌଣସି ଗୁପ୍ତ ଧନାଗାର ହୋଇପାରେ, ଯାହାକୁ କି ଲୁଚାଇ

Digitized by PPRACHIN, SOA

ରକ୍ଷିବାକୁ ବୃଦ୍ଧ ଶିବରାମପ୍ରସାଦ ଏ ପର୍ଯ୍ୟନ୍ତ ଚେଷ୍ଟା ଚଳାଇଆସିଛନ୍ତି । ସେକଥା ଉଇଲରେ ମଧ୍ୟ ଉଲ୍ଲେଖ ଅଛି । ସେ ଉଇଲର ପ୍ରକୃତ ଉତ୍ତରାଧିକାରୀ ବ୍ୟତୀତ ଏ ନକ୍ସା ଅନ୍ୟ କେହି ବିଶ୍ଳେଷଣ କରିବାକୁ ଧର୍ମର ଦ୍ୱାହି ଦିଆଯାଇଛି । କି ଅନ୍ଧ ବିଶ୍ୱାସ ! ସ୍ୱୈର ଡକାୟତ ଯେ କେବେ ହେଲେ ଧର୍ମଶାସ୍ତ୍ରକୁ ମାନନ୍ତି, ଏ କଥା ବୋଧହୁଏ ବୃଦ୍ଧ ଶିବରାମପ୍ରସାଦ ଜାଣନ୍ତି ନାହିଁ ।”

“କିନ୍ତୁ ଶିବରାମପ୍ରସାଦ ଯାହା ଭାବୁଥିଲେ, ଉଇଲରେ ସେ ସ୍ୱାକ୍ଷର କରି-ନାହାନ୍ତି ବୋଲି, ସେକଥା ସତ । ମିଷ୍ଟର ପଟେଲ୍ ତାଙ୍କ ସାନଭାଇ ହରିରାମ-ପ୍ରସାଦଙ୍କଠାରୁ ସ୍ୱାକ୍ଷର କରାଇଆଣିପାରିଚନ୍ତି ।” ତାରକନ୍ କହିଲା ।

ମିଷ୍ଟର ଚୌଧୁରୀ ମ୍ଳାନ ହସ ହସି କହିଲେ, “ସେ ସ୍ୱାକ୍ଷରର ଆଉ କିଛି ମୂଲ୍ୟ ନାହିଁ, ତାରକନ୍ ! ସର୍ବନାଶ କାଣ୍ଡ ହୋଇସାରିଛି । ଯେଉଁଦିନ ମିଷ୍ଟର ପଟେଲଙ୍କର ‘ହୋଟେଲ ଏସିଆନା’ରେ ମୃତ୍ୟୁ ଘଟିଲା, ଠିକ୍ ସେଇଦିନ ଲଣ୍ଡନର ସ୍ୱାର୍କସାୟାର ଷ୍ଟ୍ରିଟ୍‌ରେ ହରିରାମପ୍ରସାଦଙ୍କୁ ହତ୍ୟା କରାଯାଇଛି । ମିଷ୍ଟର ପଟେଲଙ୍କ ହୃତ୍‌ପିଣ୍ଡ ବନ୍ଦ ହୋଇଯାଇଥିଲା । କିନ୍ତୁ ହରିରାମଙ୍କୁ ବିଷ ପ୍ରୟୋଗ କରାଯାଇ ହତ୍ୟା କରାଯାଇଛି ।”

ତାରକନ୍ ଚମକିପଡ଼ି କହିଲା, “ହତ୍ୟା କରାଯାଇଛି କିନ୍ତୁ କିଏ ସେ ହତ୍ୟାକାରୀ ?”

“ସବୁ ତୁମେ ଶୁଣିବ ଖୁବ୍ ଶୀଘ୍ର । ପ୍ରଥମେ ନିଜ ନିଜର କାମ ଶେଷ କର; ତାପରେ ଯାହା । ହଁ, ଆଉ ଗୋଟିଏ କଥା; ଏ ପର୍ଯ୍ୟନ୍ତ ଶିବରାମପ୍ରସାଦ ବୋଧହୁଏ ଖବର ପାଇନାହାନ୍ତି । ତୁମ ତରଫରୁ ସେ ଯେପରି ଖବରଟା ନ ପାଆନ୍ତି, ସେଥିପ୍ରତି ସାବଧାନ !”

ସକାଳ ହୋଇଯାଇଥିଲା । ତାରକନ୍ ଏବଂ ଅଜୟବାବୁ ଦୁହେଁ ଉଠିଗଲେ ନିତ୍ୟକର୍ମ ଶେଷ କରିବାକୁ ।

ଦିନ ଏଗାରଟା ବେଳକୁ ସର୍ଦ୍ଦାର ସିଂ ଆସି ଖବର ଦେଲା ଯେ ଅଲ୍ଲି ଖାଁ ଫେରିଆସିଚି, ଆଉ ତା ସଙ୍ଗେ ସଙ୍ଗେ ଗୋଟାଏ ପ୍ରଳୟ କାଣ୍ଡ ଘଟିଯାଇଛି କୋଠିରେ ।

Digitized by PPRACHIN, SOA

ଖବରଟା ଖୁବ୍ ସନ୍ତୋଷଜନକ ନ ଥିଲା ମିଷ୍ଟର ଚୌଧୁରୀଙ୍କ ନିକଟରେ । ସେ ବ୍ୟଗ୍ର ସ୍ୱରରେ ପଚାରିଲେ, କଣ ଘଟିଯାଇଛି ?”

“ଆଜ୍ଞା ରାତ ସାଢ଼େ ନଅଟା ହେବ, ଆଲି ଖାଁ ତା ସାଙ୍ଗରେ ଆସି କୋଠିରେ ପହଞ୍ଚିଲା । ତା ପରେ ପରେ କୋଠି ଭିତରୁ ଖୁବ୍ ଉଚ୍ଚବାଚ କଥାବାର୍ତ୍ତା ପ୍ରାୟ ଅଧ ଘଣ୍ଟାଏ ଧରି ଶୁଣାଗଲା । ମୁଁ ଟିକିଏ ଦୂରରେ ରହି କଥା ଗୁଡ଼ା ଶୁଣିବାକୁ ବହୁତ ଚେଷ୍ଟା କଲି । କିନ୍ତୁ ସ୍ପଷ୍ଟ ସ୍ୱରରେ କିଛି ବୁଝିପାରିଲି ନାହିଁ । ତେବେ ସେମାନଙ୍କର ଖାପଛଡ଼ା କଥାରୁ ବୁଝିପାରିଲି ଯେ ଆଜି ରାତିରେ ସେଠିକି କେହି ଜଣେ ଖୁବ୍ ଧନୀ ସାହେବ ଆସିବେ । ସେ ଆସିଲେ ଇବ୍ରାହିମ ତାର ପାଉଣା ପଣ ପାଇବ ।”

ମିଷ୍ଟର ଚୌଧୁରୀ ଟିକିଏ ଗମ୍ଭୀର ହୋଇ କହିଲେ “ତା’ପରେ ?”

“ତା’ପରେ ଆଉ କଣ, ସାର ? ଆଲି ଖାଁ ତ ବାଘ ପରି ଗର୍ଜୁଥାଏ । ଆଜି ଭିତରେ ସବୁ ଫଇସଲା କରିବାକୁ ତାଗିଦ୍ କରି ସେ ଯାଇଛି । ପୁଣି ରାତିକୁ ଆସିବ ।”

“ଆଚ୍ଛା, ତୁମେ ଯାଅ । ଘଣ୍ଟାକୁ ଘଣ୍ଟା, ଦରକାର ହେଲେ ପ୍ରତି ଅଧ-ଘଣ୍ଟାରେ ଥରେ ସେଠିକାର ଖବର ଜଣାଅ । ସାଙ୍ଗରେ ଆଉ କିଏ କିଏ ଅଛନ୍ତି ତୁମର ?”

“ମହାବୀର ସିଂ ଅଛି, ଆଉ ସୁଟଲାଲ ବି ଅଛି ।”

“ଠିକ୍ ଅଛି । ଆମ ମୋଟର ସାଇକେଲରୁ ବି ଗୋଟାଏ ନେଇଯାଅ, ଦରକାରରେ ଆସିପାରେ । କିନ୍ତୁ ସେମାନଙ୍କୁ ଯେପରି ଆଖି ଆଗରୁ ଦୂରେଇ ନ ଦିଅ ।” ମିଷ୍ଟର ଚୌଧୁରୀ ସତର୍କ କରିଦେଲେ ।

ସର୍ଦ୍ଦାର ସିଂ ଚାଲିଗଲା । ମିଷ୍ଟର ଚୌଧୁରୀ ଖୁବ୍ ଚିନ୍ତିତ ହୋଇପଡ଼ିଲେ । ଅଜୟ ବାବୁ ଓ ରଞ୍ଜନ୍ ତାଙ୍କର ଗମ୍ଭୀର ମୁହଁ ଦେଖି କିଛି ପଚାରିବାକୁ ସାହସ କଲେ ନାହିଁ । ଟିକିଏ ପରେ ନୀରବତା ଭାଙ୍ଗି ମିଷ୍ଟର ଚୌଧୁରୀ କହିଲେ, “ଆଜି ଆମେ ସେହି ପୁରୁଷରତ୍ନଙ୍କୁ ସାକ୍ଷାତ କରିବା, ଯାହାଙ୍କର ଦରକାର ହେଲି ଏ

Digitized by PPRACHIN, SOA

ହେଇଛି ଏବଂ ନକ୍ସା ସହିତ । ତେଣୁ ଆଜ ବି ଗୋଟାଏ ଅଭିଯାନ ଚାଲିବ ସେଇ କୋଠି ଅଭିମୁଖରେ ।"

ଅଜୟବାବୁ ଆଉ ତାରକନ୍ ଦୁହେଁ ଏକ ସଙ୍ଗରେ କହିପକାଇଲେ, "କଣ, ସମସ୍ତେ ଯିବା ?"

ମିଷ୍ଟର ଚୌଧୁରୀ କହିଲେ, "ନା କେବଳ ତାରକନ୍ ଯିବ । ଆମେ ରହସ୍ୟ ଯେଉଁକ ଭେଦ କରୁଥିବା, ଆମକୁ ସେତିକ ସତର୍କ ହେବାକୁ ପଡ଼ୁଥିବ । ବେଶି ଲୋକ ଗଲେ ଧରା ପଡ଼ିଯିବାର ସମ୍ଭାବନା ଅଛି । ବରଂ ତାରକନ୍ ଏକା ଯାଉ । ସେ ଅଗମ୍ୟ ସ୍ଥାନକୁ ଅନାୟାସରେ ଯାଇପାରିବ ଏବଂ ଦରକାର ହେଲେ ଏକାଧିକ ଲୋକଙ୍କ ବିରୁଦ୍ଧରେ ଠିଆ ହୋଇପାରିବ ।"

ତାରକନ୍ ମନେ ମନେ ଖୁବ୍ ଖୁସି ହୋଇଗଲା ।

ମିଷ୍ଟର ଚୌଧୁରୀ ପୁଣି କହିଲେ, "ଏଥର କୋଠି ଭିତରକୁ ପ୍ରବେଶ କରିବା ଆବଶ୍ୟକ ନାହିଁ । ସେମାନେ ଯେଉଁ କୋଠରୀରେ ଆଲୋଚନା କରନ୍ତି, ସେଇ କୋଠରୀର ଗୋଟାଏ ଝରକା ବାହାର ପଟକୁ ଅଛି । ତାରକନ୍ କେବଳ ଆମର ଆଧୁନିକ ପ୍ରଣାଳୀରେ ତିଆରି ଟେପ୍ ରେକର୍ଡରଟା ନେଇ ସେଠାକୁ ଯିବ ଏବଂ ଝରକା ଫାଙ୍କ ପାଖରେ ରିସିଭରଟା ଥୋଇ ଦେଇ ସେଥିରୁ ତାରଟା ଆଣି ରେକର୍ଡରର ପ୍ଲଗରେ ଲଗାଇଦେବ । ବାସ୍ ! ସେମାନଙ୍କ କଥାବାର୍ତ୍ତା ସବୁ ସେଥିକରେ ରେକର୍ଡିଂ ହୋଇଯିବ । ଯିଏ ବି ଗୋଟାଏ ବାସ୍ତବିକ ପ୍ରମାଣ ହୋଇ-ରହିବ । ଧରା ପଡ଼ିଯିବାର ଭୟ ମଧ୍ୟ ନାହିଁ । ହଁ ଆଜ ଅଜୟ ରହିବ ଏଇଠି । ମୁଁ ଯିବି ମଧ୍ୟ ବାହାରକୁ । ବାସ୍, ତୁମେମାନେ ଏଥର ନିଜ ନିଜର କାମ ପାଇଁ ପ୍ରସ୍ତୁତ ହୁଅ ।"

× × × ×

ରାତି ସାଢ଼େ ଆଠଟା ବେଳକୁ ମିଷ୍ଟର ଚୌଧୁରୀ ଯାଇ ଶିବରାମପ୍ରସାଦଙ୍କ ଘର ପାଖରେ ପହଞ୍ଚିଗଲେ । ଶିବରାମପ୍ରସାଦ ଦେଖିବାକୁ ବୃଦ୍ଧ ଏବଂ ରକ୍ଷଣଶୀଳ

Digitized by PPRACHIN, SOA

ମନେ ହେଲେ କଣ ହେବ, ତାଙ୍କ ଘରର ସାଜସଜା ଦେଖି ମିଷ୍ଟର ଚୌଧୁରୀ ତାଙ୍କର ଅତ୍ୟାଧୁନିକ ରୁଚିର ପରିଚୟ ପାଇଲେ ।

ଶିବରାମପ୍ରସାଦ ନିଜର ବୈଠକଖାନାର ଗୋଟାଏ ସୋଫା ଉପରେ ବସି କିଛି ଗୋଟାଏ ଦୈନିକପତ୍ର ଦେଖୁଥିଲେ ବୋଧହୁଏ । ମିଷ୍ଟର ଚୌଧୁରୀଙ୍କର ଆସିବା ଖବର ପାଇ ସେ ତାଙ୍କୁ ପାଛୋଟି ଆଣି ବୈଠକଖାନାରେ ବସାଇଲେ ।

ମିଷ୍ଟର ଚୌଧୁରୀ ଘରର ସାଜସଜ୍ଜା ଉପରେ ଥରେ ଆଖି ବୁଲାଇ ଆଣିବା ସଙ୍ଗେ ସଙ୍ଗେ ଚମକିପଡ଼ିଲେ । ଗୋଟାଏ ଏନ୍‌ଲାର୍ଜଡ୍ ଫଟୋ ଉପରେ ତାଙ୍କର ଦୃଷ୍ଟି ସ୍ଥିର ହୋଇଗଲା । ଫଟୋଟା ଅବିକଳ ମିସ୍ ଏଲିସାର ଫଟୋ ସହିତ ମିଳିଯାଉଥିଲା । ପ୍ରଥମେ ମିଷ୍ଟର ଚୌଧୁରୀ ନିଶ୍ଚିତଭାବରେ ଧରିନେଲେ ଯେ, ସେଇ ଫଟୋଟି ଏଲିସା ବ୍ୟତୀତ ଆଉ କାହାରି ନୁହେଁ ।

ତାଙ୍କର ଦୃଷ୍ଟି ଫଟୋ ଉପରେ ନିବଦ୍ଧ ଥିବାର ଦେଖି ଶିବରାମପ୍ରସାଦ ହସି ହସି କହିଲେ, "ସେ ସୁଶୀଳା । ବର୍ତ୍ତମାନ ଫରେନ୍‌ରେ ରହି ପଢ଼ୁଛି । ଆପଣଙ୍କୁ ସେଦିନ କହି ନ ଥିଲି ?"

ମିଷ୍ଟର ଚୌଧୁରୀ ଆଶ୍ଚର୍ଯ୍ୟ ହୋଇଗଲେ । ଜଣେ, ତରୁଣୀ ଦୁଇଟା ହୋଇ ପାରିଲା କିପରି ? ଯାହାହେଉ, ହରିରାମପ୍ରସାଦଙ୍କ ଆକସ୍ମିକ ଏବଂ ଶୋଚନୀୟ ମୃତ୍ୟୁ ଖବର ବୋଧହୁଏ ପାଇନାହାନ୍ତି ଶିବରାମ । କିନ୍ତୁ ସେଟା ବି କମ୍ ଆଶ୍ଚର୍ଯ୍ୟର କଥା ନୁହେଁ । ଖବର ତ ନିଶ୍ଚୟ ଆସିଥିବ । ମନର ଭାବ ଗୋପନ ରଖି ସେ ହସି ହସି କହିଲେ, "ହଁ, ମୁଁ ମଧ୍ୟ ସେଇଆ ଅନୁମାନ କରିଥିଲି । ଆପଣଙ୍କର ଝିଅ କି ହୋଇଥିଲେ ଏତେ ପାଠ କିଏ ପଢ଼ନ୍ତା ?"

"କେମିତି ଏ ଗରିବ ବୁଢ଼ାଆ ଆଡ଼େ ଚାଲିଆସିଲେ ? ଶିବରାମ ବିନୀତଭାବରେ ହସି ହସି କହିଲେ ।

"ନାଇଁ, ଖାଲି ଏଇମିତି ଟିକେ ଚାଲିଆସିଲି । ଗୋଟାଏ କଥା ବି ମୋର ବୁଝିବାକୁ ଥିଲା ଆପଣଙ୍କଠାରୁ । ଆଚ୍ଛା, ଆପଣଙ୍କର ଭଣଜା ମାଣିକପ୍ରସାଦ ବର୍ତ୍ତମାନ କେଉଁଠି ?"

Digitized by PPRACHIN, SOA

ଶିବରାମ କହିଲେ, "ସେ ତ ବାହାରେ ଥିଲା । ଏଇ ମାତ୍ର କେତେଦିନ ହେବ ଆସିଚି । ସୁଶୀଳା ମଧ୍ୟ ଛକଟରେ ଆସିଥିବ ମାସେ ଦୁଇମାସ ପାଇଁ । ସବୁତ ତା'ର ବାପଘର ଏଇଥର ଯୋଗାଡ଼ କରିଦେବ । ଗୋଟାଏ ଉଚ୍ଚଶିକ୍ଷିତ ପାତ୍ର ସନ୍ଧାନରେ ଅଛୁ ।"

ମିଷ୍ଟର ଚୌଧୁରୀ କହିଲେ, "ଏଇ ସାମାନ୍ୟ କଥା । ଆପଣଙ୍କ ଝିଅକୁ ପୁଣି ପାତ୍ର ଅଭାବ ! ମୁଁ ଖୁବ୍ ଶିକ୍ଷିତ ଜୁଆଁଇ ଯୋଗାଡ଼ କରିଦେବି । ଆପଣ ଝିଅର ଖଣ୍ଡିଏ ଫଟୋଗ୍ରାଫ୍ ମୋତେ ଦେଇପାରିବେ ?"

ଶିବରାମବାବୁଙ୍କର ଆପତ୍ତି କରିବାର କିଛି ନ ଥିଲା । ସେ ଖୁବ୍ ଖୁସିରେ ଆଲମିରା ଖୋଲି ସୁଶୀଳାର ଖଣ୍ଡିଏ ଅବକ୍ଷ ଫଟୋଗ୍ରାଫ୍ ଆଣିଦେଲେ ମିଷ୍ଟର ଚୌଧୁରୀଙ୍କ ହାତରେ ।

ମିଷ୍ଟର ଚୌଧୁରୀ ଥରେ ଫଟୋଗ୍ରାଫଟା ଉପରେ ଦୃଷ୍ଟି ବୁଲାଇନେଇ ପକେଟରେ ରଖିଲେ ।

ଜଣେ ଭୃତ୍ୟ ଗୋଟାଏ ଟ୍ରେ'ରେ ଦୁଇକପ୍ କଫି ଧରି ପହଞ୍ଚିଲା । ଶିବରାମବାବୁ ଗୋଟିଏ କପ୍ ମିଷ୍ଟର ଚୌଧୁରୀଙ୍କ ହାତରେ ଧରାଇଦେଇ ନିଜେ ଗୋଟିକର ସଦ୍‌ବ୍ୟବହାର କରିବାରେ ଲାଗିଗଲେ ।

କଥାପ୍ରସଙ୍ଗରେ ଶିବରାମବାବୁ କହିଲେ, "ମୋର କେସଟା କ'ଣ ହେଲା ? ସେ ଉଇଲଟା ପାଇଁ ମୁଁ ଖୁବ୍ ଚିନ୍ତିତ ଅଛୁ । ସେଟା ବରଂ ନଷ୍ଟ ହୋଇଗଲେ ମୋର ମନଦୁଃଖ ହୁଅନ୍ତା ନାହିଁ । କିନ୍ତୁ ଅନ୍ୟ କାହା ହାତରେ ପଡ଼ିଗଲେ ମୋର ସର୍ବନାଶ ହୋଇଯିବ ବୋଲି ଜାଣନ୍ତୁ ।"

ମିଷ୍ଟର ଚୌଧୁରୀ କିଛି ନ ଜାଣିବା ପରି କହିଲେ, ଆପଣଙ୍କ ପରି ଜଣେ 'ଧନାଢ୍ୟ ବ୍ୟକ୍ତି ସାମାନ୍ୟ ଉଇଲ୍ ଖଣ୍ଡିକ ପାଇଁ କାହିଁକି ଏତେ ବିଚଳିତ ହୋଇପଡ଼ୁଛନ୍ତି ? ଆପଣ ଇଚ୍ଛା କଲେ ସେ ଖଣ୍ଡିକ ରଦ୍ଦ କରିଦେଇ ଆଉ ଖଣ୍ଡିଏ ସମ୍ପାଦନ କରିପାରନ୍ତି ।"

Digitized by PPRACHIN, SOA

ଶିବସ୍ୱାମବାବୁ ଚୁପ୍ ରହିଗଲେ । ତାଙ୍କ ମୁଖମଣ୍ଡଳରେ ବିଷାଦର ସ୍ପଷ୍ଟ ଛାୟା ଦେଖିପାରିଲେ ମିଷ୍ଟର ଚୌଧୁରୀ । ସାନ୍ତ୍ୱନା ଦେବାକୁ ଯାଇ ସେ ତାଙ୍କୁ ଲକ୍ଷ୍ୟକରି କହିଲେ, "ଆମେ ଚେଷ୍ଟା କରୁଛୁଁ ହଇଲଟା ଉଦ୍ଧାର କରିବା ପାଇଁ । ଆପାତତଃ ଆପଣ ଟିକିଏ ନିଶ୍ଚିନ୍ତ ରହନ୍ତୁ ।'

ଫଟୋଟା ପାଇଲା ପରଠାରୁ ମିଷ୍ଟର ଚୌଧୁରୀଙ୍କର ମନ ଭାରି ଚଞ୍ଚଳ ଥିଲା । ସେ ଖୁବ୍ ଶୀଘ୍ର ଫେରିଯିବାକୁ ଚାହୁଁଥିଲେ । ହଠାତ୍ ଘଣ୍ଟାକୁ ଚାହିଁଦେଇ ଟିକିଏ ଚମକି ପଡ଼ିଲାପରି ହୋଇ କହିଲେ, 'ଆଚ୍ଛା, ମୋର ଜଣେ ବନ୍ଧୁଙ୍କ ସାକ୍ଷାତ୍ କରିବାର ସମୟ ହୋଇଯାଇଛି । କ୍ଷମା କରିବେ, ମୁଁ ପୁଣି ଆସିବି ।"

ଶିବସ୍ୱାମବାବୁ ହସ ହସ ବଦନରେ ତାଙ୍କୁ ବିଦାୟ ଦେଲେ ।

—ଆଠ—

ଯଥା ସମୟରେ ପୂର୍ବରୁ ଅର୍ଥାତ୍ ଘଡ଼ି ନଅଟା ବେଳକୁ ତାରଜନ୍ ପ୍ରସ୍ତୁତ ହୋଇ ପରିତ୍ୟକ୍ତ କୋଠି ନିକଟରେ ପହଞ୍ଚିଲା ବେଳକୁ ସର୍ଦ୍ଦାର ସିଂ ସେଠାରେ ତାର କାମରେ ହାଜର ଥିଲା । ଏପର୍ଯ୍ୟନ୍ତ ନବାଗତ କେହି ସେଠାକୁ ଆସିନାହାନ୍ତି ବୋଲି ତା'ଠାରୁ ଶୁଣିପାରି ସେ ଟିକିଏ ଆଶ୍ୱସ୍ତ ହେଲା ।

ସେତେବେଳକୁ ବାହାରପଟ ଝରକା ଫାଙ୍କରେ ଆଲୁଅ ଅଳ୍ପ ଦେଖା-ଯାଉଥିଲା । ମିଷ୍ଟର ଚୌଧୁରୀ ଯେଉଁପରି ବନ୍ଦ୍ କରିଥିଲେ, ତାରଜନ୍ ଟେପ୍ ରେକର୍ଡରଟାକୁ ସେଇପରି ଖଞ୍ଜି ଦେଇ ରଖିଦେଲା । କୋଠରି ଭିତରେ ସେତେବେଳେ କେବଳ ମିଷ୍ଟର ଜ୍ୟାକ୍ ଏବଂ ମିସ୍ ଏଲିସା ବସି କିଛି ଗୋଟାଏ ଗୁରୁତର ମନ୍ତ୍ରଣା ଖୁବ୍ ଚୁପା ସ୍ୱରରେ କରୁଥିଲେ । ତାରଜନ୍ ଝରକା ଏପଟରୁ ଥାଇ ସେମାନଙ୍କୁ ଦେଖିବା ସଙ୍ଗେ ସଙ୍ଗେ ସେମାନଙ୍କର କଥାବାର୍ତ୍ତା ଶୁଣିବାକୁ ଚେଷ୍ଟା କରୁଥିଲା ।

ମିସ୍ ଏଲିସା ଖୁବ୍ ଆତଙ୍କିତା ହୋଇପଡ଼ିଲା । ସେ ଭୀତ ଦୃଷ୍ଟିରେ ମିଷ୍ଟର ଜ୍ୟାକ୍ ଆଡ଼କୁ ଚାହିଁ କହିଲା, "ଏଥର କଣ କରାଯିବ, ଡ଼ାର୍ଲିଂ ? ଗୁରୁତର ପରିସ୍ଥିତି ପଡ଼ିଯାଗଲା ।"

Digitized by PPRACHIN, SOA

ମିଷ୍ଟର ଜ୍ୟାକ୍ ହସି ହସି ବେପରୱା ଭାବରେ କହିଲେ, "ତୁମେ ଏତେ ନର୍ଭସ ହୁଅ ନାହିଁ, ଏଲ୍‌ସା ! ଏ ଜ୍ୟାକକୁ ତୁମେ ଚିହ୍ନିନ ? ସାରା ଭାରତର ପୋଲିସ ଆଉ ଗୁଇନ୍ଦା ବାହିନୀଙ୍କ ମିଳିତ ଉଦ୍ୟମକୁ ସେ ଫାଙ୍କିଦେଇ ଯାଇପାରେ । ଆମେ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରିବା; ତାପରେ ଦେଖାଯିବ । କିନ୍ତୁ ମୁଁ ଖାଲି ହାତରେ କଦାପି ଫେରୁନାହିଁ । ଚୁକ୍ତି ଅନୁସାରେ ଟଙ୍କା ନେବ ନିଶ୍ଚୟ ।"

"କିନ୍ତୁ ତାଙ୍କର କାମ ତ ସଫଳ ହୋଇପାରିଲାନି । ଉଇଲଟା ହାତଛଡ଼ା ହୋଇଯାଇଛି ।"

"ସେ କିଛି ନୁହେଁ । ଆଉ ଗୋଟାଏ ଉଇଲ ତିଆରି କରାଯିବ । ସବ-ଶେଷକୁ ଉପାୟ...." କଥାକୁ ଅପ୍ରକାଶ୍ୟ ରଖି ସେ ପକେଟରୁ ରିଭଲଭର ବାହାର କରି ଦେଖାଇଲେ ।

"ଜ୍ୟାକ୍ ! ତୁମେ ଏ ବୁଦ୍ଧି ଛାଡ଼ । ହିନ୍ଦୁସ୍ଥାନର ପୋଲିସ ଖୁବ୍ ଦକ୍ଷ । ତୁମେ ସେମାନଙ୍କୁ ଏତେ ସାଧାରଣ ମନେ କରନା ।"

"ଷ୍ଟପ୍ !" ଏଲ୍‌ସାର କଥାରେ ବାଧା ଦେଇ ଟେବୁଲ ଉପରେ ଶକ୍ତ ବିଧାଟାଏ ମାରି ଜ୍ୟାକ୍ ଗର୍ଜିଉଠିଲେ ।

ଏଲ୍‌ସା ଭୟରେ ତୁନି ହୋଇଗଲେ । ବାହାରେ ଗୋଟାଏ ଗାଡ଼ି ଅଟକିବାର ଶବ୍ଦ ଶୁଣାଯାଉଥିଲା । ଜ୍ୟାକ୍‌ର ଇଙ୍ଗିତରେ ଏଲ୍‌ସା ସଜାଡ଼ିହୋଇ ବସିଲେ ଚେୟାର ଉପରେ ।

ଅଳ୍ପ ସମୟ ପରେ ସେ ଘରେ ପ୍ରବେଶ କଲେ ଆଲି ଖାଁ ଏବଂ ଅନ୍ୟ ଜଣେ ଯୁବକ । ଯୁବକ ଖୁବ୍ ଶିକ୍ଷିତ ଏବଂ ପୋଷାକପତ୍ରରୁ ଆଭିଜାତ୍ୟବଂଶ ବୋଲି ଜଣାପଡୁଥାନ୍ତି ।

ମିଷ୍ଟର ଜ୍ୟାକ୍ ଯୁବକଙ୍କୁ ଖୁବ୍ ସମ୍ମାନର ସହିତ ବସାଇଲେ ଗୋଟାଏ ଚୌକିରେ । ତା ପରେ ଗୋଟାଏ ମଦ ବୋତଲ ଆଉ ଗ୍ଲାସ ଆଣି ରଖିଲେ ଟେବୁଲ ଉପରେ ।

Digitized by PPRACHIN, SOA

ଯୁବକଙ୍କର ଏସବୁ ଢଙ୍ଗକୁ ଲକ୍ଷ୍ୟ ନ ଥିଲା । ସେ ବିରକ୍ତ ପ୍ରକାଶ କରି କହିଲେ, "ଏସବୁ କଣ ହେଉଛି, ମିଷ୍ଟର ଜ୍ୟାକ୍ ? ତୁମ ପଛରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଶେଷକୁ ତୁମେ ମୋ ସହିତ ଏ ଧପ୍‌ପାବାଜି ଖେଳିବ ବୋଲି ଆଶା କରି ନ ଥିଲି ।"

ଜ୍ୟାକ୍ ଏ ପ୍ରକାର ଅପମାନସୂଚକ କଥାରେ ଚମକିପଡ଼ି କହିଲା, "ଧପ୍‌ପାବାଜି ! ମୁଁ ଏପର୍ଯ୍ୟନ୍ତ ଆପଣଙ୍କ ଟଙ୍କା ଅନୁଯାୟୀ କାମ କରିଦେଇଛି ।"

"ତେବେ ହଇଲ ନାମରେ ଖାଲି ଆଟାଚିଟାକୁ ପଠାଇଦେଲ, ଲଭ ? ଏଟା କଣ ଧପ୍‌ପାବାଜି ନୁହେଁ ?"

"ଆଶ୍ଚର୍ଯ୍ୟ ! ମୁଁ ନିଜେ ଆଟାଚି ଭିତରେ ହଇଲଟା ରଖିଥିଲି । ତା ଭିତରୁ ସେଟା କିପରି ଅଦୃଶ୍ୟ ହେଲା, ତାହାହିଁ ଆଶ୍ଚର୍ଯ୍ୟ । ଅଥଚ ସିଲ୍ ଠିକ୍ ପଡ଼ିଥିଲା..." ମିଷ୍ଟର ଜ୍ୟାକ୍ ଆଶ୍ଚର୍ଯ୍ୟ ହୋଇ କହିଲା ।

"ସେ ସବୁ ତୁମର ଚାଲାକି । କିନ୍ତୁ ଏକଥା ଯେପରି ମନେ ରହେ ଯେ, ମୋ ସାଥିରେ ଧପ୍‌ପାବାଜି କଲେ ତୁମକୁ ଆଉ ହିନ୍ଦୁସ୍ଥାନ ଛାଡ଼ି ଯିବାକୁ ହେବନି । ଏଇଠି ଆଜୀବନ ଜେଲଖାନାରେ ରହିବାକୁ ପଡ଼ିବ ।"

ଏହା ଶୁଣି ଜ୍ୟାକ୍ ତାଚ୍ଛଲ୍ୟ ସ୍ୱରରେ ହସିଉଠିଲା । ଗୋଟାଏ ନାଟକୀୟ ଭଙ୍ଗୀରେ ଠିଆ ହୋଇପଡ଼ି ସେ କହିଲା, ତା ପୂର୍ବରୁ ତୁମ ହାତରେ ମଧ୍ୟ ହାତକଡ଼ା ପଡ଼ିସାରିଥିବ ମିଷ୍ଟର ପ୍ରସାଦ ! ମୋ ବିରୁଦ୍ଧରେ କୌଣସି ପ୍ରମାଣ ନାହିଁ; କିନ୍ତୁ ତୁମ ବିରୁଦ୍ଧରେ ବହୁତ । ସାବଧାନ ! ନିଆଁକୁ ଫୁଙ୍କି ଜଳାଇବାକୁ ଉଦ୍ୟମ କରୁଛ ତୁମେ ।"

ମିଷ୍ଟର ପ୍ରସାଦ ସମ୍ବୋଧନ ଶୁଣି ଡାଇଜନ୍ ଚମକିପଡ଼ିଲା । ଭାବିଲା, "ଇଏ ତେବେ କେଉଁ ପ୍ରସାଦ ? ମାଣିକପ୍ରସାଦ ନୁହନ୍ତି ତ !" ଶିବରାମବାବୁଙ୍କର ଜଣେ ସମ୍ପର୍କୀୟ ଭଣଜା ମାଣିକପ୍ରସାଦ ବୋଲି ସେ ଜାଣିଥିଲା ମିଷ୍ଟର ଚୌଧୁରୀଙ୍କଠାରୁ ।

Digitized by PPRACHIN, SOA

ଗୋଲମାଳ କ୍ରମେ ବଢ଼ି ଆସୁଥିବା ଦେଖି ଆଲି ଖାଁ ସମସ୍ତଙ୍କୁ ଚୁପ୍ ରହିବାକୁ ଇଙ୍ଗିତ କରି କହିଲା, "ଆପଣମାନେ ଯେପରି ହଲ୍ଲା ଆରମ୍ଭ କଲେଣି, ସେଥିରେ ପୋଲିସକୁ ଡାକିବାକୁ ପଡ଼ିବ ନାହିଁ । ସେ ଆପେ ଆପେ ଚାଲିଆସିବ । ସେସବୁ ଗୋଲମାଲ ପଛକୁ ଥାଉ । ବର୍ତ୍ତମାନ ବି ସମସ୍ତ ଗଡ଼ିଯାଇନାହିଁ । ହଇଲଟା ଚାଲିଗଲେ ଚଳିବ ନାହିଁ । ଆଉ ଗୋଟାଏ ହଇଲ କରାଇନେଇହେବ ।"

ଆଲି ଖାଁର ପରାମର୍ଶ ସମସ୍ତଙ୍କ ମନକୁ ପାଇଲା । ଉପାୟଟା କଣ ଆଲି ଖାଁ ବତାଉଛି ତାହା ଶୁଣିବା ପାଇଁ ସମସ୍ତେ ଉଦ୍‌ଗ୍ରୀବ ହୋଇ ଅପେକ୍ଷା କରି ରହିଲେ ।

ଆଲି ଖାଁ ଏହା ପରେ ଖୁବ୍ ଚୁପ୍‌ଚାପ୍‌ରେ କଣ ସବୁ କହିବାରେ ଲାଗିଲା, ଯାହାକି ଶୁଣାଯାଉ ନ ଥିଲା ତାରକନକୁ । ସେ କାଲି ସେମାନଙ୍କର ହାବଭାବରୁ କିଛି କିଛି ଅନୁମାନ କରୁଥିଲା ଘଟଣାଟା । ମାତ୍ର କିଛି ସମୟ ଲକ୍ଷ୍ୟ କଲାପରେ ସେ ଘଟଣା ସମ୍ବନ୍ଧରେ ଯେତିକି ଜାଣିପାରିଥିଲା, ସେତିକିରେ ତା'ର ଧୈର୍ଯ୍ୟ ଲୋପ ହୋଇଥିଲା । ସର୍ଦ୍ଦାର ସିଂ ଦାୟିତ୍ୱରେ ସବୁ ଛାଡ଼ିଦେଇ ମିଷ୍ଟର ଚୌଧୁରୀଙ୍କୁ ଘଟଣାଟା ତୁରନ୍ତ ଜଣାଇଦେବାପାଇଁ ସେ ଧାଇଁଆସିଲା ।

ମିଷ୍ଟର ଚୌଧୁରୀ ସେଇକ୍ଷଣି ବାହାରୁ ଆସି ଘରେ ପଶୁଥିଲେ । ତାରକନ-ଠାରୁ ସବୁ ଘଟଣା ଶୁଣି ସେ ନିତାନ୍ତ ବିବ୍ରତ ହୋଇପଡ଼ିଲେ । ଅଜୟବାବୁଙ୍କୁ ଲକ୍ଷ୍ୟ କରି ସେ କହିଲେ, "ତୁମେ ପାରିବ, ଅଜୟ ?"

କ'ଣ କରିବାକୁ ହେବ, ତାହା ଠିକ୍ ଜାଣି ନ ପାରି ଅଜୟବାବୁ ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁଲେ ମିଷ୍ଟର ଚୌଧୁରୀଙ୍କ ଆଡ଼େ ।

ମିଷ୍ଟର ଚୌଧୁରୀ ତାଙ୍କର ମନୋଭାବ ବୁଝିପାରି କହିଲେ, "ଆଜି ରାତିକଭିତରେ ପ୍ଳେନ୍ ନେଇ ତୁମକୁ ଲଣ୍ଡନ ଯିବାକୁ ହେବ । ସେଠାରୁ ମିସ୍ ସୁଶୀଲା ଦେବୀଙ୍କୁ ଉଦ୍ଧାର କରିବାକୁ ହେବ କ୍ୟାପ୍ଟେନ୍ର କବଳରୁ । କିନ୍ତୁ ଯଥାସମୟରେ ପହଞ୍ଚି ନ ପାରିଲେ କିମ୍ବା ମିସ୍ ସୁଶୀଲାଙ୍କୁ ଉଦ୍ଧାର କରି ନ ପାରିଲେ ସର୍ବନାଶ । ଏଇ ଗୋଟିଏ କାମ ଉପରେ ଆମର ସଫଳତା ପୂରାପୂରି ନିର୍ଭର କରୁଛି ।"

Digitized by PPRACHIN, SOA

ଏତେ ବଡ଼ ବିରାଟ ଦାୟିତ୍ୱ ନେଇ ତୁଲାଇବାକୁ ଅଜୟବାବୁ ଟିକିଏ ବିଚଳିତ ହୋଇପଡ଼ିଲେ । ରାତାରାତି ଯାଇ ଲଣ୍ଡନର ସ୍କାର୍ଟସାୟାଡରେ ପହଞ୍ଚିବା ଥିଲା ଅତି କଷ୍ଟକର ବ୍ୟାପାର । ପ୍ରଚଣ୍ଡ ବେଗରେ ଜେଟ୍ ବିମାନ ଚଳାଇ ଆସୁଛ କରିପାରୁଥିବା ବ୍ୟକ୍ତି ପକ୍ଷରେ ଏହା କେବଳ ସମ୍ଭବ । ସେଥିରୁ ବିପଦର ଆଶଙ୍କା ଅଛି ପ୍ରଚୁରମାତ୍ରାରେ । ଲଣ୍ଡନର ଘନ କୁହୁଡ଼ିରେ ଯଦି ଜେଟ୍‌ରେ ଦିଗନିରୂପଣ କରି ନ ହେଲା, ତେବେ ସର୍ବନାଶ ।

ଅଜୟବାବୁଙ୍କର ମାନସିକ ଦ୍ୱନ୍ଦ୍ୱ ବେଶ୍ ଲକ୍ଷ୍ୟ କରିପାରୁଥିଲେ ମିଷ୍ଟର ଚୌଧୁରୀ । କାମଟା ଖୁବ୍ ଗୁରୁତର ଥିଲା । ସେ ନିଜେ ଏତେବଡ଼ ଦାୟିତ୍ୱପୂର୍ଣ୍ଣ କାମଟା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନେଇଆଣି ଥୋଇପାରିବେ କି ନା, ସେଥିରେ ତାଙ୍କର ମଧ୍ୟ ସନ୍ଦେହ ଥିଲା ।

“ମୁଁ ଯିବି, ସାର୍ !”

ହଠାତ୍ ତାରଜନ୍ ମୁହଁରୁ ଏକଥା ଶୁଣି ମିଷ୍ଟର ଚୌଧୁରୀ ବିସ୍ମିତ ହୋଇ ତାକୁ ଚାହିଁଲେ । ମୁହଁରେ ତା'ର ଗମ୍ଭୀର ଅସ୍ତ୍ର ଆଉ ଆତ୍ମବିଶ୍ୱାସ ସେ ଲକ୍ଷ୍ୟ କରିପାରିଲେ । ତାରଜନ୍ ଉଡ଼ାଜାହାଜ ଚଳାଇଜାଣେ; କିନ୍ତୁ ପୋଖତ ପାଇଲଟ୍ ନୁହେଁ । ଏ କ୍ଷେତ୍ରରେ କାମ କେତେ ଗୁରୁତ୍ୱପୂର୍ଣ୍ଣ, ବଡ଼ ବଡ଼ ପୋଖତ ପାଇଲଟ୍ ବି ସାହସ କରିପାରିବେ ନାହିଁ । ମାତ୍ର ତାଙ୍କର ଅନ୍ୟ ଉପାୟ ନ ଥିଲା । ସେ ଅନିଚ୍ଛାର ସହିତ ତାରଜନକୁ ତତ୍କ୍ଷଣାତ୍ ଅନୁମତି ଦେଲେ ।

ଆଉ ଡେରି କରିବାକୁ ସମୟ ନ ଥିଲା । ତାରଜନ୍ ଆଉ ମିଷ୍ଟର ଚୌଧୁରୀ ଦ୍ରୁତେ ବିମାନଘାଟି ଅଭିମୁଖେ ଯାତ୍ରା କଲେ ।

ରାତି ଏଗାରଟା ବାଜିଥିଲା । ନିକଟ ଭବିଷ୍ୟତରେ କୌଣସି ପ୍ଲେନ ଆସିବାର ନ ଥିଲା । ସେଥିପାଇଁ ବିମାନଘାଟି ନୀରବ ନିର୍ଜନ ଥିଲା ।

ମିଷ୍ଟର ଚୌଧୁରୀଙ୍କ ନିର୍ଦ୍ଦେଶାନୁସାରେ ତତ୍କ୍ଷଣାତ୍ ଗୋଟାଏ ଶକ୍ତିଶାଳୀ ଏବଂ ଦ୍ରୁତଗାମୀ ଫାଇଟର ଜେଟ୍ ଯୋଗାଇଦେଲେ ବିମାନଘାଟି କର୍ତ୍ତୃପକ୍ଷ ।

Digitized by PPRACHIN, SOA

ତାରଜନ୍ ସିଡ଼ିଦେଇ ଉପରକୁ ଯାଇ ଗୃଳକ ଆସନରେ ବସି ପ୍ଳେନ ଷ୍ଟାର୍ଟ କରିଦେଲା । ମିଷ୍ଟର ଚୌଧୁରୀ ତଳୁ ହାତ ହଲାଇ ବିଦାୟ ଦେଲେ । ସ୍ବହୁଁ ସ୍ବହୁଁ ଫାଇଟର ଜେଟ୍‌ଟା ଅଦୃଶ୍ୟ ହୋଇଗଲା ।

ମିଷ୍ଟର ଚୌଧୁରୀ ଫେରିଆସି ଦେଖିଲେ, ସର୍ଦ୍ଦାର ସିଂ ଆସିଯାଇଛି । ଟେପ୍ ରେକର୍ଡରଟା ମଧ୍ୟ ସାଥିରେ ନେଇଆସିଛି । ମିଷ୍ଟର ଚୌଧୁରୀ ତା'ଠାରୁ ଏତିକି ଜାଣିବାକୁ ପାଇଲେ ଯେ, ସେମାନେ ସମସ୍ତେ ବର୍ତ୍ତମାନ ସୁଦ୍ଧା ସେଇ ଏକାଠି ଭିତରେ ଅଛନ୍ତି ।

ସେଠିକାର ଅବସ୍ଥା ପର୍ଯ୍ୟବେକ୍ଷଣ କରିବାପାଇଁ ତାକୁ ପଠାଇ ଦେଇ ମିଷ୍ଟର ଚୌଧୁରୀ ଆସନ ଗ୍ରହଣ କଲେ । ଗୋଟାଏ ଫାଇଲ ଭିତରୁ ମିସ୍ ଏଲିସାର ଯେଉଁ ଫଟୋଖଣ୍ଡିକ ମିଷ୍ଟର ପଟେଲଙ୍କ କୋଟ ପକେଟରୁ ପାଇଥିଲେ ତାହା ସହିତ ସୁଶୀଳାର ଫଟୋକୁ ମିଳାଇ ଦେଖିଲେ । ଆଶ୍ଚର୍ଯ୍ୟ ! ଅବିକଳ ମିଳିଯାଉଛି ଫଟୋଟା । ବହୁତ ଲକ୍ଷ୍ୟ କଲେ ଜାଣିହେଉଛି ଯେ, ମିସ୍ ଏଲିସାର ବାମ ଆଖିପତାରେ ଗୋଟାଏ ଗ୍ରେଟ ତିଳ ଚିହ୍ନ ଅଛି । କିନ୍ତୁ ସୁଶୀଳାଠାରେ ତାହା ନାହିଁ । ମାତ୍ର କେଶର କାଟିବା ଢଙ୍ଗଢାଙ୍ଗ, ପୋଷାକପତ୍ର ପର୍ଯ୍ୟନ୍ତ ଠିକ୍ ଠିକ୍ ସମାନ ରହିଛି । ନିଜେ ଭଲଭାବରେ ଦେଖିସାରିବା ପରେ ଅଜୟବାବୁଙ୍କ ହାତକୁ ସେ ଦୁଇଖଣ୍ଡି ବଢ଼ାଇଦେଲେ ।

ଅଜୟବାବୁ ସେ ଫଟୋ ଦୁଇଖଣ୍ଡି ବିସ୍ମୟର ସହିତ ମିଳାଇ ଦେଖୁଥିଲେ । ମିଷ୍ଟର ଚୌଧୁରୀ କହିଲେ, "ମୁଁ ଅଧଘଣ୍ଟାଏ ଭିତରେ ଆସୁଛି, ଅଜୟ ! ପୋଲିସ କମିଶନରଙ୍କ ସହିତ ଟିକିଏ କଥାବାର୍ତ୍ତା ଅଛି । ତା'ଛଡ଼ା ଓ୍ୱାର୍‌ଲେସ୍‌ରେ ଲଣ୍ଡନ ସି: ଆଇ: ଡ଼ି: ଅଫିସର ମିଷ୍ଟର ପିଟରସନଙ୍କୁ ଗୋଟାଏ ଖବର ଦେବାକୁ ହେବ । ସେ ଯେପରି ତାରଜନ୍‌କୁ ସବୁପ୍ରକାର ସାହାଯ୍ୟ ଦିଅନ୍ତି ।"

କହୁ କହୁ ସେ ଉଠିଗଲେ । ଅଳ୍ପ ସମୟ ପରେ ତଳେ କାର୍ ଷ୍ଟାର୍ଟ ହେବାର ଶବ୍ଦ ଶୁଣିପାରିଲେ ଅଜୟବାବୁ ।

Digitized by PPRACHIN, SOA

—ନଅ—

ମିଷ୍ଟର ଚୌଧୁରୀ ଯାହା ଆଶଙ୍କା କରୁଥିଲେ, ତାହାହିଁ ହୋଇଥିଲା । ତାରଜନ୍ ଦୁରନ୍ତ ଶବ୍ଦ ଗତିରେ ଜେଟ୍ ବିମାନଟିକୁ ଚଳାଇ ନେଇଥିଲା ଆକାଶ ପଥରେ । ମୁକ୍ତ ଆକାଶରେ ଅଗଣିତ ତାରକା ତା'ର ଚତୁର୍ଦ୍ଦିଗରେ ଘେରିରହି- ଥିଲେ ସୁଦ୍ଧା ସେ ଦିଗକୁ ତା'ର ଦୃଷ୍ଟି ନ ଥିଲା । ସେ ଖୁବ୍ ବ୍ୟସ୍ତ ଥିଲା ଲଣ୍ଡନରେ ପହଞ୍ଚିବାପାଇଁ । ସେଠାରେ ପହଞ୍ଚି ସେ କ'ଣ କରିବ, ତାହାହିଁ ଭାବୁଥିଲା ।

ଭୋର ହେବା ପୂର୍ବରୁ ସେ ଲଣ୍ଡନ ବିମାନଘାଟିରେ ପହଞ୍ଚିଯାଇଥିଲା । ଘନ କୁହୁଡ଼ି ଘେରିରହିଥିଲା ବିମାନଘାଟିକୁ । ରନ୍‌ୱେ ଦେଖିବା ଦୁଃସାଧ୍ୟ ଥିଲା । ବିମାନଘାଟି କର୍ତ୍ତୃପକ୍ଷଙ୍କ ବାରମ୍ବାର ନିଷେଧ ସତ୍ତ୍ୱେ ସେ ସମସ୍ତଙ୍କୁ ଚମକିତ କରି ନିରାପଦରେ ଲ୍ୟାଣ୍ଡିଂ କଲା ।

ଭୀଷଣ ଶୀତ । ଚାରିଆଡ଼େ ବରଫର ଶୁଭ୍ରତା ସୁନ୍ଦର ଦେଖାଯାଉଥାଏ । ଏତେ ଶୀତ ସତ୍ତ୍ୱେ ବି ସି: ଆଇ: ଡି: ମିଷ୍ଟର ପିଟରସନ୍ ବିମାନଘାଟିରେ ଅପେକ୍ଷା କରିଥିଲେ । ଆପାଦମସ୍ତକ ତାଙ୍କର ଗରମ ପୋଷାକରେ ଆବୃତ ଥିଲା । ତାରଜନ୍ ଓହ୍ଲାଇବାମାତ୍ରେ ସେ ଆଗେଇଆସି ତା ସହିତ କରମର୍ଦ୍ଦନ କଲେ । ଦୁଃସାହସର ସହିତ ବିମାନ ଚାଳନା କରି ବିପଜ୍ଜନକ ପଥ ଅତିକ୍ରମ କରି ଆସିଥିବାରୁ ତାକୁ ଅଭିନନ୍ଦନ ଜଣାଇଲେ ମଧ୍ୟ ।

କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ଆଉ ଅପେକ୍ଷା ବା ବିଶ୍ରାମ କରିବାର ଅବସର ନ ଥିଲା । ଗୋଟାଏ ଦ୍ରୁତଗାମୀ ଜିପ୍‌ରେ ମିଷ୍ଟର ପିଟରସନ୍ ଏବଂ ତାରଜନ୍ ଛୁଟି ଚାଲିଲେ ୟର୍କସାୟର ଷ୍ଟ୍ରୀଟ୍ ଅଭିମୁଖେ ।

ଲଣ୍ଡନର ରାସ୍ତା ସେତେବେଳକୁ ସମ୍ପୂର୍ଣ୍ଣ ନିର୍ଜନ ଥିଲା । ରାସ୍ତାର ଅଧିକାଂଶ ସ୍ଥାନ ବରଫାବୃତ ହୋଇଯାଇଥିଲା । ସୂର୍ଯ୍ୟ ଉଦୟ ହେଲା ପରେ ହୁଏତ ଗହଳି ଟିକିଏ ଲାଗିବ । କିନ୍ତୁ ସୂର୍ଯ୍ୟୋଦୟ ସେତେବେଳକୁ ଆହୁରି ଦୁଇ ତିନି ଘଣ୍ଟା ବିଳମ୍ବ ।

Digitized by PPRACHIN, SOA

ସ୍ମାର୍କସାୟାର ଷ୍ଟ୍ରୀଟ୍‌ରେ ପହଞ୍ଚି କୁସ୍ମେଲ ବ୍ୟବସାୟୀ ହରିରାମପ୍ରସାଦଙ୍କ ବାସଭବନ ଖୋଜି ପାଇବାରେ ବିଶେଷ କିଛି କଷ୍ଟ ହେଲ ନାହିଁ । ସେ ଥିଲେ ସେଠାରେ ଜଣେ ବିଖ୍ୟାତ ବଣିକ । ସାଧାରଣ ଶ୍ରେଣୀର ଲୋକମାନଙ୍କ ଅପେକ୍ଷା ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ତାଙ୍କର ପରିଚିତି ଥିଲା ଖୁବ୍ ବେଶି । ସେଇ ଦୃଷ୍ଟିରୁ ମିଷ୍ଟର ପିଟରସନ ମଧ୍ୟ ତାଙ୍କୁ ଚିହ୍ନିଥିଲେ ।

ମିଷ୍ଟର ପିଟରସନ ଆଉ ତାରକନ୍ ଦୁହେଁ ହରିରାମପ୍ରସାଦଙ୍କ ବାସ-ଭବନରେ ପହଞ୍ଚିଲାବେଳକୁ ଦରୱାନ ଜାଗତ ଥିଲା ସଦର ଦରଜାରେ । ତା'ଠାରୁ ଖବର ପାଇ ହରିରାମପ୍ରସାଦଙ୍କ ମ୍ୟାନେଜର୍ ଛୁଟିଆସିଲେ । ତାଙ୍କ ସାମନାରେ ଲଣ୍ଡନର ସି: ଆଇ: ଡ଼ି: ଅଫିସର ଏବଂ ଜଣେ ଭାରତୀୟ ଯୁବକଙ୍କୁ ଦେଖି ସେ ଖୁବ୍ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ ।

ତାରକନ୍ ମ୍ୟାନେଜରଙ୍କୁ ନିଜର ପରିଚୟ ଦେଇସାରି ସୁଶୀଳାର ସଂବାଦ ପଚାରିଲା । କିନ୍ତୁ ତାଙ୍କଠାରୁ ଯାହା ଶୁଣିଲା, ସେଥିରେ ତା'ର ବିସ୍ମୟର ସୀମା ରହିଲ ନାହିଁ । ସୁଶୀଳା ହିନ୍ଦୁସ୍ଥାନରେ ତା ବାପା ଶିବରାମପ୍ରସାଦଙ୍କ ଗୁରୁତର ଅସୁସ୍ଥତାର ଖବର ପାଇ କାଲି ରାତି ବାରଟାରେ ଏଠାରୁ ଚାଲିଯାଇଛି ଘରକୁ ।

ତାରକନ୍ ଯାହା ଆଶଙ୍କା କରୁଥିଲା, ତାହାହିଁ ଘଟିଲା । ଅଥଚ ସେ କାଲି ରାତି ଦଶଟାରେ ଶିବରାମପ୍ରସାଦ ସୁସ୍ଥ ଥିବାର ଜାଣେ । ତା'ର ବ୍ୟସ୍ତତାର ସୀମା ରହିଲ ନାହିଁ । ସେ ବ୍ୟସ୍ତ ସ୍ୱରରେ ପଚାରିଲା, "ଖବର ଆପଣ ଜାଣିଲେ କେଉଁଠୁ ? କିଏ ଦେଇଥିଲା ?"

"ତାଙ୍କର ଭଣଜା ମାଣିକପ୍ରସାଦ ଦେଇଥିଲେ । ଯେଉଁଦିନ ହରିରାମଙ୍କର ମୃତ୍ୟୁ ହୁଏ, ସେଦିନ ମାଣିକପ୍ରସାଦ ଏଠି ଥିଲେ; କିନ୍ତୁ ମିସ୍ ସୁଶୀଳା ନ ଥିଲେ । ମାଣିକପ୍ରସାଦ ତା'ପରେ ଦିନ ଭାରତ ଚାଲିଗଲେ ତାଙ୍କ ମାମୁଁ ଶିବରାମଙ୍କୁ ଖବର ଦେବାପାଇଁ । ସୁଶୀଳା ମଧ୍ୟ ପ୍ୟାରିସରୁ ଖବର ପାଇ ସେଇଦିନ ଫେରିଆସିଲେ । ଇତି ମଧ୍ୟରେ କାଲି ଖବର ଆସିଲା ଯେ, ଭାଇର ମୃତ୍ୟୁ ଖବର ଶୁଣି ଶିବରାମ ଖୁବ୍ ବିଚଳିତ ଓ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି । ଖବରଟା ଶୁଣି ସେ ସଙ୍ଗେ ସଙ୍ଗେ

Digitized by PPRACHIN, SOA

ଖରଚ ଗୃଲଯାଇଛନ୍ତି । ବର୍ତ୍ତମାନ ହୁଏତ ତାଙ୍କ ପ୍ଲେନ୍ ଅଧା ବାଟରେ ହେବଣି ।"

ତାଉଜନ୍ ଦେଖିଲ, ଆଉ ମୁହୂର୍ତ୍ତେ ଡେରି କଲେ ସର୍ବନାଶ । ସେ ମିଷ୍ଟର ପିଟରସନଙ୍କୁ ଅନୁରୋଧ କଲ ତାଙ୍କୁ ତୁରନ୍ତ ବିମାନଘାଟିରେ ପହଞ୍ଚାଇ-ଦେବାପାଇଁ । ମିଷ୍ଟର ପିଟରସନ ଏସବୁ କିଛି ବୁଝିପାରୁ ନ ଥିଲେ । ଅବଶ୍ୟ ବିଷର୍ଜିସ୍ଙ୍କ ଯୋଗୁ ହରିରାମଙ୍କର ମୃତ୍ୟୁ ଘଟିଥିବା ଖବର ତାଙ୍କୁ ଅଜଣା ନ ଥିଲ । ସେ ଘଟଣାଟା ଜାଣିବାକୁ ବ୍ୟଗ୍ର ଥିଲେ ।

ବିମାନଘାଟିରେ ତାଉଜନ ମିଷ୍ଟର ପିଟରସନଙ୍କ ସହିତ ବିଦାୟକାଳୀନ କରମର୍ଦ୍ଦନ କରୁ କରୁ କହିଲ, "ମୋତେ କ୍ଷମା କରିବେ ମିଷ୍ଟର ପିଟରସନ, ସମୟର ଅଭାବ ଯୋଗୁ ସମସ୍ତ ଖବର ମୁଁ ଆପଣଙ୍କୁ ଦେଇପାରୁନାହିଁ । ତେବେ ଯେଉଁ ଦସ୍ୟୁ ମିଷ୍ଟର ଜ୍ୟାକକୁ ଆଜ ସମଗ୍ର ବିଶ୍ୱ ଖୋଜୁଛି, ସେଇ ଦସ୍ୟୁକୁ ହ୍ୟାଣ୍ଡକଫ୍ ପକାଇ ଅଳ୍ପ ଦିନ ମଧ୍ୟରେ ଆପଣଙ୍କ ହାତରେ ସମର୍ପଣ କରିପାରିବୁଁ ବୋଲି ଆମର ଆଶା ଅଛି ।"

ବିମାନ ଘାଟିରେ ବୃହତ୍ତ ଠିକ୍ ଆଗଭଲ ଘେରି ରହିଥିଲ । ତାଉଜନ୍ ନିଜର ଜୀବନକୁ ପାଣି ଛଡ଼ାଇ ସେହି ଘନ ବୃହତ୍ତ ଭିତରେ ଜେଟ୍ ବିମାନଟିକୁ ଉଡ଼ାଇଦେଲ ।

ମିଷ୍ଟର ପିଟରସନ୍ଙ୍କ ଆଖି ବୁଜିହୋଇଗଲ । ସେ ମନେ ମନେ ଭାବିବାକୁ ଲଗିଲେ କି ସାହସ ଏ ଭାରତୀୟ ଯୁବକର ! ବିମାନଘାଟି ଥରେ ଦୁଇଥର ଚକ୍କର ଦେଇ ମେଘୁଆ ଆକାଶରେ ଅଦୃଶ୍ୟ ହୋଇଗଲ ।

× × × ×

ଦମ୍ ଦମ୍ ବିମାନଘାଟିରେ ପହଞ୍ଚିଲ ବେଳକୁ ଦିନ ଆଠଟା ବାଜି-ଯାଇଥିଲ । ସେଠାରେ ପହଞ୍ଚି ତାଉଜନ୍ ବିମାନଘାଟି ଅଫିସରୁ ବୁଝିଲ ଯେ, ଲଣ୍ଡନରୁ ଆସିଥିବା ପ୍ଲେନ୍ଟା ଏଇ ଘଣ୍ଟାଏ ଆଗରୁ ଏଠି ଓହ୍ଲାଇଛି । ସେଥିରେ ମିସ୍ ସୁଶୀଳା ପ୍ରସାଦ ନାମରେ ଜଣେ ମହିଳା ଥିଲେ ।

Digitized by PPRACHIN, SOA

ଖବରଟା ତାରଜନ୍ ପକ୍ଷରେ ସନ୍ତୋଷଜନକ ଥିଲା । ମିସ୍ ସୁଶୀଳା ଏଠାରେ ପହଞ୍ଚାଇଛନ୍ତି ଯେତେବେଳେ, ନିଶ୍ଚୟ ତାଙ୍କର ଘରକୁ ଯାଇଥିବେ । ତଥାପି ମନରେ ଆଶଙ୍କା ଥିଲା ପୁରାମାତ୍ରାରେ । କାରଣ ଗୋଟାଏ ଭୁଲ ସମ୍ବାଦ ଦିଆଯାଇ ତାଙ୍କୁ ଅଣାଯାଇଛି ଏବଂ ଇତିମଧ୍ୟରେ ଘଣ୍ଟାଏ ବିତିଗଲାଣି । ଘଟଣା କଣ ଯେ ଘଟିଯାଇପାରିବଣି କିଏ ଜାଣେ ?

ତାରଜନ୍ ସିଧା ବିମାନଘାଟିରୁ ଗୋଟାଏ ଟ୍ୟାକ୍ସି କରି ମିଷ୍ଟର ଚୌଧୁରୀଙ୍କ ବାସଭବନରେ ପହଞ୍ଚିଗଲା । ମିଷ୍ଟର ଚୌଧୁରୀ ଏବଂ ଅଜୟବାବୁ ତାରଜନକୁ ଦେଖି ବିସ୍ମିତ ହୋଇଗଲେ । ଏତେ ଶୀଘ୍ର ତା'ର ଫେରିଆସିବାର କାରଣଟା କ'ଣ ହୋଇପାରେ, ତାହା ଜାଣିବାପାଇଁ ଖୁବ୍ ବ୍ୟସ୍ତ ହୋଇ-ପଡ଼ିଥିଲେ ।

ତାରଜନ୍ ସଂକ୍ଷେପରେ ସବୁ ଘଟଣା ବର୍ଣ୍ଣନା କରିଗଲା ତାଙ୍କ ଆଗରେ । ମିଷ୍ଟର ଚୌଧୁରୀ ଖୁବ୍ ବ୍ୟସ୍ତ ହୋଇପଡ଼ିଲେ । ସଙ୍ଗେ ସଙ୍ଗେ କାର୍ ଧରି ବାହାରି-ଗଲେ ଶିବରାମପ୍ରସାଦଙ୍କ ବାସଭବନ ଅଭିମୁଖେ ।

ତାରଜନ ଏବଂ ଅଜୟବାବୁ ସର୍ଦ୍ଦାର ସିଂ ଠାରୁ ଖବର ସଂଗ୍ରହ କରିବା ପାଇଁ ଅନ୍ୟ ବାଟରେ ବାହାରିଗଲେ ।

ଏମାନଙ୍କର ପ୍ରଗାଢ଼ ଉଦ୍ୟମ କିନ୍ତୁ ବ୍ୟର୍ଥ ହୋଇଯାଇଥିଲା । ମିଷ୍ଟର ଚୌଧୁରୀ ଶିବରାମପ୍ରସାଦଙ୍କ ବାସଭବନରେ ପହଞ୍ଚି ଦେଖିଲେ ଯେ, ଶିବରାମବାବୁ ନାହାନ୍ତି । ତାଙ୍କର ହେଡ୍ ଗୁମାସ୍ତା ତାଙ୍କୁ ଯେଉଁ ସମ୍ବାଦ ଦେଲା ସେଥିରେ ସେ ବିଚଳିତ ହୋଇପଡ଼ିଲେ । କେତେ ସେକେଣ୍ଡ ପର୍ଯ୍ୟନ୍ତ ତାଙ୍କର କର୍ତ୍ତବ୍ୟ ସେ ସ୍ଥିର କରିପାରିଲେ ନାହିଁ । ଗୁମାସ୍ତା ତାଙ୍କୁ କହିଲା, "ଶିବରାମବାବୁ ଘଣ୍ଟାଏ ହେବ ବାହାରିଗଲେଣି ଏୟାର ଫିଲ୍ଡକୁ ।"

"କିନ୍ତୁ କାହିଁକି ?" ମିଷ୍ଟର ଚୌଧୁରୀଙ୍କ ମନରେ ବିରାଟ ପ୍ରଶ୍ନ ।

"ତାଙ୍କ ଭାଇଙ୍କ ଦେହ ବିଶେଷ ଖରାପ । ଖବର ଦେଇଥିଲେ ତାଙ୍କର ଝିଅ ସୁଶୀଳା ତାଙ୍କ ଭଣଜା ମାଣିକପ୍ରସାଦଙ୍କ ପାଖକୁ । ଖବରଟା ପାଇଲାମାତ୍ରେ ସେ ଅସ୍ତବ୍ୟସ୍ତ ହୋଇ ଚାଲିଗଲେଣି ମାଣିକବାବୁଙ୍କ ସାଙ୍ଗରେ ।"

Digitized by PPRACHIN, SOA

ଦରଆପାର ଟେଲିଗ୍ରାମଟା ଆଣି ତାଙ୍କୁ ଦେଖାଇଲା ଗୁମାସ୍ତା । ସେଟା ଟେବୁଲ ଉପରେ ଥୁଆ ହୋଇଥିଲା । କାଲି ରାତି ବାରଟାରେ ଟେଲିଗ୍ରାମ କରାଯାଇଛି ସୁର୍ଜସାଗ୍ରାର୍‌ରୁ ।

ଘଟଣାଟା ତନ୍ଦ୍ରା କଲ୍ପଷଣି ତାଙ୍କ ଦେହରେ ଚକୁଳ ଲାଗିଗଲା ଯେମିତି । ସେ ପାଗଳଙ୍କ ପରି କାର୍‌ଟା ଛୁଟାଇଦେଲେ ସେ ପରିତ୍ୟକ୍ତ କୋଠିଟା ଆଡ଼େ । ତାଙ୍କର ଧାରଣା ଥିଲା ଯେ, ସେ ପର୍ଯ୍ୟନ୍ତ ସମସ୍ତେ ସେଇଠି ଥିବେ ।

ମାତ୍ର ଦୁର୍ଭାଗ୍ୟ ! ସେଠାରେ ପହଞ୍ଚି ମିଷ୍ଟର ଚୌଧୁରୀ ଦେଖିଲେ, ତାରଜନ୍, ଅଜୟବାବୁ ଏବଂ ସର୍ଦ୍ଦାର ସିଂ ବ୍ୟତୀତ ସେଠାରେ ଆଉ କେହି ନାହାନ୍ତି । ଚଢ଼େଇ ତା'ର ସାଙ୍ଗସାଥୀଙ୍କୁ ଧରି ଉଡ଼ିଯାଇଛି ।

ସର୍ଦ୍ଦାର ସିଂ ତା'ର ଦେଖିଥିବା ଘଟଣା ଗୋଟି ଗୋଟି କରି କହିଗଲା । ସକାଳ ସାତଟାବେଳେ ଜଣେ ତରୁଣୀ, ସେ ମିସ୍ ଏଲିସା ହେବ ବୋଧହୁଏ, ଜଣେ ଭଦ୍ର ଯୁବକଙ୍କ ସହିତ ସେଇ କୋଠିକୁ ଆସିଥିଲେ । ତା'ର ଅଧଘଣ୍ଟାଏ ପରେ ପୁଣି ସେମାନେ ସାଙ୍ଗରେ ସେ ସାହେବଙ୍କୁ ନେଇ ଚାଲିଗଲେ । ସେମାନେ କୁଆଡ଼େ ଗଲେ, ତାହା ଜାଣିହେଲା ନାହିଁ ।

ମିଷ୍ଟର ଚୌଧୁରୀ ଦେଖିଲେ, ସର୍ବନାଶ ହୋଇଯାଇଛି ସତ; କିନ୍ତୁ ଶେଷ ପର୍ଯ୍ୟନ୍ତ ଶେଷ ରକ୍ତ ବିନ୍ଦୁ ଦେଇ ଚେଷ୍ଟା କରିବାକୁ ହେବ । ସଙ୍ଗେ ସଙ୍ଗେ ସେ ଅଜୟବାବୁଙ୍କୁ ବିମାନଘାଟିକୁ ପଠାଇଦେଇ, ନିଜେ ପ୍ରସ୍ତୁତ ହେବାପାଇଁ ତାରଜନ୍‌କୁ ସାଙ୍ଗରେ ନେଇ ଚାଲିଗଲେ ।

ପନ୍ଦର କୋଡ଼ିଏ ମିନିଟ୍ ମଧ୍ୟରେ ସେ ଏବଂ ତାରଜନ୍ ପ୍ରସ୍ତୁତ ହୋଇ ବିମାନଘାଟିରେ ପହଞ୍ଚିଲାବେଳକୁ ଅଜୟବାବୁ ଶୁଖିଲା ମୁହଁରେ ଠିଆହୋଇଥିଲେ । ମିଷ୍ଟର ଚୌଧୁରୀଙ୍କୁ ଦେଖି ସେ ଅତି ଦୁଃଖିତ ହୋଇ କହିଲେ, "ମୁଁ ଆସିବାର ଦଶ ମିନିଟ୍ ଆଗରୁ ପ୍ଲେନ୍ ଛାଡ଼ିଦେଲାଣି ।"

ମିଷ୍ଟର ଚୌଧୁରୀଙ୍କ ମୁଣ୍ଡ ଉପରେ ଆକାଶ ଛିଡ଼ିପଡ଼ିଲା ଯେମିତି । ସେ ପାଗଳଙ୍କ ପରି ଦୌଡ଼ିଗଲେ ବିମାନଘାଟି ଅଫିସକୁ । ସେଠାରେ ଖବର

Digitized by PPRACHIN, SOA

ନେଲେ ଯେ, ବିମାନଟି ରିଜର୍ଭରେ ଯାଇଚି ଶିବରାମପ୍ରସାଦଙ୍କ ନାମରେ । ସେଥିରେ ମାଣିକପ୍ରସାଦ ଏବଂ ରବର୍ଟ ଥୋମାସ୍ ନାମରେ ଦୁଇଜଣ ପାଇଲଟ ଅଛନ୍ତି । ସାଙ୍ଗରେ ମିସ୍ ସୁଶୀଳା ନାମରେ ଜଣେ ମହିଳା ମଧ୍ୟ ଅଛନ୍ତି । ଜିନିଷପତ୍ର ଭିତରେ ଗୋଟାଏ ଖୁବ୍ ଲମ୍ବ ବାକ୍ସ ଅଛି ।

ଘଟଣାଟା କ୍ରମେ ପରିଷ୍କାର ହୋଇଉଠୁଥିଲା ମିଷ୍ଟର୍ ଚୌଧୁରୀଙ୍କ ନିକଟରେ । ସେ ଅଜୟବାବୁ ଏବଂ ତାରଜନଙ୍କୁ ନେଇ ଗୋଟାଏ ଦ୍ରୁତଗାମୀ ଜେଟ୍ ବିମାନ ଛୁଟାଇଦେଲେ ତା ପଛେ ପଛେ । ଆକାଶରୁ ପ୍ରତ୍ୟେକ ବିମାନଘାଟିକୁ ସେ ସତର୍କ କରାଇଦେଲେ ଯେ, ସେ ବିମାନଟା ଯେଉଁଠାରେ ପହଞ୍ଚିବ, ସେଠାରେ ଯେପରି ତାକୁ ଅଟକ କରି ରଖାଯାଏ ।

ମିଷ୍ଟର ଚୌଧୁରୀ ଘଣ୍ଟାକୁ ଦୁଇ ହଜାର ମାଇଲ ବେଗରେ ସ୍ପୀଡ୍ କଣ୍ଟ୍ରୋଲ୍ କରୁ କରୁ କହିଲେ, "ମିଷ୍ଟର ଜ୍ୟାକ୍ ଜଣେ ଦୁର୍ଦ୍ଦାନ୍ତ ପାଇଲଟ୍ । ସେ ରବର୍ଟ ଥୋମାସର ଛଦ୍ମ ନାମ ଧରି ପଳାଇଚି । ଆଚ୍ଛା, ଦେଖାଯାଉ !"

ମିଷ୍ଟର ଚୌଧୁରୀଙ୍କର ଧାରଣା ଥିଲା ଯେ, ଜ୍ୟାକ୍ ନିଶ୍ଚୟ ଲଣ୍ଡନ ବାଟରେ ଯାଇଛି । ସେ ଅନୁମାନ ଉପରେ ପୁରା ନିର୍ଭର କରି ସେଇ ଦିଗକୁ ଗଲେ । ତାରଜନ୍ ଆଉ ଅଜୟବାବୁ ଦୁଇ ଜଣ ଦୁଇଟା ଶକ୍ତିଶାଳୀ ଦୂରବୀକ୍ଷଣ ଲଗାଇ ଚତୁର୍ଦ୍ଦିଗକୁ ନିରୀକ୍ଷଣ କରିବାରେ ଲାଗିଛନ୍ତି ! ଅନ୍ତତଃ ଦୁଇ ଶହ ମାଇଲ ଭିତରେ ଯେକୌଣସି ପଦାର୍ଥ ସେଥିରେ ଦେଖିହେବ ।

ପ୍ରାୟ ହଜାର ମାଇଲରୁ ଊର୍ଦ୍ଧ୍ୱ ଦୂରତା ଅତିକ୍ରମ କଲା ପରେ ଅଜୟବାବୁ ହଠାତ୍ ଗୋଟାଏ ଦିଗକୁ ଲକ୍ଷ୍ୟ କରି ଚିତ୍କାର କରି ଉଠିଲେ, "ଏଇ ! ଏଇ ସେ ପ୍ଲେନ୍‌ଟା, ସାର୍ !"

ମିଷ୍ଟର ଚୌଧୁରୀ ଉତ୍‌ଫୁଲ୍ଲ ହୋଇ ଅଜୟବାବୁଙ୍କ ହାତରୁ ଦୂରବୀକ୍ଷଣଟା ନେଇ ଦେଖିଲେ, ଠିକ୍ ସେଇ ପ୍ଲେନ୍‌ଟା । ସେଟା ଖୁବ୍ ସାଧାରଣ ଗତିରେ ଯାଉଥିଲା । ଚାଳକ ଏବଂ ସେଥିରେ ଥିବା ଆରୋହୀଗଣ କୌଣସି ବିପଦର ଆଶଙ୍କା କରୁ ନ ଥିଲେ ବୋଧହୁଏ । ମାତ୍ର ମିଷ୍ଟର ଚୌଧୁରୀ ପୂର୍ବାପେକ୍ଷା ଆହୁରି ଦ୍ରୁତ-ଗତିରେ ପ୍ଲେନ୍ ଛୁଟାଇଦେଲେ ସେଇଆଡ଼େ ।

Digitized by PPRACHIN, SOA

କ୍ରମେ ଦୁଇ ପ୍ଲେନ୍‌ର ଦୂରତା କମିଆସୁଥିଲା । ଜ୍ୟାକ୍‌ର କିନ୍ତୁ ଜାଣିବାର ଉପାୟ ନ ଥିଲା ଯେ, ତାକୁ ଆଉ ଗୋଟାଏ ପ୍ଲେନ୍ ଅନୁସରଣ କରୁଛି । ମିଷ୍ଟର ଚୌଧୁରୀ ତାଙ୍କର ଜେଟ୍‌ଟାକୁ ନେଇ ଆଗରେ ଯାଉଥିବା ଜେଟ୍‌ର କିଛି ଉପରେ ଉପରେ ସମାନ ଗତି ରଖି ଚଳାଇବାକୁ ଲାଗିଲେ ।

ତଳେ ଯାଉଥିବା ପ୍ଲେନ୍‌ରେ କିନ୍ତୁ ଭୀଷଣ ପୈଶାଚିକ କାଣ୍ଡ ସଂଘଟିତ ହେଉଥିଲା । ଦମ୍‌ଦମ୍ ଘାଟି ଛାଡ଼ିବା ପରେ ପରେ ପ୍ଲେନ୍ ଭିତରେ ବିରାଟ କାଠ ବାକ୍‌ସଟାକୁ ଦେଖି ବଡ଼ ବିସ୍ମିତ ହୋଇପଡ଼ିଥିଲେ ଶିବରାମପ୍ରସାଦ । ସେଟା କ'ଣ ବୋଲି ମାଣିକପ୍ରସାଦକୁ ପଚାରିବାମାତ୍ରେ ସେ ପିଶାଚପରି ହସିଉଠି ବାକ୍‌ସର ଢାଙ୍କୁଣୀ ଖୋଲିଦେଲା । ତା ଭିତରକୁ ଚାହିଁଦେଇ ଶିବରାମବାବୁ ଗୋଟାଏ ଆର୍ତ୍ତ ଚିତ୍କାର କରି ସିଟ୍ ଉପରେ କଲ୍ରାନ୍ତହୋଇ ପଡ଼ିଲେ । କିନ୍ତୁ ମାଣିକପ୍ରସାଦର ସେଇ ବିକଟ ହସ ବନ୍ଦ ହୋଇ ନ ଥିଲା ।

ବୃଦ୍ଧ ଶିବରାମପ୍ରସାଦଙ୍କର ଦେହରେ ସଂଜ୍ଞା ଥିଲା କି ନାହିଁ ସନ୍ଦେହ, କିନ୍ତୁ ଦୃଷ୍ଟି ନିବଦ୍ଧ ଥିଲା କାଠ ବାକ୍‌ସ ଭିତରେ ରଖାଯାଇଥିବା ସୁଶୀଳା ଉପରେ । ସୁଶୀଳାକୁ ବିଷାକ୍ତ ବାଷ୍ପ ସାହାଯ୍ୟରେ ସାମୟିକ ଭାବରେ ଅଜ୍ଞାନ କରି ଦିଆଯାଇ-ଥିଲା । ତା'ର ଚେତା ଫେରି ଆସୁଥିଲା ଧୀରେ ଧୀରେ ।

ଶିବରାମପ୍ରସାଦ ମାଣିକପ୍ରସାଦର ସ୍ୱରୂପ ଏଥର ଦେଖିପାରିଥିଲେ । ରାଗରେ ତାଙ୍କର ଦେହ ଜଳିଯାଉଥିଲା । ସେ ଦାନ୍ତ କଡ଼ମଡ଼ କରି କହିଲେ, "କୁକୁର ! ଶେଷକୁ ଏୟା କଲୁ ? ମୁଁ ଜାଣିଥିଲେ ତୋ'ପରି ନାଗକୁ ଦୁଧ ମହୁ ଦେଇ ପୋଷି ନ ଥାନ୍ତି । ତୁ ପିଶାଚ, ଯେତେବେଳେ ଯାହା ଚାହିଁଚୁ, ସେତେବେଳେ ତାହା ପାଇଚୁ । ଆଉ ଅଧିକ ତୋ'ର କ'ଣ ଲୋଡ଼ା ଥିଲା, କହୁ !"

ମାଣିକପ୍ରସାଦ ପୁଣି ଥରେ ହସି ଉଠିଲା । ସେ ଶିବରାମପ୍ରସାଦଙ୍କ ସାମନା ସେଫା ଉପରେ ବସିପଡ଼ି କହିଲା, "ଏଥର ମୋର ଦରକାର ସେଇ ଗଜାଧରର ନକ୍‌ସା, ଆଉ ସୁଶୀଳା ।"

Digitized by PPRACHIN, SOA

ବୃଦ୍ଧ ଚିତ୍କାର କରି ଉଠିଲେ, "ନା, ନା, ସୁଶୀଳା ତୋ'ର ଭଉଣୀ । ତୁ ସେପରି ଇଚ୍ଛା କଲେ ସର୍ବନାଶ ହୋଇଯିବୁ । ମୁଁ ତୋତେ ଉଇଲରୁ ତ ବଞ୍ଚିତ କରି ନ ଥିଲି !"

ମାଣିକପ୍ରସାଦ କଠୋର କଣ୍ଠରେ କହିଲେ, "ମୋତେ ବଞ୍ଚିତ କରି ନ ଥିଲ, ମୁଁ ଜାଣେ । କିନ୍ତୁ ସୁଶୀଳା ମଲା ପରେ ସମ୍ପତ୍ତିର ଅଧିକାରୀ ମୁଁ ହୋଇଥାନ୍ତି । ଏଥର ସେଇଆ ହେବ । ସୁଶୀଳା ମରିବ, ସମ୍ପତ୍ତି ମୋର ହେବ । ମୁଁ ତାକୁ ଏଇଠି ମର୍ଡର କରିବ ।"

ମିସ୍ ଏଲିସା ସୁଶୀଳାର ଚେତା ଫେରାଇ ଆଣିଥିଲା । ସେ ଗୋଟାଏ ସୋଫା ଉପରେ ବସି ଘଟଣା ସବୁ କ'ଣ ଘଟିଯାଉଛି, ତାହା ବୁଝିବାକୁ ଚେଷ୍ଟା କରୁଥିଲା ।

ବୃଦ୍ଧ ଚିତ୍କାର କରି କହିଲେ, "ନା ନା, ତୁ ସମସ୍ତ ସମ୍ପତ୍ତି ପଛେ ନେ, କିନ୍ତୁ ଆମକୁ ଛାଡି ଦେ ।"

ବୃଦ୍ଧଙ୍କର ଅନ୍ୟ ଉପାୟ ନ ଥିଲା । ତାଙ୍କର ସମସ୍ତ ଦେହ ଘର୍ମାକ୍ତ ହୋଇଉଠିଥିଲା ସେତେବେଳକୁ ।

ମାଣିକପ୍ରସାଦ ହସି ହସି କହିଲେ, "ତେବେ ମୋ ପ୍ରସ୍ତାବ ତ ଗ୍ରହଣ କରିନେବା ଉଚିତ । ସୁଶୀଳା ବଞ୍ଚିବ, ସମ୍ପତ୍ତି ମଧ୍ୟ ପାଇବ, ମୁଁ ବି । ସୁଶୀଳାର ମୋର ବିବାହ ଅସଙ୍ଗତ ନୁହେଁ । ସେ ମୋର ଭଉଣୀ ହୋଇପାରେ; କିନ୍ତୁ ରକ୍ତର କୌଣସି ସମ୍ପର୍କ ନାହିଁ ।"

ଶିବରାମ ଆଉ କ'ଣ କହିଥାନ୍ତେ; କିନ୍ତୁ ଏତିକିବେଳେ ସୁଶୀଳା ତା'ର ବସିଥିବା ଜାଗାରୁ ଉଠିଯାଇ ପଟାସ୍ କରି ଗୋଟାଏ ଚାପୁଡ଼ା କଷିଦେଲା ମାଣିକ-ପ୍ରସାଦ ଗାଲରେ ।

ମୁହୂର୍ତ୍ତକ ପାଇଁ ମାଣିକପ୍ରସାଦର ମୁହଁଟା ଲଜ୍ଜାରେ ଲାଲ ପଡ଼ିଗଲା । ତା'ପରେ ସେ ସୁଶୀଳାର ହାତଟାକୁ ଧରି ଟିକିଆଣିଲା ନିଜ ଆଡ଼କୁ । ସୁଶୀଳା

Digitized by PPRACHIN, SOA

ତା' ଉପରକୁ ଟାଣିହୋଇ ଆସିଲା ମାତ୍ରେ ସେ ତାକୁ ନଜର ଗୋଟାଏ ବାଡ଼ିରେ ଭିଡ଼ିଧରି ହୋ ହୋ ହୋଇ ହସିଉଠିଲା । ବୃଦ୍ଧ ଶିବରାମ ଚିତ୍କାର କରିଉଠିଲେ ।

ମାଣିକପ୍ରସାଦଙ୍କ ଇଙ୍ଗିତରେ ଏକ୍ସଟ୍ରା ଆଟାଚିରୁ ଲେଖା ହୋଇଥିବା ଗୋଟାଏ ଆଣି ଧରିଲା ଶିବରାମଙ୍କ ଆଗରେ ।

ମାଣିକପ୍ରସାଦ କଠୋର କଣ୍ଠରେ କହିଲେ, "ସେଥିରେ ଦସ୍ତଖତ କର । ନଚେତ୍ ତୁମ ଦୁହିଁଙ୍କର ଛୁଟିବାର ନାହିଁ ମୋ ହାତରୁ । ଭଲରେ ନ ହେଲେ ବଳ ପ୍ରୟୋଗ କରି ମୁଁ ମୋର ଉଦ୍ଦେଶ୍ୟ ସାଧନ କରିବି ।"

ବୃଦ୍ଧ ଶିବରାମଙ୍କ ଆଖିରୁ ଟୋପା ଟୋପା ଲୁହ ଖସିପଡ଼ିଲା । ସେ ଥର ଥର ହାତରେ କଲମ ଧରିଲେ ଦସ୍ତଖତ କରିବାପାଇଁ ।

ଏତିକିବେଳେ ଗୋଟାଏ ଅସମ୍ଭାବିତ ଘଟଣା ଘଟିଗଲା । ସୁଶୀଳାକୁ ମାଣିକପ୍ରସାଦ ଜାକିଧରିଥିବା ଅବସ୍ଥାରେ ସୁଶୀଳା ମାଣିକପ୍ରସାଦର କୋଟ୍ ପକେଟରୁ ରିଭଲଭରଟା ବାହାର କରିନେଇ ହଠାତ୍ ନଜର ସମସ୍ତ ଶକ୍ତି ପ୍ରୟୋଗ କରି ଠେଲିଦେଲା ତାକୁ ।

ମାଣିକପ୍ରସାଦ ପ୍ରସ୍ତୁତ ନ ଥିଲା । ସେ ଟିକିଏ ହଟିଗଲା । ଏହି ଅବସରରେ ସୁଶୀଳା ରିଭଲଭର ଉଠାଇ ଧରିଲା ମାଣିକପ୍ରସାଦର ଛାତିକୁ ଲକ୍ଷ୍ୟ କରି । ମାଣିକପ୍ରସାଦର ବୁଦ୍ଧି ହଜିଗଲା ଯେମିତି । ସୁଶୀଳା ନାଗୁଣୀ ପରି ଗର୍ଜନ କରି କହିଲା, "କୁକୁର, ମୋତେ ଭୁଲାଇ ଆଣିବାର ଶାସ୍ତି ପାଅ ଏଥର ।" କହିବା ସଙ୍ଗେ ସଙ୍ଗେ ସେ ରିଭଲଭର ଟ୍ରିଗାର ଦାବିଦେଲା । ଗୁଡ଼ୁମ୍ କରି ଗର୍ଜନ ହେବା ସଙ୍ଗେ ସଙ୍ଗେ ଟିକିଏ ଛଡ଼ାରେ ଠିଆହୋଇଥିବା ମିଷ୍ଟର ଜ୍ୟାକ୍ ଚିତ୍କାର କରି ତଳେ ବସିପଡ଼ିଲା । ସୁଶୀଳାର ଅନଭ୍ୟସ୍ତ ହାତର ଲକ୍ଷ୍ୟ ସ୍ଥିର ହୋଇ ନ ଥିଲା । ତେଣୁ ଗୁଳିଟା ଲକ୍ଷ୍ୟଭ୍ରଷ୍ଟ ହୋଇଗଲା । ମିଷ୍ଟର ଜ୍ୟାକ ପ୍ଲେନ୍‌ର ଗତି ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ମାଣିକପ୍ରସାଦର କାର୍ଯ୍ୟକଳାପ ଦେଖୁଥିଲା । କାରଣ ତା'ର ଏଥିରେ ଯଥେଷ୍ଟ ସ୍ୱାର୍ଥ ଥିଲା । ଉଇଲଟା ସ୍ୱାକ୍ଷର ହେଲା ପରେ ସବୁ ଖର୍ଚ୍ଚପତ୍ର ଯାଇ ତା'ର ପାଞ୍ଚଲକ୍ଷ ଟଙ୍କା ପାଇବାର ଚୁକ୍ତିଥିଲା ।

Digitized by PPRACHIN, SOA

ଗୁଳିଟା ଜ୍ୟାକ୍‌ର ବାହୁରେ ବିଦ୍ଧ ହୋଇ ରହିଥିଲା । ସେ ଯନ୍ତ୍ରଣାରେ ବିକଟ ଚିତ୍କାର କରୁଥିଲା । କ୍ଷତ ସ୍ଥାନରୁ ବହୁତ ରକ୍ତସ୍ରାବ ହେବାକୁ ଆରମ୍ଭ କଲା । ଏଲିସା ଅଗତ୍ୟା ଉପାୟ ନ ଦେଖି ଧାଇଁଗଲା ଜ୍ୟାକ୍ ନିକଟକୁ । ଏଇ ଅବସରରେ ସାମାନ୍ୟ ଅନ୍ୟମନସ୍କ ହୋଇପଡ଼ିଥିଲା ସୁଶୀଳା । ସେଇଟାକୁ ଗୋଟାଏ ବଡ଼ ସୁଯୋଗ ବୋଲି ସେ ଧରିନେଲା । ସେ ହଠାତ୍ ତା'ର ଗୋଡ଼ରେ ବଲ୍ ମାରିଲା-ପରି ମାରିଦେଲା ସୁଶୀଳାର ରିଭଲଭର ଧରା ହାତକୁ । ସୁଶୀଳା ପ୍ରସ୍ତୁତ ନ ଥିଲା । ସେହି ଆଘାତରେ ସେ ଚିତ୍କାର କରିଉଠିଲା । ରିଭଲଭରଟା ତା ହାତରୁ ଛିଟିକି-ପଡ଼ିଲା । ତତ୍‌କ୍ଷଣାତ୍ ମାଣିକପ୍ରସାଦ ଖପ କରି ଉଠାଇନେଲା ରିଭଲଭରଟା । ସେଟାକୁ ସେ ଶିବରାମଙ୍କ ଆଡ଼କୁ ବାଗେଇ ଧରି ଆଦେଶ ଦେବା ଭଙ୍ଗୀରେ କହିଲା, "ଏଥର ଦୁଇଟି କଥା ! ସ୍ୱାକ୍ଷର ଅଥବା ମୃତ୍ୟୁ । ମାତ୍ର ପାଞ୍ଚମିନିଟ୍ ସମୟ ଦେଲି ।"

ବୃଦ୍ଧ ନିତାନ୍ତ ଅସହାୟ ଦୃଷ୍ଟିରେ ଚାହିଁଲେ ସୁଶୀଳାଆଡ଼େ । ସୁଶୀଳା ତଳେ ପଡ଼ିଯାଇଥିଲା ସେତେବେଳକୁ । ତାଙ୍କ ଆଗରେ ଯମ ପରି ଠିଆ ହୋଇ-ଥିଲା ମାଣିକପ୍ରସାଦ ରିଭଲଭର ଧରି ।

ଏତେଗୁଡ଼ାଏ ଘଟଣା ଯେତେବେଳେ ତଳ ପ୍ଲେନ୍‌ରେ ଘଟୁଥିଲା, ସେତେବେଳେ ଉପରେ ମିଷ୍ଟର ଚୌଧୁରୀ, ଡାରଜନ୍ ଏବଂ ଅଜୟବାବୁ ଏ ସବୁ କିଛି କିଛି ଜାଣିପାରୁଥିଲେ । ମାତ୍ର ଉପାୟ କିଛି ନ ଥିଲା । ପ୍ଲେନ୍‌କୁ ଫେରାଇ ନେବାପାଇଁ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ଜ୍ୟାକ୍ କିଛି ଶୁଣୁ ନ ଥିଲା । ଇଚ୍ଛା କରିଥିଲେ ଉପରୁ ଗୁଳି କରି ପ୍ଲେନ୍‌ଟାକୁ ଖସାଇଦେଇ ହୋଇଥାନ୍ତା, କିନ୍ତୁ ତଦ୍ୱାରା ଦୋଷୀ ନିର୍ଦ୍ଦୋଷ ସମସ୍ତଙ୍କର ପ୍ରାଣହାନି ହୋଇଥାନ୍ତା । କିନ୍ତୁ ଯେତେବେଳେ ରିଭଲଭର ଆବାଜ ସଙ୍ଗେ ସଙ୍ଗେ ଚିତ୍କାର ଶୁଣାଗଲା, ଡାରଜନ ଆଉ ସ୍ଥିର ହୋଇ ରହିପାରିଲା ନାହିଁ । ସେ ଉଠି ଠିଆହୋଇପଡ଼ିଲା । ମିଷ୍ଟର ଚୌଧୁରୀ ବିସ୍ମିତ ହୋଇ ତାକୁ ଚାହିଁଲେ । ଡାରଜନ କହିଲା, "ମୁଁ ଆର ପ୍ଲେନ୍‌କୁ ଯିବ, ସାର୍ । ଆପଣ ସାହାଯ୍ୟ କରନ୍ତୁ ।"

Digitized by PPRACHIN, SOA

ମିଷ୍ଟର ଚୌଧୁରୀ ହସି ହସି କହିଲେ, "ଏଟା ପିଲାଖେଳ ନୁହେଁ । ତୁମେ କଣ ପାଗଳ ହେଲ ?"

ତାରଜନ୍ ଦୃଢ଼ସ୍ୱରରେ ଉତ୍ତର ଦେଲା, "ଯାହା ହେଉ, ମୁଁ ଯିବ । ଆମେ ଏଇଭଳି ଭାବରେ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଗଲେ କିଛି ଫଳ ନାହିଁ । ହୁଏ ତ ଲକ୍ଷ୍ୟସ୍ଥଳରେ ପହଞ୍ଚିଲାବେଳକୁ ସବୁ ଶେଷ ହୋଇଯାଇଥିବ । ତା' ପୂର୍ବରୁ ଥରେ ଚେଷ୍ଟା କରି ନ ଯିବ କାହିଁକି ?"

ତାରଜନର ସାହସ ଏବଂ ବୋଧଶକ୍ତି ଦେଖି ମିଷ୍ଟର ଚୌଧୁରୀ ଲଜ୍ଜିତ-ହୋଇ ନୀରବ ରହିଲେ ।

ତାରଜନ ନିଜର ଅଣ୍ଟାରେ ଶକ୍ତ ଭାବରେ ଗୋଟାଏ ରସି ବାନ୍ଧି ଦୁଇ ପକେଟରେ ଦୁଇଟା ପୁରି ଗୁଳିଭରି ରିଭଲଭର ଲୋଡ୍ କରି ରଖିଲା । ଦଉଡ଼ିର ଗୋଟାଏ ମୁଣ୍ଡ ପ୍ଳେନ୍‌ର ସିଟ୍‌ରେ ବାନ୍ଧି ମିଷ୍ଟର ଚୌଧୁରୀଙ୍କୁ କହିଲା, "ଆପଣ ତଳ ପ୍ଳେନ୍‌ର ଠିକ୍ ଉପରେ ଅଳ୍ପ ଦୂରତାରେ ସମାନ ଗତି ରଖି ଚଳନ୍ତୁ ।" କହିବା ସଙ୍ଗେ ସଙ୍ଗେ ପ୍ଳେନ୍ ଦରଜା ଖୋଲି ଦଉଡ଼ା ଧରି ଝୁଲିପଡ଼ିଲା । ମିଷ୍ଟର ଚୌଧୁରୀ ଆଉ ଅଜୟବାବୁ ସ୍ଥାଣୁପରି ଗୁହିଁ ରହିଥିଲେ ଏଇ ଦୁର୍ଦ୍ଦାନ୍ତ ଯୁବକର କାର୍ଯ୍ୟକଳାପକୁ । ତାରଜନ୍ ଦଉଡ଼ାକୁ ଧରି ଖସିବା ସଙ୍ଗେ ସଙ୍ଗେ ବାୟୁର ଚାପରେ ପ୍ରଥମେ ଖୁବ୍ ବେଗରେ ଦୋହଲିଗଲା କେତେଥର, ତା'ପରେ ନିଜକୁ ସ୍ଥିର କରି ତଳ ପ୍ଳେନ୍‌ର ଉପରେ ଠିଆହେଲା । ଏଥର ସେ ପ୍ଳେନ୍ ଭିତରର କଥାବାର୍ତ୍ତା ସ୍ପଷ୍ଟ ଶୁଣିପାରୁଥିଲା । ବହୁ ଚେଷ୍ଟା କରି ସେ ପ୍ଳେନ୍‌ର ଦ୍ୱାରି ଉପରେ ଝୁଲିପଡ଼ିଲା ଏବଂ ହାତରେ ଟାଣି ତା'ର ହୁକ୍ ଖୋଲିଦେଲା ।

ଠିକ୍ ଯେତିକିବେଳେ ମାଣିକପ୍ରସାଦ ରିଭଲଭର ଧରି ଠିଆହୋଇଗଲା, ସେତିକବେଳେ ଝଡ଼ପରି ଦରଜାଟା ଖୋଲିଦେଇ ତାରଜନ୍ ଭିତରକୁ ଝାମ୍ପିପଡ଼ିଲା । ଦୁଇ ହାତରେ ତାର ଦୁଇଟା ରିଭଲଭର ଉଦ୍ୟତ ହୋଇ ରହିଥିଲା ଆଗକୁ ।

ହଠାତ୍ ସାମନାରେ କାଳାନ୍ତକ ଯମକୁ ଦେଖିଥିଲେ ଯେତେ ଭୀତ ନ ହୋଇଥାନ୍ତା, ମାଣିକପ୍ରସାଦ ତା'ଠାରୁ ଅଧିକ ଭୀତ ହୋଇପଡ଼ିଲା । ତାରଜନର ଅପେକ୍ଷା କରିବାକୁ ଧୈର୍ଯ୍ୟ ନ ଥିଲା । ସେ ବାଘ ପରି କୁଦିପଡ଼ିଲା ମାଣିକପ୍ରସାଦ

Digitized by PPRACHIN, SOA

ଉପରକୁ । ଶିକାରୀ ବଗୁଲ୍ଲ ପାଖରେ ମୂଷାର ଅବସ୍ଥା ଯାହା, ଏଠାରେ ମାଣିକ-ପ୍ରସାଦର ଅବସ୍ଥା ଠିକ୍ ତାହାହିଁ ହେଲା । ତାରଜନର ପ୍ରଚଣ୍ଡ ମୁଷ୍ଟି ଆଘାତରେ ସେ ମୂର୍ଚ୍ଛା ହୋଇ ପଡ଼ିଗଲା । ତା ହାତର ରିଭଲଭର ଛିଟିକପଡ଼ିଲା । ସେଟାକୁ ଉଠାଇନେଇ ତାରଜନ୍ ବଢ଼ାଇଦେଲା ସୁଶୀଳା ହାତକୁ ।

ମିଃ ଜ୍ୟାକ୍ ଉତ୍କଣ୍ଠାରେ ଅଧୀର ହେଉଥିଲା । ଉପସ୍ଥିତ ବିପଦକୁ ଦେଖି ବାଁ ହାତରେ ରିଭଲଭର ବାହାର କରିବାକୁ ପକେଟରେ ହାତ ପୂରାଇଲା । କିନ୍ତୁ ତା'ର ହାତ ସେଇ ଅବସ୍ଥାରେ ରହିଗଲା । ତାରଜନ୍ କୁଦିପଡ଼ିଲା ତା ଉପରକୁ । ତା'ର ତଣ୍ଟିକୁ ଚିପି ଟେକ କରିଦେଲା ଦୁଇ ଫୁଟ ଉପର । ସେତିକିରେ ସେ ଅଜ୍ଞାନ । ତା' ପକେଟରୁ ରିଭଲଭରଟା ଟାଣିଆଣି ବଢ଼ାଇଦେଲା ଶିବରାମପ୍ରସାଦଙ୍କ ହାତକୁ ।

ମିସ୍ ଏଲିସା ହଠାତ୍ କ'ଣ କରିବ ଭାବୁ ଭାବୁ ତାରଜନ୍ ତାର ବବ୍‌କଟ୍ କେଶକୁ କଷିକରି ଝିଙ୍କାଟାଏ ଦେଇ ଗର୍ଜନ କରି କହିଲା, "ଏ, ମାଇ କୁତ୍ତୀ ! ଟିକିଏ ହଲଚଲ ହେଲେ ତତେ ତଳକୁ ଫିଙ୍ଗିଦେବି ।" ପ୍ରାଣଭୟରେ ଏଲିସା ଚୁପ୍‌ଚାପ୍ ବସିରହିଲା ।

ସୁଶୀଳା ଆଉ ଶିବରାମପ୍ରସାଦ ଦୁହେଁ ଉଦ୍ୟତ ରିଭଲଭର ହସ୍ତରେ ଜଗିରହିଲେ ।

ତାରଜନ୍ ଇଞ୍ଜିନ୍ ପାଖକୁ ଯାଇ ଗତି ନିୟନ୍ତ୍ରଣ କରୁ କରୁ ମିଷ୍ଟର୍ ଚୌଧୁରୀଙ୍କ ସହିତ ବେତାର ସଂଯୋଗ ସ୍ଥାପନ କଲା । ସେଇ ଆକାଶ ମାର୍ଗରୁ ମିଷ୍ଟର ଚୌଧୁରୀ ଏବଂ ଅଜୟବାବୁ ତାକୁ ଅଭିନନ୍ଦନ ଜଣାଇଲେ ।

* * *

ଦମ୍ ଦମ୍ ବିମାନଘାଟିରେ ଦୁଇଟାଯାକ ବିମାନ ଲ୍ୟାଣ୍ଡିଂ କଲାବେଳକୁ ଉଚ୍ଚ ପୋଲିସ କର୍ମଚାରୀଗଣ ଅପେକ୍ଷା କରିଥିଲେ । ଚତୁର୍ଦ୍ଦିଗରେ ସଶସ୍ତ୍ର ପୋଲିସ ପହରା ରଖାଯାଇଥିଲା । ତା'ଛଡ଼ା ସାଧାରଣ ଉତ୍ସୁକ ଜନତା ମଧ୍ୟ ହଜାର ହଜାର ସଂଖ୍ୟାରେ ରୁଣ୍ଡ ହୋଇଥିଲେ ।

ଦୁଇଟାଯାକ ପ୍ଲେନ୍ ଲ୍ୟାଣ୍ଡିଂ କଲାମାତ୍ରେ ଭିତରୁ ଓହ୍ଲାଇଆସିଲେ ମିଷ୍ଟର ଚୌଧୁରୀ ଆଉ ଅଜୟବାବୁ । ତା'ପରେ ତାଙ୍କ ନିର୍ଦ୍ଦେଶରେ ଦ୍ୱିତୀୟ ପ୍ଲେନ୍‌ରୁ ହାତକଡ଼ି ପକାଇ ଅଣାଗଲା ମିଷ୍ଟର୍ ଜ୍ୟାକ୍, ମିସ୍ ଏଲିସା ଆଉ ମାଣିକପ୍ରସାଦଙ୍କୁ ।

Digitized by PPRACHIN, SOA

ଏମାନଙ୍କୁ ଅଭିନନ୍ଦନ ଜଣାଇବାପାଇଁ ଯେତକ ଫୁଲମାଳ ଆସିଥିଲା, ସବୁକୁ ମିଷ୍ଟର ଚୌଧୁରୀ ଲମ୍ବାଇଦେଲେ ଆକାଶବିଜୟୀ ତାରଜନ୍ ଗଳାରେ ।

* *

ପରଦିନ ସମ୍ବାଦପତ୍ରରେ ଏ ଗୃଞ୍ଜଲକର ବିବରଣୀ ଏବଂ ତାରଜନର ବୀରତ୍ୱ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକେ ବିସ୍ମିତ ହୋଇଯାଇଥିଲେ ଏବଂ ଏ ଭାରତୀୟ ବୀର ଯୁବକ ପ୍ରତି ଗଭୀର ଶ୍ରଦ୍ଧା ଜ୍ଞାପନ କରିଥିଲେ ।

ସବୁରି ମୁହଁରେ ସବୁ ସ୍ଥାନରେ ତାରଜନ୍‌ର ପ୍ରଶଂସା ।

—ଦଶ—

ମାସକ ପରେ—

ବିଚାରାଳୟରେ ଗୃଞ୍ଜଲକର ବିବରଣୀ ଉପସ୍ଥାପନ କଲେ ମିଷ୍ଟର ଚୌଧୁରୀ, ଯାହା ଫଳରେ ମିଷ୍ଟର୍ ଜ୍ୟାକ୍ ଓ ଆଲ୍ ଖାଁଙ୍କୁ ଯାବଜ୍ଜୀବନ ସଶ୍ରମ କାରାଦଣ୍ଡ ଏବଂ ମିସ୍ ଏଲିସାଙ୍କୁ ପାଞ୍ଚବର୍ଷ ଓ ମାଣିକପ୍ରସାଦଙ୍କୁ ଦଶବର୍ଷ ସଶ୍ରମ କାରାଦଣ୍ଡ ପୁରସ୍କାର ମିଳିଥିଲା ।

ତାରଜନର ଅପୂର୍ବ ବୀରତ୍ୱ ଓ ସାହସିକତା ପାଇଁ ରାଷ୍ଟ୍ରପତି ତା'ର ଗ୍ରୀବରେ ବିଶିଷ୍ଟ ସେବା ପଦକ ଦେଇ ସମ୍ମାନିତ କରିଥିଲେ ।

ଗୋଟିଏ ଶାନ୍ତ ସୁନ୍ଦର ସନ୍ଧ୍ୟାରେ ଶିବରାମବାବୁ କେତେ ଜଣ ବିଶିଷ୍ଟ ପୋଲିସ କର୍ମଚାରୀ ଓ ନାଗରିକଙ୍କୁ ନିମନ୍ତ୍ରଣ କରିଥିଲେ । ମିଷ୍ଟର ଚୌଧୁରୀ, ତାରଜନ ଏବଂ ଅଜୟବାବୁ ମଧ୍ୟ ବିଶେଷ ଭାବରେ ନିମନ୍ତ୍ରିତ ହୋଇ ଆସିଥିଲେ ।

ମିଷ୍ଟର ଚୌଧୁରୀଙ୍କ ପରାମର୍ଶରେ ତାରଜନ ଯେ କିପରି ଅସାଧ୍ୟ ସାଧନ କରିପାରିଛି, ତାହା ଆଲୋଚନା କରି ସମସ୍ତେ ବିସ୍ମିତ ହେଉଥିଲେ । ଶିବରାମପ୍ରସାଦ ଗଳ୍ପଛଳରେ ମିଷ୍ଟର ଚୌଧୁରୀଙ୍କୁ ଲକ୍ଷ୍ୟ କରି କହିଲେ, "ମାଣିକପ୍ରସାଦଙ୍କୁ ଆପଣ କିପରି ସନ୍ଦେହ କଲେ, ତା ମୁଁ ଜାଣିପାରିଲି ନାହିଁ । ସେ ଯେ ଏପରି କାମ କରିପାରେ, ତାହା ମୁଁ ସ୍ୱପ୍ନରେ ବି ଚିନ୍ତା କରି ନ ଥିଲି ।"

Digitized by PPRACHIN, SOA

ମିଷ୍ଟର ଚୌଧୁରୀ ହସି ହସି କହିଲେ, "ମୁଁ ମଧ୍ୟ ପ୍ରଥମେ ତା କଥା ଧାରଣା କରି ନ ଥିଲି । କିନ୍ତୁ ମିଷ୍ଟର ପଟେଲଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରୁ କରୁ ସେ ମୋର ତଦନ୍ତର ପରିସର ଭିତରକୁ ଆସିଗଲା । ମିଷ୍ଟର ପଟେଲ ସେଉଁଦିନ ଉଇଲଟା ଦସ୍ତଖତ କରି ହରିରାମପ୍ରସାଦଙ୍କଠାରୁ ଆଣିଲେ, ସେଦିନ ସେ ସେଠାରେ ଥିଲା ଏବଂ ଉଇଲଟା ପଢ଼ିଥିଲା । ଉଇଲର ସର୍ତ୍ତ ତାକୁ ଲଳାୟିତ କରିଥିଲା । ସେଥିପାଇଁ ମିଷ୍ଟର ପଟେଲଙ୍କ ପଛେ ପଛେ ସେ ମିଷ୍ଟର ଜ୍ୟାକ୍ ଆଉ ମିସ୍ ଏଲିସାଙ୍କୁ ଉଇଲଟା ହସ୍ତଗତ କରିବାକୁ ଉଠାଇଥିଲେ ।

"ତା'ପରେ ସେଦିନ ରାତିରେ ହରିରାମପ୍ରସାଦଙ୍କୁ ବିଷ ଦେଇ ସେ ହତ୍ୟା କଲା ଏବଂ ନିର୍ଦ୍ଦୋଷ ହୋଇ ସେ ସଂବାଦ ଶିବରାମଙ୍କୁ ଦେବାପାଇଁ ହିନ୍ଦୁସ୍ଥାନ ପଳାଇଆସିଲା । ପରେ ଏଠାରେ ଯାହା କଲା, ଆପଣ ଜାଣନ୍ତି । ତା'ର ବ୍ୟବସ୍ଥା ଅନୁସାରେ ହିନ୍ଦୁସ୍ଥାନରୁ ତାର କରାଯାଇଥିଲା ସୁଶୀଳା ପାଖକୁ ଯେ, ବାପା ବେମାର ଓ ଶୀଘ୍ର ଆସିବାକୁ ଏବଂ ଠିକ୍ ସେହି ସମୟରେ ଲଣ୍ଡନରୁ ଟେଲିଗ୍ରାମ କରାଯାଇଥିଲା ଶିବରାମଙ୍କୁ ଯେ, ହରିରାମ ଗୁରୁତର ଅସୁସ୍ଥ, ଶୀଘ୍ର ଲଣ୍ଡନ ଆସିବାକୁ । ହରିରାମଙ୍କ ମୃତ୍ୟୁ ସଂବାଦ ମାଣିକପ୍ରସାଦ ଲୁଚାଇଥିଲା ।"

"ସେ ବିମାନଘାଟିରୁ ସୁଶୀଳାକୁ ନିଜର ଦରଜ୍ୟଙ୍କ କୋଠିକୁ ନେଇ ସେଠାରେ ତାକୁ ସଂଜ୍ଞାଶୂନ୍ୟ କରାଇ ଦେଇଥିଲା ଏବଂ ଗୋଟାଏ କାଠ ବାକ୍ସରେ ରଖି, ବିଦେଶୀ କମ୍ପାନୀର ପ୍ଲେନ୍ ରିଜର୍ଭ କରି ସେଥିରେ ତାକୁ ଲଦି, ସାଙ୍ଗରେ ଶିବରାମଙ୍କୁ ନେଇ ପଳାଇଥିଲା । ଏହି ପଳାୟନରେ ସାଧାରଣ ମନରେ ଭୁଲ ଧାରଣା ସୃଷ୍ଟି କରିବା ପାଇଁ ତାକୁ ମିସ୍ ଏଲିସା ଖୁବ୍ ସାହାଯ୍ୟ କରିଛି । କାରଣ ମିସ୍ ଏଲିସା ଏବଂ ସୁଶୀଳା, ଏ ଦୁହିଁଙ୍କ ଚେହେରାରେ ବହୁ ସାମ୍ୟ ରହିଛି ।

"ସେ ଯାହାହେଉ, ଏ ବିରାଟ ସଫଳତା କେବଳ ଦୁର୍ଦ୍ଦାନ୍ତ ତାରକନାଥ ଯୋଗୁ ସମ୍ଭବ ହୋଇପାରିଛି । ସେ ନ ଥିଲେ ଆମେ ଗୋଟିଏ ପାହୁଣ୍ଡ ସୁଦ୍ଧା ଆଗେଇପାରି ନ ଥାନ୍ତୁ । ତେଣୁ ତାରକନାଥ ଅଭିନନ୍ଦନୀୟ । ଭଗବାନ୍ ତାକୁ ଯଶସ୍ୱୀ କରନ୍ତୁ । ଏପରି ଦୁଃସାହସୀ ଯୁବକ ଯୁଗେ ଯୁଗେ ଭାରତରେ ଜନ୍ମ ହୋଇ ମାତୃଭୂମିର ଟେକ ରଖନ୍ତୁ ।"

Digitized by PPRACHIN, SOA